
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଫେବୃଆରୀ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଏକାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, February 2020, Issue No. XI
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

**ପ୍ରବୃଦ୍ଧି ବିହାର ପାଦପଦ୍ମ ମୁଣ୍ଡିଆ**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୦୭

**କ୍ରୋଧି ସିଂହ**
- ଅଙ୍କିତା ପାଢ଼ୀ ୦୯

**ଭାଗ୍ୟ ବଦଳିଲା ନୂଆବର୍ଷରେ**
- ମହେଶ୍ୱର ସାହୁ ୧୧

**ରକ୍ଷିତା**
- ରୀତାଞ୍ଜଳି ପ୍ରଧାନ ୧୫

**ଆଣ୍ଠୁକୁଡ଼ୀ**
- ଶରତ କୁମାର ସାହୁ ୧୭

**ବୁଲି ବଲିଆ ୱାଚ୍‌ମ୍ୟାନ୍**
-ବନଲତା ସିଂ ୨୪

**ନିର୍ବିକାର ଦାବୀ**
- ରାଧାକାନ୍ତ ଦାସ ୨୭

**ମା' ର ମମା**
- ସ୍ମୃତି ସନ୍ଧ୍ୟା ମିଶ୍ର ୩୧

**ଈଶ୍ୱରଙ୍କ ନିର୍ଦ୍ଦେଶ**
- ଗୀତାଞ୍ଜଳି ନାୟକ ୩୨

**ଆୱାର୍ଡ଼ ନେବ ଆୱାର୍ଡ଼**
- ଡଃ ରିନା ରାଉତରାୟ ୩୫

**ଏ କାହାଣୀ ମିଛ ନୁହେଁ**
- କାବ୍ୟ ଭୂଷର ଶିବପ୍ରସାଦ ବାହିନୀପତି ୩୭

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ....................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ..................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................ ତାରିଖ.....................................

ବ୍ୟାଙ୍କ୍......................................... ସ୍ଥାନ.......................................................

ତାରିଖ........................................ ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ପ୍ରବୁଦ୍ଧ ବିହାର ପାଦପଦ୍ମ ମୁଣ୍ଡିଆ

- ଅଧ୍ୟାପକ ପବିତ୍ର ମୋହନ ବାରିକ

ମନ୍ଦିରମାଳିନୀ ଐତିହାସିକ ନଗର ଭୁବନମୋହିନୀ ଭବନେଶ୍ୱର ଉତ୍ତର-ପଶ୍ଚିମ ଦିଗରେ ଐତିହ୍ୟସଂପନ୍ନ ଗ୍ରାମ ଅନ୍ଧାରୁଆ ଜଗନ୍ନାଥ ପ୍ରସାଦ ଅବସ୍ଥିତ । ପ୍ରତ୍ୟେକ ଐତିହାସିକ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ରଚିତ 'ଖୋରଧା ଇତିହାସ'ରେ ବର୍ଣ୍ଣିତ ୭୩ ଗଡ଼ ମାନଙ୍କ ମଧ୍ୟରୁ ଅନ୍ଧାରୁଆଗଡ଼ ଅନ୍ୟତମ । ଓଡ଼ିଶାର ନିଜସ୍ୱଧର୍ମ ଓ ବିଶ୍ୱର ସର୍ବକନିଷ୍ଠ ଧର୍ମ ମହିମା ଧର୍ମ ସହିତ ଅନ୍ଧାରୁଆ ଗ୍ରାମର ନିବିଡ଼ ଓ ଆତ୍ମିକ ସଂପର୍କ ରହିଛି । ଚନ୍ଦକା-ଡମପଡ଼ା ହାତୀ ଅଭୟାରଣ୍ୟର ମନମୁଗ୍ଧକର ପ୍ରାକୃତିକ ପରିବେଶ ମଧ୍ୟରେ ଅନ୍ଧାରୁଆ ଗ୍ରାମ ବିଦ୍ୟମାନ । ପ୍ରକୃତିର ଅନୁପମ ଓ ମେନାଲୋଭା ସୌନ୍ଦର୍ଯ୍ୟ ଏହାର ଶୋଭାରାଜିକୁ ବହୁଗୁଣିତ କରିଅଛି । ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଏହି ଗ୍ରାମ ଖଣ୍ଡଗିରି ଚନ୍ଦକା ମୁଖ୍ୟ ରାସ୍ତାର ଡାହାଣ ପାର୍ଶ୍ୱରେ ଦଣ୍ଡାୟମାନ । ଏହି ମୁଖ୍ୟ ରାସ୍ତାରୁ ଅନ୍ଧାରୁଆ ଗ୍ରାମକୁ ଏକ ସଡକପଥ ଲମ୍ୱିଯାଇଅଛି । ଗ୍ରାମରେ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଅବସ୍ଥିତ ମହିମାବିମଣ୍ଡିତ ମହିମା ଧର୍ମର ସ୍ମୃତିର ସ୍ମାରକି ପଦ୍ମପାଦ ମୁଣ୍ଡିଆ । ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମର ମହିମା ଧର୍ମ ଓ ସଂସ୍କୃତି ସହିତ ରହିଛି ଏକ ଭାବ ଓ ଆଙ୍ଗିକ ସଂପର୍କ । ମହିମା ଧର୍ମର ସ୍ମୃତି, ଐତିହ ଓ କୀର୍ତ୍ତିକୁ ନିଜ ଶରୀରରେ ବହନ କରି ପଦ୍ମପାଦ ମୁଣ୍ଡିଆ ନିଜର ନାମ ପ୍ରବୁଦ୍ଧିବିହାରକୁ ଯଥାର୍ଥ ପ୍ରତିପାଦନ କରୁଅଛି । ପଦ୍ମପାଦ ମୁଣ୍ଡିଆର ଅନତି ଦୂରରେ ଇତିହାସ ପ୍ରସିଦ୍ଧ ଖଣ୍ଡଗିରି, ପୂର୍ବରେ ରାଜ୍ୟ ରାଜଧାନୀ ଏକାମ୍ର କ୍ଷେତ୍ର ଭୁବନେଶ୍ୱର, ଉତ୍ତରରେ ଚନ୍ଦକା ଓ ପଶ୍ଚିମରେ ଜୈବବିବିଧାତାରେ ପରିପୂର୍ଣ୍ଣ ଡେରାସ ଗୋଡ଼ିବାରି ଚନ୍ଦକା ଡମପଡ଼ା ଅଭୟାରଣ୍ୟର ଅଂଶ ବିଶେଷ । ପରମପୂଜ୍ୟ ବିଶ୍ୱନାଥ ବାବା ସ୍ୱରଚିତ ମହିମାଧର୍ମ ଇତିହାସରେ ଉଲ୍ଲେଖ କରିଛନ୍ତି - ମହିମାସ୍ୱାମୀ ଧର୍ମପଚାର ସମୟରେ ପାଦପଦ୍ମ ପାହାଡ଼କୁ ବିରାଜମାନ ସମାଧିରେ ନିମଗ୍ନହେଲେ । ସଂପୂର୍ଣ୍ଣ ବାହ୍ୟଜ୍ଞାନ ହରାଇ ମହିମା ମହାପ୍ରଭୁଙ୍କ ଶରୀରରେ ଅମ୍ଳାନ ଜ୍ୟୋତି ଉଦ୍‌ଭାସିତ ହେଉଥାଏ । ଗୋବିନ୍ଦବାବା ଓ ନୃସିଂହ ବାବା ମିହମା ସ୍ୱାମୀଙ୍କ ଆଜ୍ଞାରେ ଦ୍ୱାରପାଳ ଜାଗ୍ରତ ରହିଲେ । ପାଦପଦ୍ମ ମୁଣ୍ଡିଆ ପ୍ରବୃଦ୍ଧବିହାର ନାମରେ ପରିଚିତ । ଏଠାରେ ମିହମାସ୍ୱାମୀଙ୍କର ପବିତ୍ର ପାଦପଦ୍ମର ଚିହ୍ନ ବିଦ୍ୟମାନ ଅନ୍ଧାରୁଆ ଗ୍ରାମରେ ଅନେକ ମହିମା ଆଶ୍ରିତ ଭକ୍ତମାନେ ଅଛନ୍ତି । ସ୍ୱୟଂ ମହିମାସ୍ୱାମୀ ଉକ୍ତ ଗ୍ରାମରେ ବିରାଜମାନ କରି ଧର୍ମୋପଦେଶ ପ୍ରଦାନ କରିଥିଲେ । ୧୮୨୬ ଖ୍ରୀଷ୍ଟାବ୍ଦରୁ ୧୮୩୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ବାରବର୍ଷ ମହିମା ସ୍ୱାମୀ ଧବଳଗିରି, ଖଣ୍ଡଗିରି, ଉଦୟଗିରି ଓ ନିକଟସ୍ଥ ଅଞ୍ଚଳମାନଙ୍କରେ ଅବସ୍ଥାନ କରି ସାଧନାରେ ନିମଗ୍ନ ଥିଲେ । କେବଳ ଜଳ ଆହାର କରି ଏହି ସମୟରେ ସାଧନାରେ ଲିପ୍ତ ଥିବାରୁ ତାଙ୍କୁ ନିରାହାରୀ ଗୋସାଇଁ ବୋଲି ସମ୍ବୋଧନ କରାଯାଉଥିଲା । ବରମୁଣ୍ଡା ନିବାସୀ ଭକ୍ତ ଭାଗ୍ୟଧର ଦଳେଇ ପ୍ରତ୍ୟେହ ଜଳ ଯୋଗାଇ ଆସୁଥିଲେ । ଖଣ୍ଡଗିରି ଉଦୟଗିରି ପାହାଡ଼ର ବିଶ୍ୱପ୍ରସିଦ୍ଧ ମହାମେଘବାହନ ଐର ଖାରବେଳଙ୍କର ହାତୀ ଗୁମ୍ଫା ଶିଳାଲେଖ ଇଂରେଜ ମାନଙ୍କ ଦ୍ୱାରା ଆବିଷ୍କୃତ ହେଲା । ୧୮୩୮ ଖ୍ରୀଷ୍ଟାବ୍ଦରେ ହାତୀଗୁମ୍ଫା ଶିଳାଲେଖର ପାଠୋଦ୍ଧାର ନିମନ୍ତେ ତାଙ୍କ ସହଯୋଗୀମାନଙ୍କ ସହିତ ସେଠାରେ ଉପସ୍ଥିତ ହେଲ । ଏହି ସମୟରେ ମହିମା ସ୍ୱାମୀ ଖଣ୍ଡଗିରି ଉଦୟଗିରି ଠାରେ ଆତ୍ମୋଯୋଗ ସାଧନାରେ ନିମଗ୍ନ ଥିଲେ । ହାତୀଗୁମ୍ଫା ଅଭିଲେଖ ଲୋକ ଲୋଚନକୁ ଆସିବାପରେ ଏଠାକାର ଶାନ୍ତସିଗ୍ଧ ପରିବେଶର ବ୍ୟାହତ ଘଟିଲା । ଐତିହାସିକ ଗବେଷକ ବିଦ୍ୱାନ ଲିପିଦ୍ୱର ବିସାରଦମାନେ ଏଠାରେ ଉପସ୍ଥିତ ହେଲେ । ଏହି ସ୍ଥାନଟି କୋଳାହଳପୂର୍ଣ୍ଣ ହେବାରୁ ତାଙ୍କ ସାଧନାରେ ବ୍ୟାହତ ଘଟିଲା । ତେଣୁ ମହିମା ଗୋସାଇଁ ଖଣ୍ଡଗିରି ଭୁବନେଶ୍ୱର ପରିତ୍ୟାଗ କରି ଢେଙ୍କାନାଳର କପିଳାସ ପର୍ବତ ଅଭିମୁଖେ ଯାତ୍ରା କଲେ । ପାଦପଦ୍ମ ମୁଣ୍ଡିଆ ସହିତ ଖଣ୍ଡଗିରିର ନିବିଡ଼ ସଂପର୍କ ରହିଛି । ପାଦପଦ୍ମ ମୁଣ୍ଡିଆର ଅତି ନିକଟରେ ଖଣ୍ଡଗିରି ଅବସ୍ଥିତ । ପୂର୍ବେ ଘଞ୍ଚଅରଣ୍ୟରେ ପରିପୂର୍ଣ୍ଣ ଥିବା ମୁଣ୍ଡିଆ ଶୀର୍ଷକୁ ଯିବାପାଇଁ ଥିଲା ଏକ ପାଦଚଲା ରାସ୍ତା । ପ୍ରାକୃତିକ ପରିବେଶ ଓ ଆରଣ୍ୟକ ସବୁଜିମା ମଧ୍ୟରେ ମହିମା ଧର୍ମର ଚାଳଛପର ଏକ ଟୁଙ୍ଗି ଓ ଧୂନି ଗୃହ ଥିଲା । ୧୯୭୩ ମସିହାରେ ପାଦପଦ୍ମ ମୁଣ୍ଡିଆକୁ ରାସ୍ତା ନିର୍ମାଣ କରାଯାଇଥିଲା । ୧୯୯୯ ମସିହାରେ ଫେବୃୟାରୀ ମାସ ୨୫ ତାରିଖଦିନ ଏଠାରେ ନୂତନ ଟୁଙ୍ଗି ପ୍ରତିଷ୍ଠା ବ୍ରହ୍ମଧ୍ୱନି ଏହି କାର୍ଯ୍ୟକ୍ରମରେ ଶତାଧିକ ସାଧୁ, ଭକ୍ତ ଓ ଧର୍ମପ୍ରାଣ ଜନସାଧାରଣ ଯୋଗଦାନ କରିଥିଲେ । ପାଦପଦ୍ମ ମୁଣ୍ଡିଆ ମହିମା ଧର୍ମର ଏକ ଦର୍ଶନୀୟ ସ୍ଥାନ । ଅତି ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଏହା ଅବସ୍ଥିତ । ମହିମା ଧର୍ମରେ ଶ୍ରଦ୍ଧା, ଆଗ୍ରହ ରଖିଥିବା ଜନସାଧାରଣ ଗବେଷକ, ବିଦ୍ୱାନ ଓ ଭକ୍ତମାନେ ଅନ୍ଧାରୁଆ ଗ୍ରାମର ଉକ୍ତ ସ୍ଥାନକୁ ଆସିଥାନ୍ତି । ମହିମା ସ୍ୱାମୀଙ୍କର ସାନିଧ୍ୟ ଲାଭ କରିଥିବା ଏହି ସ୍ଥାନର ମାହାତ୍ମ୍ୟ, ଧ୍ୱନିମନ୍ଦିର ଓ ଡମପଡ଼ା ଅଭୟାରଣ୍ୟ ପରିସର ମଧ୍ୟରେ ଏ ସ୍ଥାନ ଅବସ୍ଥିତ ଥିବାରୁ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋଲୋଭା । ମୁଣ୍ଡିଆରେ ମହିମା ମେଳା ଅନୁଷ୍ଠିତ ହୁଏ । ଘୃତ ଓ ଦୀପ ପ୍ରଜ୍ୱଳନ ସହିତ ପରଦିନ ବାଲ୍ୟଲୀଳା ମହିମା ପ୍ରସାଦ ବିତରଣ କରାଯାଏ । ସ୍ଥାନୀୟ ଭକ୍ତ, ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ମାନଙ୍କର ପ୍ରବଳ ଜନସମାଗମ ହୁଏ । ପରମ ପୂଜ୍ୟ ଜୟକୃଷ୍ଣବାବା ପାଦପଦ୍ମ ମୁଣ୍ଡିଆର ତତ୍ତ୍ୱବଧାରକ ଥିଲେ । ତାଙ୍କର ସଫଳ ଉଦ୍ୟମରେ ପ୍ରବୁଦ୍ଧ ବିହାର ପାଦପଦ୍ମ ମୁଣ୍ଡିଆର ଯଥେଷ୍ଟ ଉନ୍ନତି ସାଧିତ ହୋଇଅଛି । କିଛିବର୍ଷ ତଳେ ଜୟକୃଷ୍ଣବାବାଙ୍କର ମହାପ୍ରୟାଣ ହୋଇଯାଇଛି । ପାଦପଦ୍ମ ମୁଣ୍ଡିଆର ନିଘଞ୍ଚ ବୃକ୍ଷଲତା ମଧ୍ୟରେ ଥିବା ଏକ ସୁଡଙ୍ଗର ସନ୍ଧାନ ୨୦୦୨ ମସିହାରେ ମିଳିଥିଲା । କିଛି ଗବେଷକ ଓ ବିଦ୍ୱାନମାନେ ମତବ୍ୟକ୍ତ କରନ୍ତି ପାଇକ ବିଦ୍ରୋହ ସମୟରେ ଏହା ସଂଗ୍ରାମୀମାନଙ୍କର ଆଶ୍ରୟ ସ୍ଥଳୀ ଥିଲା । ପୂଜ୍ୟ ଅବଧୂତ ଜୟ କୃଷ୍ଣବାବାଙ୍କ ମତରେ ପ୍ରବୁଦ୍ଧଗୁରୁ ମହିମାସ୍ୱାମୀ ଏହି ଗୁମ୍ଫାରେ ୨୧ ଦିନ ଆତ୍ମଯୋଗ ସମାଧିରେ ନିମଗ୍ନ ଥିଲେ । ଗୁମ୍ଫାର ପ୍ରବେଶ ପଥ ଅଣ

ଓସାରିଆ ଥିଲା । ଏହା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି କିଛି ବାଟ ଯିବା ପରେ ଛିଡ଼ା ହେବାଭଳି ସ୍ଥାନ ଦେଖିବାକୁ ମିଳେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି ଗୁମ୍ଫା ଖଣ୍ଡଗିରି ଦେଇ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ସଂଯୋଗ ଥିଲା । ଏକ ଜନଶ୍ରୁତି ଜଣାଯାଏ ପ୍ରଭୁ ରାମଚନ୍ଦ୍ର ବନବାସୀ ସମୟରେ ଏହି ପାଦପଦ୍ମ ମୁଣ୍ଡିଆରେ ଅବସ୍ଥାନ କରିଥିଲେ । ପାଦପଦ୍ମ ମୁଣ୍ଡିଆର ଏକ ସ୍ଥାନରେ ତାଙ୍କର ପାଦଚିହ୍ନ ରହିଛି । ସେହି ସ୍ମୃତିକୁ ଉଜ୍ଜୀବିତ ରଖିବାପାଇଁ ପାହାଡ଼ ପାଦଦେଶରେ ଗଢ଼ି ଉଠିଛି ଶ୍ରୀରାମ ମନ୍ଦିର ।  ବିଶ୍ୱାସ ଅଛି ବର୍ଷା ନହେଲେ ମନ୍ଦିରରେ ପୂଜାର୍ଚ୍ଚନା କରି ପାଦପଦ୍ମରେ କ୍ଷୀର ଢ଼ାଳିଲେ ବର୍ଷା ହୁଏ । ପାଦପଦ୍ମ ମୁଣ୍ଡିଆର ମାହାତ୍ମ୍ୟ ବିରଳ ଓ ଅନନ୍ୟ ।


ସନାତନ ହରିଚନ୍ଦନ ମହାବିଦ୍ୟାଳୟ

ମଦନପୁର, ଖୋର୍ଦ୍ଧା,





# କ୍ରୋଧି ସିଂହ

**- ଅଙ୍କିତା ପାଢ଼ୀ**

ଜଙ୍ଗଲଟି ବହୁତ ବଡ଼ ଥିଲା । ଜଙ୍ଗଲରେ ରହୁଥିଲେ ସବୁ ଜାତିର ପଶୁ ଓ ପକ୍ଷୀ । ଜଙ୍ଗଲରେ ଦୁଇଟି ସିଂହ ରହୁଥିଲେ । ସିଂହ ଦୁଇଟି ମଧ୍ୟରେ ସବୁବେଳେ ଝଗଡ଼ା ଚାଲିଥାଏ । ଜଣେ ସିଂହ ବହୁତ ରାଜି ଥିଲାବେଳେ ଅନ୍ୟ ଜଣକ ବହୁତ ଶାନ୍ତସିଷ୍ଟ ଓ ଭଦ୍ର ଥିଲା । ଅନ୍ୟ ନିରୀହ ପ୍ରାଣୀମାନେ ଏମାନଙ୍କ ଝଗଡ଼ାରେ ବଳି ପଡୁଥିଲେ । ପଶୁମାନଙ୍କର କୌଣସି ସ୍ୱାଧୀନତା ନଥିଲା । ସମସ୍ତେ ବାହାରକୁ ବାହାରିବାକୁ ଭୟ କରୁଥିଲେ । କକୁଆ ଭୟ ମାଡ଼ି ଆସିଲାଭଳି ଜଙ୍ଗଲଟି ବହୁତ ଶୁନସାନ ଲାଗୁଥିଲା । ଶାନ୍ତ ସରଳ ସିଂହଟି ବିଚାର କଲା କ'ଣ ଏମିତି ପ୍ରାଣୀମାନେ ହନ୍ତସନ୍ତ ହୋଇ ଜୀବନ କଟେଇବେ । ଏହି ଜଙ୍ଗଲରେ କ'ଣ କୌଣସି ନ୍ୟାୟ ବିଚାର ରହିବନାହିଁ । ଏମିତି ସବୁବେଳେ ଭାବିଚାଲେ । ସେହି ଜଙ୍ଗଲ ମଧ୍ୟରେ ଗୋଟିଏ ମହାବଳ ବାଘ ଥାଏ । ବାଘଟି ବହୁତ ସାହସୀ ଥିଲା । ସେ ନିରୀହ ସିଂହଟିର ବନ୍ଧୁଥିଲା । ଦିନେ ନିରୀହ ସିଂହ ଓ ବାଘ ଦୁଇଜଣ ଗୋଟିଏ ସଭା କଲେ ।

ଦୁଇଜଣ ସଭା କରୁଥିଲା ବେଳେ ରାଗୁଆ ସିଂହଟି ଆସି ପହଞ୍ଚିଗଲା ଓ କହିଲା ତମ ଦୁଇଜଣଙ୍କ ସାହସ କେମିତି ହେଲା ଏମିତି ବସି କଥାବାର୍ତ୍ତା ହେବାକୁ । ଯେ ଜଙ୍ଗଲ ମୋର । ଏହି ଜଙ୍ଗଲର ରାଜା ମୁଁ ଅଟେ । ମୋ ବିନା ଏଇ ଜଙ୍ଗଲରେ କୌଣସି ପତ୍ରଟିଏ ମଧ୍ୟ ଛିଡ଼ା ଯିବନାହିଁ । ବାଘ ସିଂହ କଥାରେ ରାଗି ଗଲା ଓ କହିଲା ମୁଁ ହେଉଛି ମହାବଳ ବାଘ । ମୁଁ ଚାହିଁଲେ ତୁମକୁ ଯେ ଜଙ୍ଗଲରୁ ବାହାର କରିପାରିବି । ଯେ ଜଙ୍ଗଲ ମୋ ବାପା ଓ ଗୋସିବାପା ମାନେ ତିଆରି କରିଛନ୍ତି । ଆଉ ତମେ ଆମ ଉପରେ ଦାଦାଗିରି କରି ପାରିବନାହିଁ । ଏମିତି କହି ବାଘ ଗର୍ଜନ କରିବାକୁ ଲାଗିଲା । ହେଲେ ସିଂହକୁ ବାଘ କଥାରେ ଆହୁରି ଅଧିକ ରାଗ ଆସିଲା । ସେ ଏତେ ରାଗି ଯାଇଥିଲା ଯେ ପୁରା ନିଆଁ ଭଳି ଜଳି ଗଲା । ବାଘ ଉପରକୁ ଲମ୍ଫପ୍ରଦାନ କଲା । ବାଘ ଓ ସିଂହର ଲାଗିଲା ଘୋର ଲଢ଼େଇ । କେହି କାହାରିକୁ ଛାଡ଼ିବାର ନଥିଲେ । ଦୁଇଜଣଙ୍କ ଲଢ଼େଇରେ ଜଙ୍ଗଲ କମ୍ପି ଉଠୁଥିଲା । ହେଲେ ନିରୀହ ସିଂହଟି ବିଚରା କାହାକୁ ବୁଝେଇବ । ଜର୍ଗନ କରି ମଝିରେ ମଝିରେ କହିଦେଉଥାଏ ଶାନ୍ତ ହେଇଯାଅ । ହେଲେ କେହି ନଶୁଣି କାମୁଡ଼ା ରାମ୍ପୁଡ଼ା ହେଉଥାନ୍ତି । ଗଡ଼ି ଯାଉଥାନ୍ତି ଏପଟରୁ ସେପଟ ।

ବାଘ ଓ ସିଂହର ଲଢ଼େଇରେ ଅନ୍ୟ ପଶୁମାନେ ବହୁତ ଖୁସି ହେଉଥାନ୍ତି । କେହି କାହାରିକୁ ଛାଡ଼ିବାର ନାହିଁ । ସେଇ ବାଟଦେଇ ଶିଆଳଟିଏ ଯାଉଥିଲା । ଦେଖିଲା ବାଘ ଓ ସିଂହର ଲଢ଼େଇ । ଆଉ ଚିନ୍ତା କଲା ଏଇ ଦୁଇଜଣ ଜଙ୍ଗଲରେ ଜୀବଜନ୍ତୁଙ୍କର ବଞ୍ଚିବା କଷ୍ଟ କରି ଦେଲେଣି । ଏମାନଙ୍କୁ ଶାସ୍ତି ମିଳିବା ଦରକାର । ତେଣୁ ବିଲୁଆ ବଡ଼ ଚତୁର ଯେ । ନିଜର ବୁଦ୍ଧି ଖର୍ଚ୍ଚ କଲା । ଭାବିଲା ଏମାନେ ଦୀର୍ଘସମୟଧରି ଲଢ଼ିଲେଣି ତେଣୁ ଏମାନେ ଯଦି ଆଉ କିଛି ସମୟ ଲଢ଼ିବେ ତେବେ ନିଶ୍ଚୟ ମୃତ୍ୟୁ ମୁଖକୁ ଯିବେ । ଏମିତି ଭାବି ହୁକେ ହୁ ଆରମ୍ଭ କଲା ଆଉ କହିଲା ମହାବଳ ବାଘ କେବେ ହାରି ପାରେନା । ପ୍ରାଣ ଯାଉ ହେଲେ ପଣ ରହୁ । ମହାବଳ କେବେ ପଛଘୁଞ୍ଚା ଦିଏନି କି ଦେବେନି । ମହାବଳ ହାରିବା ଅବସ୍ଥା ଦେଖି ଉତ୍ସକେଇବା ଲକ୍ଷରେ ଲାଗିପଡ଼ିଲା ଶିଆଳ । ହାରିବାକୁ ଯାଉଥିବା ମହାବଳ ଦେହରେ ଏକ ନୂତନ ଶକ୍ତିର ସଞ୍ଚାର ହେଲା । ଶିଆଳ କଥା ଶୁଣି ଭାବିଲା ଯଦି ମୁଁ ହାରିଯାଏ ତେବେ ଆଉ ଜଙ୍ଗଲରେ ମୁହଁ ଦେଖେଇ ହେବନାହିଁ । ତେଣୁ ପ୍ରଖର ବେଗରେ ସମ୍ପୂର୍ଣ୍ଣ ଶକ୍ତି ଲଗେଇ ଝାମ୍ପି ମାରିଲା ମହାବଳ । ଆହୁରି ରକ୍ତାକ୍ତ ହେଇ ଗଲା ସିଂହ । ହେଲେ ସିଂହ ବଞ୍ଚିଥିବା ଯାଏ ପଛଘୁଞ୍ଚା ଦିଏନାହିଁ । ସିଂହ ମଧ୍ୟ ଆକ୍ରମଣ କରିଚାଲିଥାଏ । ଏମିତି ଆକ୍ରମଣ ଓ ପ୍ରତି ଆକ୍ରମଣ ମଧ୍ୟରେ ଉଭୟ ଶୋଷ ଓ ଭୋକରେ ଜର୍ଜରିତ ହୋଇଗଲେ । ଏବେ ସାହା କହିଲେ ଶିଆଳ । ହେଲେ କେହି ଶିଆଳକୁ ପାଣି ମାଗିପାରୁନାହାନ୍ତି କାରଣ ଜଣେ ବିଶ୍ରାମ ନେବାକୁ ଚାହିଁଲେ ଅନ୍ୟଜଣଙ୍କର ଆକ୍ରମଣର ଶିକାର ହେବାକୁ ପଡ଼ିବ । ବାଘ ଭାବୁଥାଏ ଯଦି ମୁଁ ଏଇଛାର ଶିଆଳକୁ ସାହାଯ୍ୟ ମାଗିବି ନା ଏଇଟା ସମ୍ଭବ ନୁହେଁ । ସିଂହ ମଧ୍ୟ ଏମିତି ଭାବୁଥାଏ । ଦୁହିଁଙ୍କ ମଧ୍ୟରେ ଲଢ଼େଇ ଦୁଇ ଦିନ ଚାଲିଗଲା । ହେଲେ କେହି କାହାକୁ ଛାଡ଼ିବାର ନୁହେଁ । ଦୁହେଁ ବହୁତ ଜିଦିଖୋର ଆଉ ଶିଆଳ ଏପଟ ସେପଟ ହେଇ ଯିଏ ଟିକେ ବସିବାକୁ ଯାଉଛି କି ଥକି ପଡୁଛି ତାକୁ ଉସୁକେଇବାରେ ବ୍ୟସ୍ତ ଥାଏ । ମହାବଳ ଟିକେ କ୍ଲାନ୍ତ ହୋଇ ବସିପଡ଼ିଲେ ଶିଆଳ କହୁଥାଏ

ଶେଷରେ ହାରି ଗଲ ତ । ହଉ ହାରିଗଲ ହାରି ଗଲ ଏବେ ଏଠୁ ପଳେଇ ଯାଅ । ନହେଲେ ସିଂହ ତମକୁ ମାରିଦେବ । ସିଂହ ଟିକେ ଥକି ବସିଗଲେ ସେମିତି ସିଂହକୁ କହୁଥାଏ । ସିଂହ କହୁଥାଏ ନାହିଁ ନାହିଁ ମୁଁ ହାରିବା ଲୋକ ନୁହେଁ । ମାରିବା ଯାଏ ଲଢ଼ିବି । ଏମିତି କହି ମାଡ଼ି ବସୁଥାଏ ସିଂହ ମହାବଳ ବାଘକୁ । ଶେଷରେ ଦୁଇଜଣଙ୍କ ଅବସ୍ଥା ବହୁତ ଗୁରୁତର ହୋଇଯାଇଥାଏ । ଶେଷରେ ଦୁଇଜଣଙ୍କ ପାଦ ଆଉ ଚଳିଲା ନାହିଁ । ଶୋଷରେ ପାଟି ଶୁଖି ଯାଉଥାଏ । ଦୁହେଁ ପାଣି ଖୋଜିବା ଲକ୍ଷରେ ଦେଖିଲେ ଆଖପାଖରେ କୌଣସି ପୋଖରୀ କି ଝରଣା ନାହିଁ । କୁଆଡ଼େ ଯିବେ । ଶିଆଳକୁ ନେହୁରା ହେଲେ ଆମେ ଆଉ ଲଢ଼ି ପାରିବୁନି ପାଣି ମୁନ୍ଦାଏ ଦେ । ଶିଆଳ କହିଲା ପାଣି ପିଇବାକୁ ଦେଲେ ତୁମକୁ ଏଠାରୁ ଦୁଇମାଇଲ ବାଟଯିବାକୁ ପଡ଼ିବ । ଯାଇପାରିବ ତ ଆସ । ହେଲେ ଦୁଇଜଣଙ୍କ ପାଦ ଆଉ ଉଠୁ ନଥାଏ । ଶେଷରେ ଚତୁର ଶିଆଳ କହିଲା ତମେ ପାଣି ନୁହେଁ ରକ୍ତ ପିଇବ କି କୁହ ?

ଦୁହେଁ ଏକା ସାଙ୍ଗରେ କହିଲେ, "ଏଁ ରକ୍ତ । କଉଠି ଅଛି କୁହ? ଜଲ୍ଦି କୁହ ।"

ଶିଆଳ କହିଲା ଗୋଟେ କାମ କର ଦୁଇଜଣ ଜଣେ ଅନ୍ୟର ତଣ୍ଟିକୁ ଫୁଟେଇ ଦିଅ ଆଉ ପ୍ରବଳ ରକ୍ତ ବାହାରିବ । ଆଉ ଯିଏ ପ୍ରଥମେ ଅନ୍ୟର ଫୁଟେଇବ ସିଏ ପ୍ରଥମେ ତାର ଶୋଷ ମେଣ୍ଟେଇବ । ବାଘ ଓ ସିଂହ ଦୁଇଜଣ ଶିଆଳ କଥାରେ ବହୁତ ଉତ୍ସାହିତ ହୋଇଗଲେ । ହଁ ବିପଦ ସମୟରେ ଏକ ଭଲ ବୁଦ୍ଧି ଦେଇଛ ଶିଆଳ ଭାଇ କହି ଦୁହେଁ ଦୁହିଁଙ୍କ ତଣ୍ଟିକୁ ଫୁଟେଇ ଦେଇ ରକ୍ତ ପିଇବାରେ ଲାଗିଲେ । ହେଲେ ରକ୍ତ ପିଇଲେ ଶୋଷ ମେଣ୍ଟିଯାଏ ସିନା । ନିଜ ରକ୍ତରେ କାହାର ଶୋଷ ମେଣ୍ଟିଛି ଯେ । ଦୁହେଁ ପ୍ରାଣ ତ୍ୟାଗ କରିଥିଲେ ଓ ଶିଆଳର ଚାଲାକି ପାଇଁ ପୁରା ଜଙ୍ଗଲ ସୁରକ୍ଷିତ ହୋଇଯାଇଥିଲା । ନିରୀହ ସିଂହ ବିଲୁଆକୁ ମନ୍ତ୍ରୀ କରି ନିଜ ଜଙ୍ଗଲର ଦାୟିତ୍ୱ ଦେଇ ରାଜା ଭାବରେ ସୁଖରେ ରାଜ୍ୟର ଭାର ନେଇ ସୁଖ ସ୍ୱଚ୍ଛନ୍ଦରେ ରାଜ୍ୟ ଶାସନ କରିଥିଲେ । ସେଇ ଦିନଠାରୁ ଜଙ୍ଗଲରେ କୌଣସି ଦୁଃଖ ଆସିନଥିଲା ।

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,
ଏଡ଼ତାଳ, ଭଦ୍ରକ ।

# ଭାଗ୍ୟ ବଦଳିଲା ନୂଆବର୍ଷରେ

- ମହେଶ୍ୱର ସାହୁ

ଖୁସି ସବୁବେଳେ ଉଆଡ଼ିଆରେ ଠିଆ ହେଇ ବହୁତ ଭାବିଥାଏ । ବହୁତ ଆଶା କରିଥାଏ କଣ ମୋ ଜୀବନରେ ଏମିତି ସୁଖ ମିଳିବ ନାହିଁ । ମୁଁ କ'ଣ କେବେ ଏହିପରି ରହିବାର ସୁଯୋଗ ପାଇବିନି । ସବୁବେଳେ ଉଆଡ଼ିଆରେ ଠିଆ ହେଇ ବହୁତ ସମୟ ଭାବେ । ବହୁତ ପ୍ରତୀକ୍ଷା କରିଥାଏ ହେଲେ ତା' ସମୟ ଆସିଲା ବେଳକୁ ସବୁ ସରି ଯାଇଥାଏ । କେତେ ସୁନ୍ଦର ବାସ୍ନା ସହିତ କେତେ ଲୋଭାଣିଆ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ଦୈନିକ ବାବୁଙ୍କୁ ପରସା ଯାଇଥାଏ । ହେଲେ ନିଜ ଖାଇବା ବେଳକୁ ସେଇ ବଞ୍ଚାକଞ୍ଚା ଡାଲିପାଣି । ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଥାଏ । ବାପା ମାଆ ଛେଉଣ୍ଡ ହେଇଗଲାପରେ ଏହି ଦୁନିଆଟା ବହୁତ ଶୂନ୍ୟ ଶୂନ୍ୟ ଲାଗେପରା ।

ବାବୁ ଜଣକ ମୋତେ ଅନାଥ ଆଶ୍ରମରୁ ନେଇ ଆସି ଅନାଥର ନାଥ ବୋଲି ନିଜକୁ ଗର୍ବ ଓ ଗୌରବାନ୍ୱିତ ହୋଇଥିଲେ, ହେଲେ ମୁଁ ଜାଣିପାରୁଛି ଅନାଥର ଅର୍ଥ ଓ ଅନାଥର ଜୀବନ ଶୈଳୀ । ନିଜେ ଖାଇସାରିଲେ ଯାହା ବଳି ପଡ଼ିବ ଜଣେ ଅନାଥ ଝିଅ ପାଇଁ ସେଇଟା ଆହାର ହେବ ଯେ ହେଲେ ମୁଁ ଆଶ୍ରମରେ ବହୁତ ଆଡ଼ମ୍ବରରେ ଥିଲି । ସେଠାରେ ମାଗିଲେ ମିଳୁଥିଲା ହେଲେ ମୋ ବାବୁ ତ ବହୁତ ବଡ଼ଲୋକ । ବହୁତ ସ୍ୱାଦିଷ୍ଟ ବ୍ୟଞ୍ଜନ ରୋଷେଇ ହୁଏ । ରୋଷେଇର ବାସ୍ନା ମୁଁ ଆଘ୍ରାଣ କରିଥାଏ । ମୋ ନାଁରେ କୁଆଡ଼େ ମାସିକ ଦୁଇହଜାର ବ୍ୟାଙ୍କରେ ସଞ୍ଚୟ କରାଯାଉଛି ବାବୁଙ୍କ ଦ୍ୱାରା । ମୁଁ ବାବୁଙ୍କ ଘରେ ବାସନ ମାଜିବି ଓ ଘରଦ୍ୱାର ସଫା କରିବି ଏହି କାମ ମୋତେ ଦିଆଯାଇଛି ।

ମୁଁ ଦେଖୁଛି ବାବୁଙ୍କ ଝିଅ ଲିଜା କେତେ ଯତ୍ନରେ ରହୁଛି । ପାଠ ପଢୁଛି ହେଲେ ମୋ ଭାଗ୍ୟ ଖେଳ ବଡ଼ ବିଚିତ୍ର । ମୋ ବୟସର ସେ ମଧ୍ୟ ଜଣେ ଝିଅ । ମୁଁ ତାର ବଳକା ଭୋଜନକୁ ଭକ୍ଷଣ କରିବି । ମୁଁ ତାର କପଡ଼ା ସଫା କରିବି । ମୁଁ ତାର ଚପଲ ପଲିସ କରିବି ଆଉ...ଅନାଥ କନ୍ୟା ହିସାବରେ ବଞ୍ଚିବି ।

ଏଇକିଛିଦିନ ହେବ ଲିଜାର ମୋ ପ୍ରତି ଟିକେ ଦୟା ଆସିଛି । ଲିଜା କହିଛନ୍ତି ଖୁସି ତୁ ଏବେ ଠାରୁ ଭଲ ଖାଇବୁ ଆଉ ଯେତେବେଳେ ତୋର ଇଚ୍ଛା ହେବ ଟିକେ ଟିକେ ମୋ ପଢ଼ା ବହି ଆସିକି ଦେଖିବୁ । ମୁଁ ସ୍କୁଲ ଗଲାବେଳେ ଗୋଟେ ବହି ବାହାରେ ରଖି ଦେଇଯିବି ଆଉ ତୁ ଆସିକି ତୋର ଯେତେବେଳେ କାମ ନଥିବ ଟିକେ ଟିକେ ପଢ଼ିବୁ । ଏମିତି ଦୁଇଜଣ ସାଙ୍ଗ ହେଉଛନ୍ତି । କାରଣ ଦୁଇଜଣ ଏକା ବୟସୀ । ବୟସ ଦୁଇଜଣଙ୍କର ପାଖାପାଖି ବାର ହେବ । ଲିଜା ଷଷ୍ଠରେ ପଢ଼େ । ଖୁସି ଆଶ୍ରମରେ ଯାହା ଟିକେ ପଢ଼ିଥିଲା ତାର କୌଣସି ପ୍ରମାଣ ନାହିଁ । ଯାହାହେଲେ ବି ବହି ପଢ଼ିପାରେ ।

ଏବେଠାରୁ ଦୁଇଜଣଙ୍କ ଭିତରେ ଭିତିରିଆ ପାଠ ପଢ଼ା ଓ ଖିଆପିଆ ଚାଲିଲା । ପ୍ରଖର ସ୍ରୋତରେ କୁଟାଖଣ୍ଡେକୁ ସାହା ଭଳି ଲିଜା ଖୁସି ପାଇଁ ଏକ ସାହା ଓ ରାହା ହୋଇ ଠିଆ ହୋଇଥିଲା । ଏବେ ଦୈନିକ ଖୁସି ଗଣିତ, ଭୂଗୋଳ, ଇଂରାଜୀ, ବିଜ୍ଞାନ ଭଳି ସମସ୍ତ ପୁସ୍ତକ ବହୁତ ମନ ଦେଇ ପଢ଼ିଚାଲିଲା । ଲିଜାର ପ୍ରଚଣ୍ଡ ସ୍ମରଣଶକ୍ତି ଓ ବିଚିତ୍ର ଆଗ୍ରହର ଫଳ ସ୍ୱରୂପ ଲିଜା ପୁରା ବହି ଗୁଡ଼ିକୁ ଅନର୍ଗଳ ପାଠ କରିଚାଲିଲା । ଏମିତିକି କେଉଁ ପୃଷ୍ଠାରେ କଣ ଲେଖାଯାଇଛି ତା ମନରେ ଗୁଞ୍ଜାୟିତ କରୁଥାଏ ।

ଲିଜା ପରୀକ୍ଷା ଦେଲା ଓ ପରୀକ୍ଷାରେ ଭଲ ନମ୍ବର ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ପାଇଲା । ହେଲେ ଖୁସିର ପରୀକ୍ଷା କ'ଣ ଯେ ବଣ ମଲ୍ଲି ବଣରେ ଫୁଟି ଝଡ଼ି ପଡ଼ିଲା ଭଳି ତା'ର ଜୀବନ ।

ଆଜି ନୂଆ ବରଷ । ବାବୁଙ୍କର ସାଙ୍ଗସାଥୀ ଓ ବନ୍ଧୁବାନ୍ଧବ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଛି । ଏପରିକି ଲିଜା ବିଦ୍ୟାଳୟର ସମସ୍ତ ଶିକ୍ଷକ ମଧ୍ୟ ଆସିବେ । କାରଣ ଲିଜା ପ୍ରଥମ ସ୍ଥାନରେ ବିଦ୍ୟାଳୟରେ ଥିବାରୁ ବାପା ବହୁତ ଖୁସି ଥିଲେ । ନାନା ପ୍ରକାର ବ୍ୟଞ୍ଜନ, ଛେଳି ମାଂସ ସହିତ କ୍ଷୀରି ପାପଡ଼ ଏମିତି ନାନା ବ୍ୟଞ୍ଜନ ତିଆରି ହେବାର ଆୟୋଜନ ହୋଇଛି । ଖୁସି ସକାଳେ ଲିଜା ପଛରେ ପଡ଼ିଛି । ତା କପଡ଼ା ଧୋଇଦେଉଛି । ତା କେଶ ସଜାଡ଼ି ଦେଉଛି । ଜୋତା ଦୁଇଟିକୁ ଭଲ କି ପଲିସ କରିଦେଉଛି । ଯାହା ହେଲେ ବି ନୂଆ ବରଷ । ନୂଆ ବରଷରେ ଖୁସି ରହିଲେ ବର୍ଷ ସାରା ଖୁସି ଆସିଥାଏ ବୋଲି ବଡ଼ ଲୋକଙ୍କଠାରୁ ଶୁଣିଛି । ହେଲେ ତା'ର ଖୁସି କେବଳ ଲିଜା ଦ୍ୱାରା ସମ୍ଭବ । କାରଣ ଲିଜା ଏବେ ତା'ର ଘରୁ, କରି ଆଣିବା ପାଇଁ ଦିଆଯାଇଥିବା ପାଠକୁ ଖୁସି ଦ୍ୱାରା କରାଇଛି । ଖୁସି ଯେତେ କଠିନ ଗଣିତ ହେଲେ ମଧ୍ୟ ବହୁତ ସହଜ ଉପାୟରେ ସମାଧାନ କରିପାରୁଛି । ଖୁସି କହିଲା ଲିଜା ଜାଣିଛୁ । ଲିଜା, କ'ଣ କହ ? ଖୁସି ଲିଜା ଜାଣିଛୁ ତମ ଘରକୁ ଆସିବାଠାରୁ ମାଂସ ତରକାରୀ ଟିକେ ଖାଇବା ସ୍ୱପ୍ନ ହେଇଯାଇଛି । ଜାଣିଛୁ ଆଶ୍ରମରେ ଆମକୁ ପ୍ରତ୍ୟେକ ରବିବାର କୁକୁଡ଼ା

ମାଂସ ଖାଇବାକୁ ମିଳେ । ହେଲେ ତମ ଘରେ ସବୁବେଳେ ମାଂସ ହେଉଛି ହେଲେ ଖାଇବା ପାଇଁ ଗୋଟେ ଖଣ୍ଡ ମିଳୁନାହିଁ । ଆଉ ତମ ଘରେ ଯେତେବେଳେ ମାଂସ ହେଉଛି କୁଆଡୁ କେଜାଣି ଲୋକ ପହଞ୍ଚି ଯାଉଛନ୍ତି ଯେ ଶେଷରେ ମୁଁ ଖାଇବା ବେଳକୁ ଝୋଳ ବି ସ୍ୱପ୍ନ ପାଲଟି ଯାଉଛି ।

ଲିଜା ହଉ ଲୋ ଖୁସି ମୁଁ ଜାଣିଛି । ମୋ ବାପାଙ୍କର ବହୁତ ସାଙ୍ଗ ସବୁ ସାଙ୍ଗମାନେ ଆସିଯାଆନ୍ତି ଆମ ଘରେ ମାଂସ ଭୋଜି ହେଲେ । ମୁଁ ଆଜି ମୋ ପାଇଁ ଯାହା ଖାଇବାକୁ ଦେବେ ତାକୁ ସବୁ ତୋ ପାଇଁ ଲୁଚେଇ ନେଇ ଆସିବି ତୁ ଖାଇଦେବୁ । ବୁଝିଲୁ, ଖୁସି ମୋ ବାପା ବହୁତ ରାଗି ଲୋକ । ସେ ଯେମିତି ନଦେଖନ୍ତି ସେଥିପାଇଁ ମୁଁ ବ୍ୟବସ୍ଥା କରୁଛି ତୁ ମନ ଦୁଃଖ କରନା ।

ଖୁସି ହଉ ଲିଜା ତମ ଦୟା । ମୋର ବହୁତ ଇଚ୍ଛା ହୁଏ ଟିକେ ଭଲ ଦରକାରୀ ଖାଇବାକୁ, ହେଲେ ଦିନେ ରୋଷେଇ ମାଉସୀଙ୍କୁ କହିଲି, ମାଉସୀ ମୋତେ ଦୁଇଖଣ୍ଡ କସା ହୋଇଥିବା ମାଂସ ଦିଅ ବହୁତ ଲୋଭ ହେଉଛି । ହେଲେ ମାଉସୀ ମୋତେ ମୋ ଗାଲ ମୁଳିକୁ ଦୁଇଜବଡ଼ାଦେଲେ । ଜାଣିଛୁ ବହୁତ କାନ୍ଦିଛି । ମୋର କିଏ ଅଛି ଯେ ମୋତେ ଖାଇବାକୁ ଦେବ । କ'ଣ ପାଇଁ ମୋତେ ଯେ ହୀନସ୍ତା ଜୀବନ ମିଳିଲା ମୁଁ ବି ଜାଣିପାରୁନି । ଲିଜା, ବ୍ୟସ୍ତ ହଅନା ଖୁସି । ମୁଁ ଅଛି ପରା । ଆମେ ଦୁଇଜଣ ସାଙ୍ଗ ହୋଇଛନ୍ତି ନା । ଦେଖ ତୁ ମୋ କାଲି ଜଉ ଡ୍ରଇଁ କରି ଦେଇଥିଲୁ ଜାଣିଛୁ ମୋତେ କୋଡ଼ିଏରୁ କୋଡ଼ିଏ ମିଳିଲା । ଆଉ କେତେ ପ୍ରଶଂସା ମିଳିଲା ସ୍କୁଲରେ । ତୁ ଏତେ ସୁନ୍ଦର ଡ୍ରଇଁ ଆଉ ପାଠ କେମିତି ଶିଖି ପାରୁଛୁ କହିଲୁ । ସତ କହ ଖୁସି ତୋ ଭିତରେ ଏତେ ସୁନ୍ଦର କଳା ଭଗବାନ କେମିତି ଦେଲେ ଯେ? ହେଲେ ତାହା କାର୍ଯ୍ୟକାରୀ ହୋଇ ପାରୁନି ତେଣୁ କାର୍ଯ୍ୟକାରୀ ହେବାପାଇଁ ମୁଁ ନିଶ୍ଚୟ ସୁଯୋଗ ଦେବି ଖୁସି । ତୁ ବ୍ୟସ୍ତ ହୁଅନା ।

ଖୁସି ତୁ କେମିତି ଦେବୁ କହିଲୁ ତୋ ବାପା ମୋତେ ମାରିଦେବେ ଯଦି ସେମିତି କିଛି କଲେ । ମୋର ଦରକାର ନାହିଁ ପ୍ରତିଭାର ବିକଶିତ ହେବା । ମୋର କିଏ ଅଛି ଯେ? କେବଳ ଲୋକହସା ହେବି ମାତ୍ର ।

ଲିଜା ଜାଣିଛୁ ଖୁସି ଆଜି ନୂଆ ବରଷରେ ମୋ ସାଙ୍ଗ ସାଥି ଆସିବେ ସବୁ । ତା ସହିତ ମୋ ବିଦ୍ୟାଳୟ ଶିକ୍ଷକମାନେ ଆସିବେ । ବାପାଙ୍କ ସାଙ୍ଗସାଥି ସବୁ ଆସିବେ । ଆଉ ଗୀତ ନାଚ ମଧ୍ୟ ହେବ । ତେଣୁ ତୁ ବହୁତ ଭଲ ଗୀତ ଗାଉ ନା । ଆଜି ନିଶ୍ଚୟ ଗୀତ ଗୋଟେ ଗାଇବୁ ଆଉ ମୋ ସହିତ ନାଚିବୁ ମଧ୍ୟ ।

ଖୁସି – ହଁ ଯେ ହେଲେ ମୋତେ ମାଡ଼ ଖୋଇବୁ । ଆଉ ଜାଣିଛୁ ମୁଁ ଜଉ ଗୀତ ଗୋଟେ ଗାଏ

ଲିଜା – ହଁ ଜାଣିଛି ସୁବେଳେ ଗୁଣୁଗୁଣୁ ହେଇକି ଗାଉ ଆଉ କାନ୍ଦୁ ତ । ଜାଣିଲୁ ଆଉ କେବେ କାନ୍ଦିବୁନି । ତୁ କାନ୍ଦିଲେ ମୋ ଛାତି ଫାଟିଯାଏ । ମୁଁ ଗୋଟେ ବିଷୟ ପଢ଼ିଛି ଗୋପବନ୍ଧୁ ଦାସଙ୍କର । ବାପା ମାଆ ଛେଉଣ୍ଡ ପିଲାଟେ କେମିତି ବିଶ୍ୱ ପ୍ରସିଦ୍ଧ ହୋଇ ପାରିଥିଲା । ଜାଣିଛୁ ସେ ବିଷୟ ?

ଖୁସି – ହଁ ସେଇ ବିଷୟ ପଢ଼ି ମୁଁ ମଧ୍ୟ ପ୍ରେରଣା ପାଇଛି । ଯିଏ କଠିନ ପରିଶ୍ରମ ସହିତ ଧୈର୍ଯ୍ୟ ଓ ନିଷ୍ଠାର ସହିତ ସାଧନା କରେ ସେ ସବୁଥିରେ ଉତ୍ତୀର୍ଣ୍ଣ ହୁଏ । ଆଉ ମୁଁ ମଧ୍ୟ ମୋ ନାଁ କୌଣସି ବିଦ୍ୟାଳୟରେ ନ ଥାଇ ମଧ୍ୟ ମୁଁ ସାଧନା କରୁଛି । ନିଜ ହୃଦୟର କୋହକୁ ନୟନର ଅଶ୍ରୁ ସହିତ ଗୁଣୁଗୁଣୁ ଗୀତରେ ମାର୍ଜିତ କରିଚାଲିଛି ।

ଲିଜା – ଗାଇଲୁ ସେଇ ଗୀତ ଟା

ଖୁସି ବାପା ନାହିଁ ଯାହାର, କିଏ ହେବ ଯେ ନିଜର ... । ମାଆ ହିଁ ବୁଝିବ ମନର ବେଦନା, କୋଳେଇ କାଖେଇ ଖୁଏଇ ଦେବ ପେଟ ଦେଖି ସିଏ ଦୁଃଖ ବୁଝିବ, କିଏ ହେବ ଯେ ନିଜର... ।

ଅତି ମଧୁର କଣ୍ଠରେ ଗୀତ ଗାଉଥିବା ସମୟରେ ନିଜ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା । ଆଉ ଏଇ ସମୟରେ ବାବୁ ଆସିଯାଇଥିଲେ । କାମ ଧନ୍ଦା ଛାଡ଼ି ଯେ ଝିଅଟା ଗୀତ ଗାଇବାରେ ବସି ଯାଇଛି । ସକାଳ ଠାରୁ ସଞ୍ଜ ପେଟେ ଠୁସି ଦେଇ ଗୀତ ଗାଇବାକୁ ମୋ ଘର ମିଳିଛି ବୋଧେ । ମାସିକ ଦୁଇହଜାର ସହିତ ଖାଇବା ପିଇବା ଦେଇ କ'ଣ ମିଳୁଛି ଯେ କୌଣସି କାମକୁ ନୁହେଁ ଯେ ଝିଅ । ଆଶ୍ରମ ବାଲା ମୋତେ ଠକେଇ ଦେଲେ । କହିଲେ ଜଣେ ବାରବରଷର ଝିଅ ଅଛି ନେଇ ଯାଅ ଭଲ କାମ କରିବ । ହେଲେ ଏଇ ଅନାଥ ଓ ଜାରଜ ପିଲାଗୁଡ଼ାକ କ'ଣ କାମ କରିବେ ଯେ । କାଲି ନେଇ ତାକୁ ତା ଜାଗାରେ ଛାଡ଼ିଦେଇ ଆସିବି । ବର୍ଷେ ପୁରି ଦୁଇବର୍ଷ ହେଲା ହେଲେ କାହିଁ ଯାର କାମ ଧନ୍ଦାରେ କିଛି ପରିବର୍ତ୍ତନ ହେଉନି । ରୋଷେଇ କରିପାରୁନି କି ଭଲ କପଡ଼ା ଧୋଇ ପାରୁନି । ବାବୁ ଏମିତି ଗୁଡ଼ାଏ ଆଜି ନୂଆବରଣରେ ଗର୍ଜନ କରିଚାଲିଲେ । କାଲି ତାର ଏଇ ଘରୁ ଦାନା ପାଣି ସରିଯିବ ।

ଥରି ଥରି ଦଉଡ଼ି ପଳେଇ ଗଲା କପଡ଼ା ଆଉ ବାସନ ସଫା କରିବାକୁ । ବାବୁଙ୍କର ଗୋଟେ ଜିଦ ଖୁସିକୁ ଆଉ ରଖିବେନି ସକାଳ ଠାରୁ ଖୁସି ଉପରେ ବିଳି ବିଳି ହେଉଛନ୍ତି । ସନ୍ଧ୍ୟା ହେଲା ରୋଷେଇ କାମ ଆରମ୍ଭ ହେବ । ଚାରିଆଡ଼ ସଜ୍ଜିତ କରାଯାଇଛି । ମାଇକି ଉଚ୍ଚ ସ୍ୱରରେ ବାଜୁଛି । ଚରିଆଡ଼ ଆନନ୍ଦ ବିଭୋର । ସବୁ କହୁଛନ୍ତି ନୂତନ ବରଷର ଅଭିନନନ୍ଦନ । କୁଣ୍ଢା କୁଣ୍ଢି କୋଳାକୋଳି ହେଉଛନ୍ତି ।

ବାବୁଙ୍କର ସମସ୍ତ ଅତିଥି ଧୀରେ ଧୀରେ ଆସିବା ଆରମ୍ଭ କଲେ । ଲିଜାର ବହୁତ ସାଙ୍ଗ ଆସିଥାନ୍ତି । ସବୁ କେତେ ସୁନ୍ଦର ପୋଷାକ ପିନ୍ଧିଛନ୍ତି । କେତେ ରଙ୍ଗ ବେରଙ୍ଗର ପୋଷାକ ସହିତ ସୁନ୍ଦର ସୁନ୍ଦର ଜୋତା । କିଏ ମେହେନ୍ଦିରେ ନିଜ ଶରୀର ସୁଶୋଭିତ କରିଛି ତ କିଏ ଅତର ଏମିତି କେତେ କ'ଣ । ଖୁସି ଉହାଡ଼ିଆରେ ଠିଆ ହୋଇ ଅନେଇ ଦେଉଛି ଆଉ ଏଇଟା ତାର ନୂଆ ବରଷର ଖୁସି କହିଲେ ଚଳେ । ସେ ଛୋଟ ପିଲା ହେଲେ ମଧ୍ୟ ନିଜ ମଣିଷ ପଣିଆକୁ ବୁଝିପାରିଛି । ନିଜର ପରିଚୟ ବିଷୟରେ ସେ ଅବଗତ ନୁହେଁ । ବାବୁ ତାକୁ ଜାରଜ କହୁଛନ୍ତି । ଅର୍ଥାତ ସେ ଜାଣିଛି ବହିରୁ ପଢ଼ି ଯାହାର ବାପା ମାଆର ପରିଚୟ ନଥାଏ ସେ ଜାରଜ ଅଟେ । ତେଣୁ ତାକୁ ତା ବାପା କିଏ ଓ ମାଆ କିଏ ସେ ଜାଣେନା । ତା ପାଇଁ ନୂଆବରଷରେ ନିଆଁ ଲାଗିଯାଇଛି । ଯାହାର ବାପା ମାଆ ଥାନ୍ତି ସେଇ ପିଲାମାନେ ଖୁସିରେ ରୁହନ୍ତି ବୋଲି ତାର ଧାରଣା । ଯେତେବେଳେ ସମୟ ପାଏ ଖାଲି ଆଢୁଆଳରେ ଠିଆ ହୋଇ ଦେଖେ ସେଇ ତା ବୟସର ଝିଅମାନଙ୍କୁ ଆଉ ତାକୁ ତା ନିଜ ପ୍ରତି ବହୁତ ଘୃଣା ଆସେ । ହେଲେ ମଣିଷ ଜୀବନ ଦୁର୍ଲଭ ବୋଲି ବଡ଼ ଲୋକିଆ କୁହନ୍ତି । ହେଲେ ମୋ ଜୀବନ ବି ଦୁର୍ଲଭ ହୋଇଥାଇପାରେ । ବଞ୍ଚିଥିବାଯାଏ ଚେଷ୍ଟା କରିବା । ତାକୁ କେବଳ ଲିଜା ସହାୟ ଏତିକି ଜାଣିଛି । ଲିଜା ତା ପ୍ରତି ଭଗବାନ । ଆଜି ସକାଳେ ଲିଜା ତାକୁ କେତେ ବୁଝେଇଛି ଆଉ ନୂଆ ବରଷର ଅଭିନନ୍ଦନ ମଧ୍ୟ କହିଛି । ହେଲେ ଏଇତ ଦୁନିଆ ଟିକେ ଖୁସି ମିଳିଲା ବେଳକୁ ବାବୁ କହିଲେଣି କାଲି ମୋତେ ଏଠୁ ବିଦା କରିବେ । ହେ ଭଗବାନ ! ହେ ଭଗବାନ !!!

ଏଇ ନୁଆବରଷର ନିଆଁରେ ମୋ ଦୁର୍ଭାଗ୍ୟ ପୋଡ଼ି ସୌଭାଗ୍ୟର ପାଉଁଶ ପ୍ରାପ୍ତି କରାଅ ପ୍ରଭୁ ଏତିକି କରୁଣା ଭିକ୍ଷା କରୁଛି ପ୍ରଭୁ ।

ମାଇକି ବାଜୁଛି ସବୁ ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଅତିଥି ବାବୁଙ୍କର ଆସି ସାରିଲେଣି । କାର୍ଯ୍ୟକ୍ରମ ଆରମ୍ଭ ହେବ । ଖୁସି ଟିକେ ଖୁସି ଜଣା ପଡୁଛି । ଅଦିନିଆ ଖୁସି ତା ମୁଣ୍ଡ ଉପରେ ଉଙ୍କି ମାରୁଛି । ହେଲେ ସେ କଉଥି ପାଇଁ ଖୁସି ହେଉଥିଲା ଜାଣିପାରୁନି ।

ଖୁସି ଦେଖିବାକୁ ସୁନ୍ଦର ହେଲେ ଦେହରେ ତା'ର ମଇଳା ଛିଣ୍ଡା ସୁଇଟର । ଆଉ ଫୁରୁ ଫୁରୁ କେଶ ଗୁଚ୍ଛ । ହେଲେ ବି ସେ ସୁନ୍ଦର ଲାଗୁଛି ଦେଖିବାକୁ । ଲିଜା ଲୁଚି ଲୁଚି ଆସି ଖୁସିକୁ ତା ସାଙ୍ଗମାନଙ୍କ ଭିତରକୁ ଟାଣି ନେଇଥିଲା । ଆଉ ସୁବାସିତ ତୈଳ ସହିତ କିଛି ଶୀତୁଆ ପୋଷାକ ଦେଇଥିଲା ପିନ୍ଧିବାକୁ । ଖୁସି ପିନ୍ଧିବା ପୂର୍ବରୁ କାନ୍ଦି ପକେଇଲା । ତା'ର ଦୁଇ ନେତ୍ରରୁ ଝରି ପଡୁଥିଲା ଆନନ୍ଦର ଅଶ୍ରୁ । ହେଲେ ନୂଆ ପୋଷାକ ସହିତ ସୁବାସିତ ତୈଳ ପିନ୍ଧିବାର ଆଗ୍ରହ କାହାର ନାହିଁ କହିଲେ । ସେ ମଧ୍ୟ ଗୋଟେ ଝିଅ । ତାର ମଧ୍ୟ ଆଗ୍ରହ ଓ ଇଚ୍ଛା ଅଛି । ପିନ୍ଧି ପକେଇଥିଲା ପୋଷାକ ଗୁଡ଼ାକ ଓ ନିଜକୁ ପ୍ରଥମଥର ସଜେଇ ଥିଲା ଗୋଟିଏ ପରି ରାଇଜର ରାଜକୁମାରୀ ଭଳି ।

କାର୍ଯ୍ୟକ୍ରମ ଆରମ୍ଭ ହେବ । ଗୀତ ନାଚ ହେବ । ଲିଜା ତା'ର ସାଙ୍ଗମାନେ ବହୁତ ନାଚିବେ । ରାତି ବାରଟା ଯାଏ ହେବ କାର୍ଯ୍ୟକ୍ରମ । ଘୋଷଣା କରାଗଲା ଯେଉଁମାନେ ନାଚିବେ ଓ ଗୀତ ଗାଇବେ ନିଜର ନାମ ଦିଅନ୍ତୁ । ଆଖପାଖର ଲୋକ ମଧ୍ୟ ଆସନ୍ତି ଦେଖିବାକୁ । ହଜାର ଲୋକଙ୍କର ସମାଗମ ହୁଏ । କାର୍ଯ୍ୟକ୍ରମ ସରିଲାପରେ ସମସ୍ତେ ନିଜ ନିଜ ଘରକୁ ପଳେଇ ଯାଆନ୍ତି ଆଉ ବାବୁଙ୍କର ଭୋଜନ ସଭାରେ ଅତିଥି ଓ ଅଭ୍ୟାଗତ ମାନଙ୍କର ଭୋଜନକ୍ରିୟା ହୋଇଥାଏ । ଏଇ କାର୍ଯ୍ୟକ୍ରମ ବାବୁ ପ୍ରତ୍ୟେକ ବର୍ଷ କରନ୍ତି । ହଜାର ହଜାର ଲୋକ ବହୁତ ପୁରସ୍କାର ଦିଅନ୍ତି । ବାବୁ ମଧ୍ୟ ବହୁତ ପଇସା କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରନ୍ତି । କାରଣ ବାବୁ ଜଣେ ଜମିଦାର ଲୋକଙ୍କର ପୁଅ ସହିତ ଓକିଲ ମଧ୍ୟ ।

ଲିଜା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଖୁସିର ନାଁ ମଧ୍ୟ ଦେଇଦେଇଛି । ଖୁସି ଜାଣିନାହିଁ ଯେ ବିଷୟରେ କି ସେ ମଧ୍ୟ ଏତେ ବଡ଼ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ । ନାଁ ଡାକରା ହେଲା ପ୍ରଥମ ନାଁ ଖୁସିର ଥିଲା ।

ବାବୁ ବହୁତ ରାଗି ଯାଇଥିଲେ । ଖୁସି ଗୀତ ଗାଇବ । ଚାକର ପିଲାଟା କ'ଣ ଗୀତ ଗାଇବ ଯେ । ବହୁତ ରାଗରେ ଗରଗର ହୋଇ ମୁହଁ ତଳକୁ କରି ଅତିଥିମାନଙ୍କ ଗହଣରେ ବାବୁ ବସିଥାନ୍ତି । ହେଲେ ଖୁସି ବହୁତ ବାବୁଙ୍କୁ ଭୟକରେ । ଖୁସି ଯେତେ ମନା କରୁଥାଏ ଲିଜା ଛାଡ଼ିବାର ନାହିଁ । ତୋ ନାଁ ଡାକରା ହେଲାଣି । ଯାଆ ଖୁସି ତୋ ପ୍ରତିଭାର ବିକାଶ କରିବାର ସୁଯୋଗ ଦେ । ଖୁସି ଆଜି ଯଦି ଗୀତ ନ ଗାଇବୁ ତେବେ କାଲି ତୋତେ ପୁଣି ଆଶ୍ରମ ଯିବାକୁ ପଡ଼ିବ । ଆଶ୍ରମ ବାଲା ନନେବେ ଯଦି ତୋତେ ପୁଣି କାହାକୁ ବିକିଦେବେ । ଖୁସି ତୋତେ ଛାଡ଼ି ମୁଁ ବଞ୍ଚି ପାରିବିନାହିଁ । ତୁ ଯାଇ ଗୀତ ଗାଇବୁ ନିଶ୍ଚୟ ତୋତେ ତୋ ଲିଜାର ରାଣ । ଖୁସି ଏବେ ଦମ୍ଭ ଧରି ମଞ୍ଚ ଉପରକୁ ଯାଇଥିଲା । ବାବୁଙ୍କ ଆଣ୍ଠୁମାଡ଼ି ଜୁହାର ହୋଇଥିଲା । ଆଉ କହିଥିଲା ମୁଁ ହେଉଛି ଖୁସି । ମୋ ଭଗବାନ ହେଉଛନ୍ତି ମୋ ବାବୁ ଯିଏ କି ଏଇ ସୁନ୍ଦର କାର୍ଯ୍ୟକ୍ରମର ଅନୁଷ୍ଠିତ ଓ ଆୟୋଜିତ କରିଛନ୍ତି । ଆଉ ମୋତେ ମୋ ସାଙ୍ଗ ଓ ଭଉଣୀ ଲିଜା ସୁଯୋଗ ଦେଇଥିବାରୁ ମୁଁ ତାକୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି । ଆଉ ଶେଷରେ କହିବାକୁ ଚାହୁଁଚି ମୋର ଆଜି ଏଠି ଛିଡ଼ା ହେବାରେ କୌଣସି ଭୁଲନାହିଁ ବାବୁ । ଲିଜା ବହୁତ ବାଧ୍ୟ କରିଥିବାରୁ ଆପଣଙ୍କ ଚାକର ପିଲା ଏଇ ସୁନ୍ଦର ପୋଷାକ ସହିତ ସୁବାସିତ ତୈଳ ଓ

କେତେ ସୁନ୍ଦର ଗହଣା ପିନ୍ଧି ମଞ୍ଚ ଉପରକୁ ଆସି ପାରିଲା । ଆଉ ସମସ୍ତ ଗୁରୁଜନମାନଙ୍କୁ ଏଇ ଚାକର ପିଲାଟିର ପ୍ରଣାମ । ମୋ ଗାଇବାରେ କୌଣସି ତ୍ରୁଟି ଥିଲେ କ୍ଷମା କରିବେ । ଆଉ ମୋ ଗୀତର ସ୍ୱରର ଓ ତାଳର ଗୁରୁ ହେଉଛି ମୋ ପ୍ରାଣପିୟା ଲିଜା । ଏବେ ଲିଜା ଗୀତ ଆରମ୍ଭ କରିଥିଲା, ଯେ କ'ଣ । କୌଣସି ବି ତାଳ ଓ ସ୍ୱରର ଟିକେ ବି ଅଭାବ ନାହିଁ । କୋଇଲି ସ୍ୱର । ଅତି ଚମତ୍କାର ଗୀତ ସରିଲା ମଞ୍ଚାସୀନ ସମସ୍ତ ଦର୍ଶକ ଖୁସିର ଗୀତରେ ମୁଗ୍ଧ ହୋଇ ହଜାର ହଜାର ଟଙ୍କାର ପୁରସ୍କାର ଦେଲେ । ପୁରସ୍କାରର ସୁଅ ଛୁଟିଲା । ନାଚରେ ବି ପ୍ରଥମ । ଖୁସି ଆଉ ଗୋଟେ ଗୀତ ଗାଉ ବୋଲି ସମସ୍ତଙ୍କ ଅନୁରୋଧ । ହେଲେ ସେ ଆଉ ଗୀତ ଶିଖି ନାହିଁ ଯେ । ଶେଷରେ ସର୍ବବୃହତ ପୁରସ୍କାର ଖୁସିକୁ ମିଳିଲା । ଖୁସିକୁ ମଞ୍ଚକୁ ଡକାଇ ଲିଜା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କାର ଦେବେ କହିଲେ । ଖୁସି ତୋ ବିଷୟରେ କିଛି କହୁ ବୋଲଇ ପ୍ରଧାନ ଶିକ୍ଷକ କହିଲେ ।

ଖୁସି – ଆଜିର ପୁରସ୍କାର କେବଳ ଲିଜାର ମୋର ନୁହେଁ । ଆଉ ମହାଶୟ ମୋର ପାଠ ପଢ଼ିବାକୁ ବହୁତ ଇଚ୍ଛା ହେଉଛି ।

ଶିକ୍ଷକ – ତୁ ଲେଖାପଢ଼ା ଶିଖିଛୁ ।

ଖୁସି – ମହାଶୟ ମୁଁ ଲିଜାର ସମସ୍ତ ବହି ପଢ଼ି ସାରିଦେଇଛି । ଲିଜା ମୋତେ କୁହେ ମୁଁ ଯେତେବେଳେ ବିଦ୍ୟାଳୟ ଯିବି ସେଇ ସମୟରେ ତୁ ମୋର ଗୋଟେ ବି ବହି ରଖିଦେଇଯିବି ଆଉ ତୁ ତାକୁ ପଢ଼ିବୁ ।

ଶିକ୍ଷକ – ପଢ଼ିଦେଲେ ହେଇଯିବନିରେ ମା ଅଧ୍ୟବସାୟ ଦରକାର । ସାଧନା ଦରକାର । ତା ସହିତ ପାଠର ମର୍ମ ହିଁ ବୁଝିବା ଦରକାର ।

ଖୁସି ବୁଝିଛି ମହାଶୟ ତେଣୁ ମୁଁ ଚେଷ୍ଟିତ ଏଇ ବର୍ଷର ପରୀକ୍ଷା ଲିଜା ସହିତ ଲେଖିବି । ଏହା ସମ୍ଭବ କି ମହାଶୟ ? ମୋର ଆଉ କୌଣସି ଦରକାର ନାହିଁ । ମୋର ପୁରସ୍କାର ଦରକାର ନାହିଁ । ମୋର ଭଲ ପୋଷାକ ଦରକାର ନାହିଁ । ମୋତେ ଦୁଇଦିନ ଖାଇବାକୁ ନଦେଲେ ଚାଲିଯିବ ହେଲେ ମହାଶୟ ମୋତେ ଟିକେ ଆପଣଙ୍କ ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ଦେବେନି ?

ଶିକ୍ଷକ – ନିଶ୍ଚୟ ପଢ଼ିବୁ ହେଲେ ଏଇ ଦର୍ଶକ ମାନଙ୍କ ସାମ୍ନାରେ ତୋତେ ସେଇ ପଢ଼ା ବହିରୁ ପାଞ୍ଚଟି ପ୍ରଶ୍ନ ପଚାରିବି ଆଉ ତା'ର ଉତ୍ତର ଦେଇ ପାରିଲେ ତୋତେ ନିଶ୍ଚୟ ପଢ଼ିବାର ସୁଯୋଗ ମିଳିବ ।

ଖୁସି – ନିଶ୍ଚୟ ଦେବୀ ମହାଶୟ ।

ଖୁସି ସମସ୍ତ ପ୍ରଶ୍ନ ଭୂଗୋଳ, ଇଂରାଜୀ, ବିଜ୍ଞାନ ଓ ଗଣିତ ଆଦିର ପ୍ରାଞ୍ଜଳ ଭାବରେ ଉତ୍ତର ଦେଇଥିଲା । ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବିସ୍ମୟର୍ଯ ହୋଇ କହି ପକେଇଲେ ପିଲା ବର୍ଷ ବର୍ଷ ଧରି ଯାହା କରି ପାରୁନାହାନ୍ତି ତୁମେ କ'ଣ ବିନା ପଢ଼ା ଓ ବିନା ପ୍ରଶିକ୍ଷଣରେ ସମସ୍ତ ପ୍ରଶ୍ନର ଉତ୍ତର ସହଜରେ ଦେଇପାରୁଛ । ଆଶ୍ଚର୍ଯ୍ୟ...ଆଚାର୍ଯ୍ୟ ।

ଉପସ୍ଥିତ ସମସ୍ତ ଦର୍ଶକ ମଣ୍ଡଳୀ ଓ ମଞ୍ଚାସୀନ ଅତିଥି ବୃନ୍ଦଙ୍କର ବିସ୍ମୟର ସୀମା ରହିଲାନାହିଁ । ବାବୁଙ୍କ ଆଖିରୁ ଝରି ପଡୁଥାଏ ଅନୁତାପର ଅଶ୍ରୁ । ଲିଜା ଖୁସିରେ ନାଚୁଥାଏ । ଲିଜାର ସମସ୍ତ ସାଙ୍ଗ ଖୁସିକୁ କୁଣ୍ଢେଇ ପକାଉଥାନ୍ତି । ଭାଗ୍ୟର ବିଡ଼ମ୍ବନା । ପ୍ରଧାନ ଶିକ୍ଷକ ଜଣକ ବାବୁଙ୍କ ହାତଧରି ପକେଇ କହିଲେ ମହାଶୟ ମୋର ଝିଅ ନାହିଁ ଆଉ ମୁଁ ଖୁସିକୁ ନେଇଯାଉଛି । ସେ ଆଜିଠାରୁ ମୋ ଝିଅ ହେବ । ତାକୁ ପାଠ ପଢ଼େଇବି ଆଉ ତାକୁ ସବୁ ଖୁସି ମୁଁ ଦେବି । ସେ ଭବିଷ୍ୟତରେ ଜଣେ ଉଜ୍ଜ୍ୱଳ ପ୍ରତିଭା ହୋଇ ପ୍ରସ୍ଫୁଟିତ ହେବ ।

ହେଲେ ବାବୁ କାନ୍ଦି କାନ୍ଦି କୁଣ୍ଢେଇ ପକେଇଥିଲେ ଖୁସିକୁ । ନାଁ ନାଁ ନଁ....

ଖୁସି ପାଠ ପଢ଼ିବ ହେଲେ ମୁଁ ପଢ଼େଇବି ତାକୁ । ମୋର ବୁଝିବାରେ ଭୁଲ ହୋଇଯଶଇଛି । ମୋ ଲିଜା ଆଉ ମୋ ଖୁସି ଏବେଠାରୁ ଦୁଇଭଉଣୀ । ଯେ ନୂଆ ବରଷ ନିଆଁ ଲାଗୁ ମୋର ଏବେ ଠାରୁ ଦୁଇଝିଅ । ସେ ପଢ଼ିବ ଜାରଜ ହୋଇ ନୁହେଁ ମୋ ଝିଅ ହୋଇ । ଲିଜା ଆଉ ଖୁସି କୁଣ୍ଢା କୁଣ୍ଢି ହୋଇ କାନ୍ଦୁଥିଲେ କେବଳ କାନ୍ଦୁଥିଲେ... ।

ବ୍ରାହ୍ମଣ ଗାଁ, ବାଲେଶ୍ୱର, ଭଦ୍ରକ ।

# ରକ୍ଷିତା

- ରୀତାଞ୍ଜଳୀ ପ୍ରଧାନ

ଅର୍ପର୍ଣ୍ଣା ମୁହଁକୁ ତା'ର ବାରବାର ଧୋଇ ହେଲା । ସତେ ଯେମିତି ସେ ମୁହଁରେ ଲେସି ହେଇଯାଇଛି ନଈ ପୋଖରୀର ନୁହେଁ ନାଳିଆର ପଙ୍କିଳ କାଦୁଅ ମେଞ୍ଚାଏ । ଯେଉଁଥିରେ କେବେ ପଦ୍ମ ତ ଫୁଟେନି ହେଲେ ସାଲୁବାଲୁ ହୁଅନ୍ତି ଯେତେ ସବୁ ଜୀବାଣୁ ଅକ୍ଲେଶରେ । ବାର ବାର ସାବୁନ୍‌ରେ ମୁହଁ ଧୋଇଲାବେଳେ ଆଖିର ଲୁହ ବି ପାଣିର କାମ କରୁଥିଲା । ଦିଦିଟା ଟ୍ୟାପ୍ ଯେମିତି ଲାଗିଥିଲା ତା' ମୁହଁରେ । ଅନର୍ଗଳ କୋହ....କୋହର ବାଦଲ୍ ଫଟା ବର୍ଷା ହେଇ ଧସି ପଡୁଥିଲା ତା'ର ଆତ୍ମ ସ୍ୱାଭିମାନ, ଅଭିମାନ, ମାନସମ୍ମାନ ସବୁ ।

କାହାକୁ ସେ ସକାଳ ପାହିଲେ କହିବ ବୀରେନ୍ଦ୍ର ଘର ଛାଡ଼ି ଚାଲି ଯାଇଛନ୍ତି, ପାଖ ଘରର ଯୁବତୀ ସହିତ । ବହୁତ ଦିନରୁ ଶୁଣିଥିଲା, ଏ କାହାଣୀ ସେ... । ଅନେକବାର ହୃଦୟଙ୍ଗମ କରିଛି । ବୀରେନ୍ଦ୍ରଙ୍କୁ କଟାକ୍ଷ କରିଛି, ମାନ ମାରିଛି କିନ୍ତୁ କିଛି ଲାଭ ହେଇନି । କାରଣଟା ସେ ଝିଅ ଥିଲା ନବଯୌବନା, ଗୋରୀ ସୁନ୍ଦରୀ ଆଉ ଅପର୍ଣ୍ଣା .....

ଯେମିତି ଶରୀର କଳା ହେବାର କାରଣଟା ସେ ନିଜେ ନିଜ ପାଇଁ ଆଣିଛି । ଯାଛଡ଼ା ସମାଜରେ ସେ ପରିଚୟ ବିହୀନ । ବୀରେନ୍ଦ୍ର ସହ ବିବାହ ପ୍ରସ୍ତାବ ପଡ଼ିବା ବେଳଠୁ ସେ କେତେ ଯେ ଦିଅଁ ଦେବତାଙ୍କୁ ମୁଣ୍ଡିଆ ମାରିନଥିଲା । ଭାଗବତଟାକୁ ମୁଖସ୍ଥ କରି ଦେଇଥିଲା । ଆଉ ଉପବାସ ସେଇଟା ତ ଈଶ୍ୱରପ୍ରେମ....ସେ କେମିତି ଛାଡ଼ିପାରି ଥାଆନ୍ତା ।

ବୀରେନ୍ଦ୍ର କିନ୍ତୁ ତାକୁ ବିବାହ କରିବାକୁ ରାଜି ହେବାର ମୁଖ୍ୟ କାରଣ ଥିଲା ତା ବାପାର ଆଭିଜାତ୍ୟ । ଖାସ୍ କରି ତାଙ୍କ ପ୍ରାଇଭେଟ୍ ସ୍କୁଲରେ ଡେଡ଼ସାର୍‌ଟିଏ ହେବା ପାଇଁ । କାହିଁକିନା ବି.ଇ.ଡ଼ି ପରେ ବି ସେ ବେକାର ଥିଲେ ଆଉ ରୋଜଗାରର ମାଧମ ଥିଲା ବସ୍ତାରେ ଚାଉଳ ନେଇ ହାଟରେ ବିକ୍ରିକରିବା । ଗାଁରେ କିଏବା ଟିଉସନ୍ ନିଜ ଛୁଆକୁ ଦେଉଥିଲା ଯେ ଟିଉସନ୍‌ରୁ ଗୁଜୁରାଣ କିଛି ମେଣ୍ଟେଇ ପାରିଥାଆନ୍ତେ ! ଏକଥା ଅପର୍ଣ୍ଣା ଜାଣିଥିଲା କିନ୍ତୁ ସେ ଭାବିଥିଲା ପରସ୍ପରର ଅଭାବର ପରିପୁରକ ହୋଇ ସେମାନେ ସୃଷ୍ଟି କରିବେ ଭାବର ରାସ୍ତାଟିଏ । ହଁ ଭାବର ରାସ୍ତା ଯିଏ ଅଭାବର ଅନେକ ଛିଦ୍ରର ଗଣ୍ଠିଲିରେ ବନ୍ଧାହେଲେ ବି ଗତିଶୀଳତାକୁ ଗତି ଦିଏ । ମନ ଜିଣିବାର ଅନେକ ପରିଶ୍ରମ କରିଛି ସେ... ଯାହା ଯେମିତି ଚଳି ଯାଉଥିଲା ହେଲେ ସ୍କୁଲଟି ପୂର୍ଣ୍ଣତଃ ଗ୍ରାଣ୍ଟ ପାଇଗଲା ପରେ ବୀରେନ୍ଦ୍ରଙ୍କ ପାଗଳାମୀ କହି ଯାହାକୁ ସେ ଆଡ଼ ଆଖିରେ ଆଡ଼େଇ ଦେଉଥିଲା ଆଜି ତାହା କାଳ ହେଇଗଲା ।

ଛୋଟ ଛୋଟ ଦିଇଟା ଶିଶୁଙ୍କ ମାଆ ସିଏ । ବାର ବର୍ଷର ବିବାହରେ ସେ ବୀରେନ୍ଦ୍ରଙ୍କର ଝିଅଙ୍କ ସହିତ ଯୋଡ଼ି ହେବାକୁ ସ୍ୱାଭାବିକ ପ୍ରବୃତ୍ତି ଭାବେ ନେଇଯାଇଥିଲା । ଝିପ୍‌ଝିପ୍ ବର୍ଷାରେ କଉ ଘର ଭାସିଯାଏ । ନାଁ ଦଲକାଏ ପବନରେ ବାତ୍ୟା ଆସେ । ଏମିତି ତ କଥାରେ ଅଛି ଘର କରିଥିଲେ ପଥର ପଡ଼ିଲେ ସହି । ତେଣୁ ସବୁକଥାକୁ ମନରୁ ଝାଡ଼ିଝୁଡ଼ି ଦେଇ ଛୁଆଙ୍କ ଦେଖାଶୁଣାରେ ମନଦେବା ତାର ଗୋଟେ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ହେଲେ ଆଜି ଆଜି କଥା ଭିନ୍ନ ହୁଏତ କାଲି ତା ପାଇଁ ବୀରେନ୍ଦ୍ର ଜୀବନରେ ଶେଷ ଅଧ୍ୟାୟ । ଆଉ ପିଲା ଦିଇଟା ଏ ଅଧ୍ୟାୟର ମୂଳସାକ୍ଷୀ ହୋଇ ରହିଯିବେ ।

ସବୁଦିନ ପରି କାଳ ସୂର୍ଯ୍ୟ ଧିର ଛନ୍ଦରେ ତା' ଅଗଣାରେ ପ୍ରବେଶ କଲା । ପ୍ରକୃତି ଯେ ନିୟମର ବ୍ୟତିକ୍ରମ ନୁହେଁ....ତେଣୁ ସ୍ୱାଭାବିକ ଘଟଣାଟା ଘଟିବାର ହିଁ ଥିଲା । ହେଲେ ସେଥିରେ ସେ ଆଣି ଥିଲା ବାଦଲର ମଳିନତା । ଫିକା ଫିକା କସରା ଆଲୁଅ ଖରା ଆଉ ଛାଇର ସଙ୍ଗମ, ଯେମିତି ତା ଅଗଣା ପାଇଁ ଖାସ୍ କରି ଆଜିର ସକାଳ ନେଇ ଆସିଥିଲା ନିରସିଆପଣ । ତା ଫୁଲ ବଗିଚାରେ ଆଜି ନା ପ୍ରଜାପତି ନା ଆମ୍ବ ବଉଳର କୋଇଲିର କୁହୁତାନ ଥିଲା । ସବୁ ଯେମିତି ସ୍ତବ୍ଧ ମଳିନ । ହେଲେ କବାଟକୁ ସେ ଆଘାତ ଦେବା ପୂର୍ବରୁ ବାହାରୁ ଆଘାତ ହେଲା...ଅପା...ଅପା ।

କଥାଟା ତା ହେଲେ ଗାଁଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି । ଭଲହେଲା ତାକୁ ତ କାହାକୁ କହିବାକୁ ପଡ଼ିବନି । ଦୀର୍ଘନିଶ୍ୱାସରେ କବାଟ ଖୋଲିଲା ସେ । ଦେଖିଲା ସାନ ଭାଇ ମନୁ । ମନୁର ସ୍ୱର ଥିଲା ରୁକ୍ଷ । ଅପା ...ତୁ କେମିତି କିଛି ଖବର ଦେଇନୁ, ଏତେ ବଡ଼ କାଣ୍ଡ ହେଇଗଲା । ସତ କି ମିଛ ଜାଣିବା ପାଇଁ ମୁଁ ଏକା ନିଶ୍ୱାସରେ ଘରେ କିଛି ନକହି ଚାଲିଆସିଛି । ସେ ଶଳାଟାର ଲୀଳା

ରଙ୍ଗନେଲା... । ମୁଁ କେତେଥର କହିଛି ତୁ ବିଶ୍ୱାସ କଲୁନି । ଗୋଟେ ନିଶ୍ୱାସରେ କହି ଚାଲିଥାଏ ମନୁ ।

ମନୁ ଅପର୍ଣ୍ଣା ଠାରୁ ବୟସରେ ୧୨ବର୍ଷ ଛୋଟ ହେଲେ କଥା କହୁଥାଏ ବିଜ୍ଞ ଲୋକଟିଏ ପରି । ଅପର୍ଣ୍ଣା ମନୁକୁ ଆଉ ସିଧା ସିଧା ଚାହିଁପାରିଲାନି । ପଣତରେ ଆଖିକୁ ବନ୍ଦ କରିଦେଲା । କାଳେ ଲୁହଗୁଡ଼ା ତା ମନୁ କୁ ଭସେଇ ନେବ । ଅଯଥା ସୁକ୍ଷ୍ମବନ୍ଧଟିଏ ଦେବାକୁ ଚେଷ୍ଟା କଲା ସେ ।

ଛୁଆଙ୍କୁ ନେଇ ଘରକୁ ଚାଲି ଆସିଲା ସେ । କ'ଣ ଆଉ ଉପାୟ ଥିଲା ଗାଁରେ ପଞ୍ଚାୟତ ବସିଲା । ବୀରେନ୍ଦ୍ରଙ୍କୁ ଡକରାରେ ବୀରେନ୍ଦ୍ର କହିଲେ ଅପର୍ଣ୍ଣା ସହ ମୁଁ ରହିବାକୁ ଚାହୁଁନି । ସେ ଯଦି ଛାଡ଼ପତ୍ର ନିଏ ମୁଁ ରାଜି । ଆଉ ଯଦି ସେମିତି ରହେ ପିଲାଙ୍କ ଭରଣ ପୋଷଣ ମୋ ଦାୟିତ୍ୱ ।

ମନେମନେ ହସିଲା ଅର୍ପର୍ଣ୍ଣା । କେବେ ସ୍ୱାମୀଠାରୁ ସ୍ତ୍ରୀର ମର୍ଯ୍ୟାଦା ନପାଇଥିବା ସେ କ'ଣ ବା ଆଶା କରିଥାଆନ୍ତା ବୀରେନ୍ଦ୍ରଠୁ । ଆଉ ବାପଘରେ ଆସି ରହିବାର ମାସକ ଭିତରେ ସେ ଦେଖି ନେଇଛି ଭାଉଜମାନଙ୍କ ପ୍ରୀତି । କାଳେ ଘରେ ବୋଝ ହେଇଯିବ ସେ ଭୟ ସେମାନଙ୍କ ମୁହଁରେ ବାରି ପାରିଛି ସେ । ତେଣୁ ତ ବାର ବାର ଶୁଣେଇବାର ଅଭିନରେ ସେ କେତେ ଅପାରଗ ସେମାନେ ବ୍ୟଖ୍ୟା କରିଛନ୍ତି । କେମିତି ସ୍ୱାମୀକୁ ପଣତରେ ବନ୍ଧାଯାଏ ଶିଖେଇଛନ୍ତି । ଯଦି ବା ସେ ବୀରେନ୍ଦ୍ରଙ୍କର କୌଣସି କାମରେ ପତ୍ନୀର କର୍ତ୍ତବ୍ୟରେ ଅବହେଳା କରିନି । ଖାଇବାକୁ ଠିକ୍ ସମରେ ଦେବାଠାରୁ ଆରମ୍ଭକରି ଡ୍ରେସ୍ ଆଇରନ୍ ଆଉ ରାତି ଗୋଡ଼ଘସିବା ପର୍ଯ୍ୟନ୍ତ କର୍ତ୍ତବ୍ୟ ନୁହେଁ ସ୍ନେହରେ ସେ ତୁଲେଇଛି । ଯଦ୍ୟପି ବାପଘରେ ଭାଉଜମାନଙ୍କୁ କେବେ ସେ ଦେଖିନି ଭାଇମାନଙ୍କ ପାଇଁ ଏତେ ସବୁ କାର୍ଯ୍ୟ କରିବା ବରଂ ସେ ଖୁସି ହୁଏ ତା ଭାଇମାନେ ନିଜକାମ ନିଜେ କରନ୍ତି ବୋଲି ।

ହେଲେ ସେ ଜାଣେ ଯେତେ ଯାହା ଗୁଣ ତା ପାଖେ ଥାଉନା କାହିଁକି ଯାହା ତା ପାଖେ ନାହିଁ ସେ ହେଲା ରଙ୍ଗ । ସେଇଠି ଏ କାହାଣୀର ତାଲା । ୟାକୁ ପିଟେଇବାକୁ ସ୍ନେହ, ପ୍ରେମ, ବୁଦ୍ଧିମତା ତଥା ସହନଶୀଳତାର ସବୁ ଚାବି ହାର ମାନିଛି ।

କେତେ ଯେ ପକ୍ଷପାତ ଏ ଜାଗତିକ ଦୁନିଆର ବିଶ୍ଳେଷଣରେ, କଳା ହୋଇ କାଳିଆ ପ୍ରିୟ ଯେଉଁଠି, କଳା ବାଦଲରେ ମୟୂର ନାଚକୁ ଦେଖିବାକୁ ଉତ୍କଣ୍ଠା ଯେଉଁଠି ପୁଣି ସର୍ବ ଶକ୍ତି ସମ୍ପର୍ଣ୍ଣା କାଳୀଙ୍କୁ କଳାଶାଢ଼ୀରେ ଖାସ୍ ଦିନରେ ମନ୍ତ୍ରଧ୍ୱନିରେ ଆମନ୍ତ୍ରିତ କରାଯାଏ ଯେଉଁଠି, ଖାଲି ସେତିକି ନୁହେଁ କଳା ଘନ କେଶ ଆଉ କଳା ନୟନର ଡୋଳାର ସୌନ୍ଦର୍ଯ୍ୟରେ ସାହିତ୍ୟ ପର୍ଯ୍ୟନ୍ତ ବିମଣ୍ଡିତ ଯେଉଁ ସଭ୍ୟତାରେ ଏମିତିକି କଳା ଗାଈ କଳା କୁକୁର କଳା କୋଇଲି ଏମାନେ ବି ମାନବିକ ଜୀବନଧାରାର ମଧୁରତମ ଅଙ୍ଗ ହେଇ ଯେଉଁଠି ଜୀବନ୍ତ ସେଠି ଏଇ ଖାସ୍ ସ୍ଥାନ ପାଇଥିବା କଳା ରଙ୍ଗଟି କିନ୍ତୁ ନିଜ ଓଜନ ହରାଏ ଯେତେବେଳେ ମାନବ ଅଙ୍ଗରେ ସେ ଲେସି ହୋଇଯାଏ । ସେଇ ସଭ୍ୟତାର ଭିନ୍ନ ଏକ ନିରାଟ ସତ୍ୟ ଉପଢ଼ୌକନ ଏ ରଙ୍ଗ । ଅପର୍ଣ୍ଣା ବା ବାଦ ପଡ଼ିବ କେମିତି ଏଥିରୁ । ଏମିତି ଗୋଟେ ଭାବନାରେ ବିଶ୍ଳେଷିତ କରୁଥିବା ମନକୁ ସଞ୍ଜିତ କରିନେଲା ଅପର୍ଣ୍ଣା । ଆଖି ସାମ୍ନାର ସତ୍ୟକୁ ସ୍ୱୀକାର କଲା ସେ ।

ସେ ବୁଝି ସାରିଥିଲା ତିନି ତିନିଟା ପ୍ରାଣୀଙ୍କ ଭରଣ ପୋଷଣ ପାଇଁ ପିଲାଙ୍କ ଭବିଷ୍ୟତ ପାଇଁ ଏ ଚାଳିଶ ପାଖାପାଖି ବୟସରେ ବା କ'ଣ ସେ କରିପାରିବ ! ଆଉ ଛାଡ଼ପତ୍ର ସେ ତ ସଂଖ୍ୟା ସିନ୍ଦୁର ଛାଡ଼ିବାର ପତ୍ର । ତା ପାଇଁ ଦାଣ୍ଡ ଘାଟରେ ଚାଲିବା ହେଇଯିବ ବଡ଼ ପ୍ରଶ୍ନବାଚୀର ବାଡ଼ । ବାପଘରେ ଟାହିଟାପରା ସହି ଅବହେଳିତ ରହି ଅନ୍ୟଏକ ଅଧ୍ୟାୟ ସୃଷ୍ଟି କରିବା ଅପେକ୍ଷା ବୀରେନ୍ଦ୍ରଙ୍କ କଥାରେ ରାଜି ହେବା ଠିକ୍ ବୋଲି ଭାବିନେଲା ସେ । ସ୍ତ୍ରୀରୁ ରକ୍ଷିତା ହେବାପାଇଁ ଦୀର୍ଘ ନିଶ୍ୱାସରେ ରାଜି ହେଇଗଲା ସେ ।

କନ୍ହେଇପୁର, କଟକ

# ଆଣ୍ଠୁକୁଡ଼ୀ

ଶରତ କୁମାର ସାହୁ

ସବୁକଥାରେ ହିସାବୀ ସୌଦାମିନୀ । ବିଭା'ହେବାପରେ ଗାଁରେ ବର୍ଷଗୋଟାଏ କଟାଇଛି । ବର୍ଷକଭିତରେ ଶାଶୂବୁଢ଼ୀ ଚାଲିଗଲା ପରେ ସ୍ୱାମୀ ସନତ ତାକୁ ଆଉ ଗାଁରେ ଏକା ନରଖି କଟକ ନେଇଆସିଲା । ଏମିତି ଏକ ହିସାବୀ ସ୍ତ୍ରୀ ସେ ପାଇଥିବାରୁ ତାର ଅନେକ ବଦଖର୍ଚ୍ଚ କମିଗଲା । ସନତ ନିଜେ ଜଣେ ବସ ଡ୍ରାଇଭର । କଟକରୁ ପୁରୀ ଦି ଡାଉନ୍ ବସ ଚଳାଏ । ସକାଳୁ ଯାଇ ରାତି ଦଶଟା ବେଳେବେଳେ ଏଗାରଟା ରାତିରେ ମଧ୍ୟ ଫେରେ । ପାଖାପାଖି ଚାରିଶହ କି.ମି. ଗାଡ଼ି ଚଳାଇବା ସତ୍ତ୍ୱେ ଦେହମନରେ କ୍ଲାନ୍ତି ନଆଣି, ସୌଦାମିନୀ ସହ ଦୁଃଖସୁଖ ହୋଇ ରାତି ବାରଟାରେ ଶୁଏ । ପୁଣି ସକାଳ ସାତଟାରେ ଉଠି ଚଟାପଟ ଗାଧୋଇପାଧୋଇ, ବିସ୍କୁଟ ସାଙ୍ଗରେ ଖାଲି ଚା' କପେ ପିଇ ପାଲାମଣ୍ଡପ ବସ୍‌ଷ୍ଟାଣ୍ଡ ପାଖକୁ ଧାଏଁ । ଦିନସାରା ବସ୍ ଷ୍ଟେରିଂ ଉପରେ ହାତରଖି ଅନ୍ୟ ସବୁକଥା ଭୁଲିଯାଏ ।

ଶଙ୍କରପୁର ବିଶିନାବର ଦାସସାହିରେ ଜଣେ ନିଃସନ୍ତାନ ଦମ୍ପତିଙ୍କ ଘରେ ଏମାନେ ବସାଘର ନେଇଥାନ୍ତି । ଚାରିବଖରା ଆଜବେଷ୍ଟସ୍ ଘର ତାଙ୍କର ଭଡ଼ା ଦିଆଯାଇଥାଏ । ଚାରୋଟି ପରିବାର ସେଇଠି ଚଳନ୍ତି । ଲମ୍ବା ଘର ସାମ୍ନାରେ ଗୋଟିଏ ଟିଉବ୍‌ୱେଲ । ଟିଉବ୍‌ୱେଲକୁ ଲାଗି ପାଣିକଳଟିଏ ଏବଂ ଏକମାତ୍ର ପାଇଖାନା ଉପରେ ନିର୍ଭର କରିଥାନ୍ତି ଏଇ ଚାରି ଭଡ଼ାଟିଆ ପରିବାର । ଘରମାଲିକର ଅନ୍ୟଏକ ବଖରା ଠିକ୍ ସେହି ଘରର ସାମ୍ନାରେ, ତାହା ମଧ୍ୟ ଆଜବେଷ୍ଟସ ଘର । ପରିଷ୍କାର ଗୋଟିଏ ଛୋଟିଆ ରୋଷେଇଘର । ରୋଷେଇ ଘରକୁ ଲାଗି ଗାଧୁଆଘର । ସେହି ଘର ଭିତରେ ପାଣିକଳ ଓ ପାଇଖାନା । ଘର ମାଲିକ ଥିବା ହେତୁ ସେମାନଙ୍କର, ଏମାନଙ୍କଠାରୁ ଟିକେ ଉନ୍ନତ ଚଳନୀ ପରିଲକ୍ଷିତ ହୁଏ । ଭଡ଼ାଟିଆଙ୍କ ଘରଭଡ଼ା ଉପରେ ସେମାନେ ନିର୍ଭର କରି ଚଳନ୍ତି । ସେମାନଙ୍କର ଦୁଇଟି କାଠ କେବିନ ମଧ୍ୟ ରାସ୍ତା ପାର୍ଶ୍ୱରେ ପଡ଼ି ଭଡ଼ା ଲାଗିଛି । ଏହାଛଡ଼ା ଆଉ କିଛି ଆଖିଦୃଷ୍ଟିଆ ରୋଜଗାର ନଥିଲେ ମଧ୍ୟ ଏମାନେ ଖୁବ୍ ଭଲରେ ଚଳନ୍ତି । ତାଙ୍କର ଭଡ଼ାଟିଆମାନେ ମଧ୍ୟ ଭଦ୍ର ସ୍ୱଭାବର । ସେମାନେ ଆଦୌ ଭଡ଼ା ଦେବାରେ ହେଳା କରନ୍ତିନାହିଁ କିମ୍ବା ପରିବେଶକୁ ଅପରିଷ୍କାର, ଅପରିଚ୍ଛନ୍ନ କରନ୍ତି ନାହିଁ ।

ତଥାପି, ଘରବାଲୀ ମଝିରେମଝିରେ ଏମାନଙ୍କ ଉପରେ ଚିଡ଼େ । ଚିଡ଼ିବାର କାରଣ ମଧ୍ୟ ଥାଏ । ଅଯଥାରେ କିଏ ଟିଉବୱେଲର ହ୍ୟାଣ୍ଡେଲ୍‌କୁ ଢ଼ାକୁଢ଼ାକୁ କରି ବାଡୋଇଥିବାବେଳେ ଇଏ ପାଟିକରି ଉଠେ । କଳ ପାଖରେ କିଏ ବାଲତି ଥୋଇ ଯାଇଥାଏ ତ ପାଣିବାଲ୍‌ଟି ଦୀର୍ଘସମୟ ଧରି ଉଚ୍ଛୁଳି ଉଠୁଥିଲେ ମଧ୍ୟ ଅନମନସ୍କତା କାରଣରୁ ଭଡ଼ାଟିଆ ଜଣକ କଳ ବନ୍ଦ କରିବାକୁ ଭୁଲିଯାଇଥିଲେ ଇଏ ଚିଡ଼ିଉଠେ । ଗାଧୁଆପାଧୁଆ ସମୟରେ, କଂସାବାସନ ମଜାମଜି ସମୟରେ ଅଯଥା କଳରୋଳ ଉଠିଲେ ଘରବାଲୀ ଚିଡ଼ିଉଠୁଥାଏ । ଅଥଚ, ଘରବାଲାକୁ ଘରବାଲୀର ଆଦୌ ଏସବୁ କଥା ପସନ୍ଦ ହୁଏନା । ସେ ନିଜ ପତ୍ନୀକୁ ଡାକି କାହିଁକି ସେମାନଙ୍କ ଉପରେ ବଜରବଜର ହେଉଛ ବୋଲି ବିରକ୍ତି ପ୍ରକାଶ କରେ । ଘରବାଲୀ ଚୁପ୍ ହୋଇଯାଏ । ନିଜ କାମଧନ୍ଦାରେ ମନଦିଏ । କିନ୍ତୁ ନିଜେ ଘରବାଲା ବେଳେବେଳେ ଭଡ଼ାଟିଆଙ୍କ ମଧ୍ୟରୁ କାହାକୁ ନିଜ ଘରକୁ ଡକାଇ ନିଜର ଅସନ୍ତୋଷ ବ୍ୟକ୍ତ କରୁଥାଏ । ତା କଥାରୁ ଏତିକି ଅନୁମାନ କରିହେଉଥାଏ ଯେ ସେ ସବୁ ସହିବ, ମାତ୍ର, ଅଯଥା ଲୋକବାକ ଆସି ଏଠି ଭିଡ଼ ଜମେଇଲେ ଏ କଥାକୁ ଆଦୌ ସହିବ ନାହିଁ । ରାତିରେ କାହାକୁ ସେଠି କିଏ ନିଜ ଘରେ ରଖାଇଥିଲେ ଘରମାଲିକ ତା ପରଦିନ ଖୁବ୍ ଉତ୍‌କ୍ଷିପ୍ତ ହୋଇଉଠେ - ବଂଧୁବାଂଧବମାନଙ୍କ ମଧ୍ୟରୁ ଯାହାର କଟକରେ କାମ ପଡୁଛି ସେମାନେ ନିଜନିଜ ଦାୟିତ୍ୱ ନିଜେ ନନେଇ ଏମାନଙ୍କ ସାହାଯ୍ୟ ନେବାଟା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ ବିଚାର କରେ । ମାତ୍ର, ଭଡ଼ାଟିଆଙ୍କ ବଂଧୁଜନ କେହି ଯଦି ମେଡ଼ିକାଲ ଆସି ଫେରିପାରିନଥାଏ, କୋର୍ଟକଚେରୀ କାମ ଯଦି ତା'ର ସରିନଥାଏ ସେ ଲୁଚିଛପି ଆସି ରାତିଟିଏ ରହି ସକାଳକୁ ଚାଲିଯାଏ । ଦୈବାତ

ଘରବାଲାର ନଜର ପଡ଼ିଲେ, ଆଶ୍ରୟ ଦେଇଥିବା ଭଡାଟିଆ ଓ ଆଶ୍ରିତ ବଂଧୁ ଉଭୟଙ୍କୁ ନିଶ୍ଚୟ ଅପମାନିତ ହେବାକୁ ପଡ଼ିଥାଏ । ତେଣୁ ଖୁବ୍ ସତର୍କତାର ସହ ବଂଧୁଚର୍ଯ୍ୟା କରିଥାନ୍ତି ଭଡ଼ାଟିଆମାନେ । ମାତ୍ର, ଘରବାଲାର ଘରକୁ ତା'ର ବନ୍ଧୁବାନ୍ଧବ କେହି ଆସୁଥିବାର ନଦେଖି ଏବଂ ତା'ର ପିଲାଛୁଆର ଘର ନଥିବା ହେତୁ ସେମାନଙ୍କଠାରେ ଭ୍ରୁକୁଞ୍ଚନ ସୃଷ୍ଟିହୁଏ ।

ସୌଦାମିନୀ ଏଠି ରହିବାର ଦଶବର୍ଷ ବିତିଗଲାଣି । ତା'ର ମଧ ଏପର୍ଯ୍ୟନ୍ତ ପିଲାଛୁଆ ହୋଇନଥାଏ । ସବୁଠୁ ଗୋଟିଏ ଅଭାବନୀୟ ଘଟଣା ପ୍ରାୟ ଘଟୁଥାଏ । ବେଳେବେଳେ ତିନିଟି ଚଳଚଞ୍ଚଳ ପରିବାର ମଧ୍ୟରେ କିଛିନାକିଛି ବିପତ୍ତି ପଡ଼ିଲେ ସେମାନେ ଏହି ଘରଦୋଷ ଦେଇଥାନ୍ତି ଏବଂ ଅନ୍ୟ ଆଡ଼େ ଘରବୁଝି ଏହିଘରକୁ "ଆଣ୍ଟୁକୁଡ଼ି ଲୋକର ଘର ଶୁଭଂକର ନୁହେଁ, ରାତି ପାହିଲେ ସେମାନଙ୍କ ମୁହଁ ଚାହଁ ଏବଂ କୌଣସି ଶୁଭକାର୍ଯ୍ୟରେ ବ୍ୟାଘାତ ପହଞ୍ଚିଯିବାକୁ ପ୍ରସ୍ତୁତ ହୋଇ ରୁହ" ବୋଲି ଦୋଷ ଦେଇ ଚାଲିଯାଆନ୍ତି । ଘରବାଲୀ ସହିତ ଆଣ୍ଟୁକୁଡ଼ୀ ସୌଦାମିନୀକୁ ମଧ ମିଶାଇ ଦୋଷ ଦେଉଥାନ୍ତି । କିନ୍ତୁ ନିଜର ବନ୍ଧ୍ୟାଦୋଷ ପାଇଁ ନା ସୌଦାମିନୀର ନା ଘରବାଲୀର ଆଦୌ ମନସ୍ତାପ ନଥାଏ । ଅଥଚ, ଏମାନଙ୍କ ଉପରେ ଏହି ଅପବାଦର ଏକ ଚାପା ଗୁଞ୍ଜରଣ ଭଡ଼ାଟିଆମାନଙ୍କ ମନକୁ ସର୍ବଦା ଅଶାନ୍ତ କରି ଦେଉଥାଏ ।

ସୌଦାମିନୀ ପାଖକୁ ଏଲ.ଆଇ.ସି ଏଜେଣ୍ଟମାନେ ପ୍ରିମିୟମ୍ ନେବାକୁ ଆସନ୍ତି । ମିତବ୍ୟୟୀ ସୌଦାମିନୀ ତା ସ୍ୱାମୀର କଷ୍ଟ ଉପାର୍ଜିତ ଟଙ୍କାକୁ ବରବାଦ ନକରି ଜମେଇ ରଖୁରଖୁ ଏଇ ଦଶବର୍ଷ ଭିତରେ ଏଲ ଆଇ ସି ରୁ ମ୍ୟାଚୁରେଡ଼ ହୋଇ ତିନିଲକ୍ଷ ଟଙ୍କା ଓ ଏକ ଲକ୍ଷ ଟଙ୍କା ଅନ୍ୟଏକ ରିକରିଂ ଜମାରୁ ଆସିଲା । ମୋଟ ଚାରିଲକ୍ଷ ଟଙ୍କା ପାଇ ମଧ ରତନର ଦୁଃଖିତ ମୁହଁକୁ ଲକ୍ଷ୍ୟ କରି ସୌଦାମିନୀ କହିଲା – ତୁମେ ଏ ଟଙ୍କା ପାଇ କାହିଁକି ଦୁଃଖୀ ହୋଇଯାଉଛ, ମୁଁ କ'ଣ ଜାଣେନି କି ? ମାତ୍ର, ପିଲାପିଲି ହେବା ମୋ ଭାଗ୍ୟରେ ନାହିଁ ଯେତେବେଳେ ମୁଁ ବା ଆଉ କ'ଣ କରିପାରନ୍ତି ? ପଇସାପତ୍ର ଥିଲେ ସିନା ଆମ ବାର୍ଦ୍ଧକ୍ୟରେ ଆମେ ଅପର ଲୋକର ସାହାଯ୍ୟ ନେଇପାରିବା ? କିଛି ନହେଲେ ଆମେ ଜରା ନିବାସରେ ତ ଥଇଥାନ ହୋଇପାରିବା ?

ମାତ୍ର, ଅସଲରେ ସୌଦାମିନୀର ସ୍ୱପ୍ନ ଥାଏ କଟକରେ ଜାଗା କିଣି, ଘର କରିବ ଏବଂ ଭଡ଼ା ଲଗାଇବ । ଖୁବ କମ ଟଙ୍କା ଭଡ଼ା ଆଣି ଭଡ଼ାଟିଆଙ୍କ ସହ ଭଲ ସମ୍ପର୍କ ରଖିବ । ତା'ର ବାର୍ଦ୍ଧ୍ୟକ୍ୟ ଆସିଲେ ଏଇମାନଙ୍କ ସାହାଯ୍ୟରେ ସେ ଡାକ୍ତରଖାନା ତ ଯାଇପାରିବ ।

ସୌଦାମିନୀ ସ୍ୱାମୀଙ୍କୁ ସିନା ଏମିତି କଥା କହୁଥାଏ, ମାତ୍ର ଅନ୍ୟମାନଙ୍କୁ ଜାଗାଟିଏ କିଣିବାକୁ କହୁଥାଏ । ଘରବାଲୀ ଏକଥା ଶୁଣି ବେଳେବେଳେ ହସେ । ତା'ର ହସିବାର ଉଦ୍ଦେଶ୍ୟ ଯେ, ମଣିଷ ଆଜି ମଲେ କାଲିକି ଦି'ଦିନ । ପିଲା ଥିବା ଲୋକ କିପରି ଦୁର୍ଦ୍ଦିନରେ କାଳ କାଟୁଛନ୍ତି ସେ ଦେଖୁଛି । ପିଲାନଥିବା ଲୋକର ବାର୍ଦ୍ଧକ୍ୟ ସମୟଟି ସବୁଠୁଁ ଅସହାୟ; ସେକଥା ସେ ଏବେଠୁ ଚିନ୍ତା କରିବ ବା କାହିଁକି ? ସମୟ ଆସିଲେ ଦେଖାଯିବ । ଘରବାଲୀ ମନକୁ ଏସବୁ କିଛି ପାଏନା । ମାତ୍ର, ଏଣିକି ତା ନୂଆ ଭଡ଼ାଟିଆମାନଙ୍କୁ ଉଚିତ ବ୍ୟବହାର ଦେଖାଏ । ଟିଉବଓ୍ୱେଲ ଡ଼ାକୁଡ଼ାକୁ କରି ମାରିଲେ, ଅଯଥାରେ ପାଣିଖର୍ଚ୍ଚ କଲେ କି ଘରଦ୍ୱାର ଅସନାମସନା କଲେ କିଛି କୁହେନା । ସେମାନଙ୍କର କେହି ଅତିଥି ଅଭ୍ୟାଗତ ଆସିବା ଦ୍ୱାରା ତା' ସ୍ୱାମୀ ବିରକ୍ତ ହେଲେ ଇଏ ବୁଝାଇ ଦିଏ – କାମ ସରୁସରୁ ବେଶୀ ରାତି ହୋଇଗଲେ କାହାର କୌଣସି ବଂଧୁବାଂଧବ ଯଦି ଆସି ପହଞ୍ଚିଗଲେ ସେମାନେ କ'ଣ ଆଉ ତାକୁ ତଡ଼ିଦେବେ ? ରାତିଟିଏ ଆଶ୍ରୟ ନେବା ଦ୍ୱାରା ଆମର କ'ଣ କ୍ଷତି ହୋଇଯାଉଛି ଯେ ?

ଘରମାଲିକ, ସୌଦାମିନୀ ଓ ଅନ୍ୟ ଭଡ଼ାଟିଆମାନେ ମିଳିମିଶି ଚଳୁଥିବା ବେଳେ ସୌଦାମିନୀ ଜାଗା ଖଣ୍ଡିଏ ପାଇଁ ଆପ୍ରାଣ ଚେଷ୍ଟା କରୁଥାଏ । ମାତ୍ର, ତାକୁ ମିଳୁ ନଥାଏ । ଖଣ୍ଡେ ଜମିର ମୂଲ୍ୟ ଯାହା ତାହାର ଦଶଭାଗରୁ ଭାଗେ ଟଙ୍କା ହେବ ତା' ପୂର୍ଣ୍ଣ ସଞ୍ଚୟ । ସ୍ୱାମୀର କଷ୍ଟଉପାର୍ଜିତ ଅର୍ଥକୁ ଖୁବ ହିସାବୀ ଓ ମିତବ୍ୟୟିତାରେ ସେ ଧୁରନ୍ଧର ଥିଲା । ସୌଦାମିନୀ ଦୁଇଖଣ୍ଡ ଶାଢ଼ିକୁ ବର୍ଷେ ପର୍ଯ୍ୟନ୍ତ ପିନ୍ଧୁଥିଲା । ସ୍ୱାମୀ ସହ ରାତିବେଳାର ଖାଇବାଟିକୁ ଛାଡ଼ିଦେଲେ ଦିନବେଳରେ ସାମାନ୍ୟ କିଛି ଖାଇ ଚଳି ଯାଉଥିଲା । ଏହା ମଧ୍ୟରେ ସେ ଟେଲରିଂ କାମ ଶିଖିସାରିଥିଲା ଏବଂ ଗୋଟିଏ ମେସିନ ପକାଇ ସେଇଥିରୁ

ମଧ୍ୟ କିଛି ଅର୍ଥ ଉପାର୍ଜନ କରୁଥିଲା । ଅର୍ଥ ଉପାର୍ଜନ ପାଇଁ ସେ ତା' ସମୟକୁ ଏତେ ବ୍ୟସ୍ତବହୁଳ କରିଦେଲା ଯେ କାହାସହ ବସି ଆଗଭଳି ଆଉ କଥା ହୋଇପାରୁନଥିଲା । ଏହା ମଧ୍ୟରେ ତା ବିବାହକୁ ବାରବର୍ଷ ବିତି ଯାଇଥିଲା ।

ହଠାତ୍ ଦିନେ ସେ ପେଟ ଯନ୍ତ୍ରଣା ଅନୁଭବ କଲା ଏବଂ ତାକୁ ବାନ୍ତିବାନ୍ତି ଲାଗିଲା । ପ୍ରଥମେପ୍ରଥମେ ସେ ଡାକ୍ତରଖାନା ଯାଉନଥିଲା । ନଖାଇନପିଇ ସବୁବେଳେ କାମଧନ୍ଦା କରୁଛି ବୋଲି ତା'ର ଗ୍ୟାସ୍ ହେଉଛି, ଏକଥା ଅନ୍ୟମାନେ ତାକୁ କହୁଥିଲେ । ଘରବାଲା ଏକଥା ଶୁଣି ତା'ର ମଧ୍ୟ ଗ୍ୟାସ ହୁଏ ଏବଂ ସେ ଡାକ୍ତର ଔଷଧ ନଖାଇ ଜଡ଼ିବୁଟୀରେ ରୋଗକୁ ନିୟନ୍ତ୍ରଣ କରି ରଖିଥାଏ ବୋଲି କହିଲା ଏବଂ ସେହି ଜଡ଼ିବୁଟି ଆଣି ସୌଦାମିନୀକୁ ଯୋଗାଇଲା । ମାତ୍ର, ତାର ରୋଗ ଭଲ ହେଲା ନାହିଁ । ଗ୍ୟାସ ରୋଗଟା ହଠାତ୍ ଭଲ ହୁଏ ନାହିଁ କି ଜୀବନକାଳ ମଧ୍ୟରେ ଆଦୌ ଭଲ ହୋଇପାରେ ନାହିଁ ବୋଲି ତାକୁ ଧାରଣା ଦେଇଚାଲିଲେ କିଛିଲୋକ । ଏମିତି ପନ୍ଦରଦିନ କଟିଗଲା ।

ସନତର ସେଦିନ ଛୁଟି ଥିଲା । ମାସରେ ଚାରିପାଞ୍ଚଟି ଛୁଟି ସେ ନେଇଥାଏ । ବଦଳିଆ ଡ୍ରାଇଭରକୁ ବସ ଦାୟିତ୍ୱ ଦେଇ ସେ ଘରେ ବସିରହେ । ସୌଦାମିନୀର ପେଟଯନ୍ତ୍ରଣା ଓ ବାନ୍ତି କମିନଥାଏ । ସେ ତାକୁ ଡାକ୍ତର ପାଖକୁ ଯିବାକୁ କହିଲେ, ସୌଦାମିନୀ ଆଦୌ ରାଜି ହେଉନଥାଏ । ଫଳରେ ସନତ ପ୍ରଥମଥର ପାଇଁ ସୌଦାମିନୀ ଉପରେ ବିରକ୍ତ ହୋଇ ନାନା ପ୍ରକାର କଟୁ ମନ୍ତବ୍ୟମାନ ଦେଉଥାଏ । ଏପରିକି ଛୁଆପିଲାର ମା' ହୋଇ ନପାରିଥିବାର ଦୋଷ ଏଇ କଞ୍ଜୁସ୍‌ପଣରୁ ବୋଲି କହୁଥାଏ । ପିଲାପିଲିର ମା' ହେବାକୁ କେତେ ଟଙ୍କାପଇସା ଲୋକ ବରବାଦ୍ କରୁଛନ୍ତି । ମାତ୍ର, ଇଏ ଟଙ୍କା ସଞ୍ଚୟରୁ ନିବୃତ୍ତ ହେବନାହିଁ ବୋଲି ସେ ସୌଦାମିନୀକୁ ତିରସ୍କାର କରି ଚାଲିଥାଏ । ସୌଦାମିନୀ ମଧ୍ୟ ଛାଡୁ ନଥାଏ । ସେ ଉତକ୍ଷିପ୍ତ ହୋଇଉଠି ସନତକୁ ଯାହା ନାହିଁ ତାହା ଜବାବ୍ ଦେଇ ଚାଲିଥାଏ । ଉଭୟ ସ୍ୱାମୀସ୍ତ୍ରୀ'ଙ୍କ କଳି ଥମୁ ନହେବା ଦେଖି ଘରବାଲା ଓ ଘରବାଲୀ ସେମାନଙ୍କ କଳି ମଧ୍ୟରେ ପ୍ରବେଶ କରି ଉଭୟଙ୍କୁ ଶାନ୍ତ କରାଇ ଡାକ୍ତରଖାନା ପଠାଇଦେଲେ ।

ସକାଳୁସକାଳୁ ଯାଇଛନ୍ତି ଯେ ଯାଇଛନ୍ତି ଆସି ସଂଜ ହେଲାଣି ସନତ ଓ ସୌଦାମିନୀ ଫେରି ନଥାନ୍ତି । ଘରବାଲୀ ବାରଂବାର ଘରବାଲାକୁ ପଚାରୁଥାଏ ସେମାନଙ୍କ କଥା । ଘରବାଲା ନିଜ ମୋବାଇଲ୍ ଲଗାଇ ଫୋନ କଟିବାର ଅଳ୍ପ ସମୟ ମଧ୍ୟରେ ସେମାନେ ଆସି ପହଞ୍ଚିଗଲେ । ଡାକ୍ତରଖାନାରୁ ଫେରି ସେମାନଙ୍କ ଖୁସୀ ହେବାର କାରଣ ନିମିଷକ ମଧ୍ୟରେ ଚାରିଆଡ଼େ ଖେଳିଗଲା । ସନତ ସମସ୍ତଙ୍କୁ ଛୋଟଛୋଟ ମିଠା ପୁଡ଼ିଆ ବାଣ୍ଟୁଥାଏ । ଘରବାଲାକୁ ଗୋଟିଏ ବଡ଼ ମିଠା ପୁଡ଼ିଆ ଦେଇ ଏପରି ଭାବଭଙ୍ଗୀରେ, ସ୍ମିତହସ ବଦନରେ ଠିଆହୋଇରହିଥାଏ ଯେ ତା'ର ସେପରି ଅବସ୍ଥାକୁ ପରିବର୍ତ୍ତିତ କରିବାକୁ ସତେ ଯେପରି କାହାରି ଯୁ ନଥାଏ । ସୌଦାମିନୀ ପାଖରେ ଭଡ଼ାଟିଆ ସ୍ତ୍ରୀ ଲୋକମାନଙ୍କର ଭିଡ଼କୁ ଠେଲିଠେଲିକା ଘରବାଲୀ ପହଞ୍ଚିଗଲା ସେଇଠି । ସୌଦାମିନୀ, ଆଣ୍ଠୁକୁଡ଼ୀ ଏଇ ଘରବାଲୀର ମୁହଁକୁ ଚାହିଁ ଚମକି ପଡ଼ିଲା । ତା ଭିତରେ ଗୋଟିଏ ଭୟ ତାକୁ ଅସ୍ଥିର କରିଦେଲା ଯେପରି । ମାତ୍ର ତା' ଅନ୍ତରତଳର ଭୟବିଜଡ଼ିତ ଅସ୍ଥିରତାକୁ ଶାନ୍ତ କରାଇ ସାମାନ୍ୟ ସ୍ମିତହସଟିଏ ଖେଳାଇଦେଲା ନିଜ ମୁହଁ ଉପରେ ।

ସୌଦାମିନୀ ଅନ୍ୟ ଭଡ଼ାଟିଆ ସ୍ତ୍ରୀଲୋକଙ୍କ ସହ ଯେମିତି ମିଶୁଥାଏ ଘରବାଲୀ ସହ ଆଦୌ ସେପରି ମିଶୁନଥାଏ କି କଥା ହେଉନଥାଏ । ସୌଦାମିନୀର ଏପରି ପରିବର୍ତ୍ତନରେ ଘରବାଲା ଓ ଘରବାଲୀ ଚୁପ୍ ରହୁଥାନ୍ତି । ଦିନେ ରାତିଅଧରେ ସନତ ଚିତ୍କାର କରି ସମସ୍ତଙ୍କୁ ଉଠାଇଲା । ମାତ୍ର ସୌଦାମିନୀର ନିର୍ଦ୍ଦେଶରେ ସେ ଘରବାଲାକୁ ଡାକିଲାନାହିଁ । ଚାରିପାଞ୍ଚଦିନ ସନତ ମେଡିକାଲରେ ରହିଲା । ଫେରିଆସିଲାବେଳକୁ ସୌଦାମିନୀ କୋଳରେ ଥିଲା ସଦ୍ୟଜାତ ଶିଶୁଟିଏ ।

ଏଲ.ଆଇ.ସି ଓ ରିକରିଂରୁ ଉପଲବ୍ଧ ଟଙ୍କା ବ୍ୟାଙ୍କରେ ଫିକ୍ସ୍ ହୋଇ ରହିଥାଏ ସୌଦାମିନୀ ନାଁରେ । ସଞ୍ଚୟଖାତାରେ ସୌଦାମିନୀର ଟଙ୍କା ଜମା ହେଉଥାଏ । ନିୟମିତ ଖର୍ଚ୍ଚର ପରିମାଣ ଟିକେ ବଢ଼ିଯିବା ସତ୍ତ୍ୱେ ସଞ୍ଚୟ ବ୍ୟତୀତ ଆଉ କିଛି ନିଶା ନଥାଏ ତା'ର । ଏମିତି ପୁଣି ସାତଆଠଲକ୍ଷ ଟଙ୍କା ତା'ର ଅଛିବୋଲି ସେ ହିସାବ କରି ଦେଖି କେଉଁଠିନା କେଉଁଠି କଟକ ସହରରେ ଗୁଣ୍ଠେ

ଜାଗା କିଣିବାର ଇଚ୍ଛା ରଖିଥାଏ । ମାତ୍ର, ତା' ଜମାର ଦଶଗୁଣ ଟଙ୍କା ଲୋଡ଼ା ପଡ଼େ ଗୁଣ୍ଠେ ଜାଗା ପାଇଁ । ସେ ଜିଭ କାମୁଡ଼ି ଚୁପ୍ ରହେ ସତ, ମାତ୍ର, ପୁଣି ଭୁଲିଯାଏ । ଅଥଚ ସଞ୍ଚୟ ଖାତାରେ ଯୋଗ କରିଚାଲୁଥାଏ ସନତର କଷ୍ଟଉପାର୍ଜନ ଟଙ୍କା ଓ ନିଜ ଉପାର୍ଜିତ ସାମାନ୍ୟ ଟଙ୍କା ସବୁ ।

ସନତ ତାକୁ ବୁଝାଏ । କଟକ ଭଳି ମହାନଗରରେ ଆମଭଳି ଲୋକ ଜାଗା କିଣି ଘର କରିବା ସ୍ୱପ୍ନ । ପଚାଶଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଗୁଣ୍ଠେ ଜାଗା ମିଳୁ ନଥିବାବେଳେ ଆଜିକାଲି ଯିଏ ନିଜର ଜାଗା ଥାଇ ଘରଖଣ୍ଡେ କରୁଛି କୋଡ଼ିଏରୁ ତିରିଶଲକ୍ଷ ଟଙ୍କା ସାମାନ୍ୟ ଘରଟିରେ ଖର୍ଚ୍ଚ ହୋଇ ଯାଉଛି । ଆମ ଜୀବନକାଳରେ ଏ ସ୍ୱପ୍ନଟି ତୁମର ସ୍ୱପ୍ନରେ ରହିଯିବ ସିନା ସାକାର ହେବନାହିଁ । ଛୁଆଟାକୁ କ୍ଷୀର ଦେଉଦେଉ ପୁଣି ଏକ ଅଶାନ୍ତ ଅବସ୍ଥା ସୌଦାମିନୀକୁ ଅସ୍ଥିର କରିଦିଏ । ସେ ତା' ସ୍ୱପ୍ନଟିକୁ ସାକାର କରିବାକୁ ପଣ କରେ । ଏପରିକି ଯଦି ଅର୍ଥ ଉପାର୍ଜନ ପାଇଁ ତାକୁ ଆଉକିଛି ପନ୍ଥା ଧରିବାକୁ ପଡ଼େ ସେ କରିବ ହେଲେ ଘରକରି ଭଡ଼ା ଲଗାଇ ତା ଅନ୍ତରତଳ ବାସନାକୁ ଚରିତାର୍ଥ କରିବ । ସୌଦାମିନୀ ଦିନେ ପୁଣି ଏକ ଅକୁହାକଥାକୁ ଗୁରେଇତୁରେଇ ମୁଣ୍ଡରେ ପୂରାଇଲା ଏବଂ ଏଇ ନିଃସନ୍ତାନ ଘରଛାଡ଼ି ଦେଇ ଯେଉଁ ଭଡ଼ାଟିଆମାନେ ଅନ୍ୟଆଡ଼େ ଚାଲିଯାଇଛନ୍ତି ସେମାନଙ୍କର ବହୁ ଉନ୍ନତି ହୋଇଛି ବୋଲି ଖବର ନେଲା । କିନ୍ତୁ ସନତ ଯେଉଁଆଡ଼େ ଘରବୁଝିଲା ଏ ଘରଠୁ ତାର ଭଡ଼ା ଚାରିପାଞ୍ଚ ଗୁଣ ଅଧିକା ଥିବା ହେତୁ ସୌଦାମିନୀ ଚୁପ୍‌ଚାପ୍ ରହିଲା । ତଥାପି ଘର ଖୋଜା, ଜାଗା କିଣା, ଘର ତୋଳା ସ୍ୱପ୍ନ ତାକୁ ଭିତରେ ଭିତରେ କାବୁ କରି ରଖିଲା । ପୁଅ ଗୁରୁଣ୍ଡିଲା । ବାପା ଓ ମା ବୋଲି ଡାକିଲା । ଆଣ୍ଠେଇଲା ଏବଂ ଚାଲିଲା ମଧ୍ୟ । ମା'ର ଆକଟ ନମାନି ସେ ବେଳେବେଳେ ଘରବାଲାର ଘରେ ପ୍ରବେଶ କରି ଟୁଣ୍‌ଟାଣ୍ କରି କିଛି ଗୋଟିଏ ଭାଙ୍ଗିଲା ବା ଅନ୍ୟକିଛି କ୍ଷତି ପହଞ୍ଚାଇଲା । ଘରବାଲାର କ୍ଷତି ସତ୍ତ୍ୱେ ସେ ସୌଦାମିନୀ ପାଖରେ ଆପତ୍ତି କରୁନଥିଲା କି କଥା ମଧ୍ୟ ହେଉନଥିଲା । ସୌଦାମିନୀ ପୁଅକୁ ଯେତେ ଆକଟ କଲେ, ଯେତେ ଖେଳନା ଦେଇ ଘରେ ବସାଇଲେ ମଧ୍ୟ ତା'ର ସାମାନ୍ୟ ଅଣଆଉଡ଼ାରେ ସେ ଯାଇ ଘରବାଲାର ଘରେ ପ୍ରବେଶ କରୁଥିଲା । ସୌଦାମିନୀ ସେମାନଙ୍କୁ ଜେଜେ, ଜେଜେମା ଡାକିବାକୁ ପୁଅକୁ ଶିଖାଇ ନଥିବା ସତ୍ତ୍ୱେ ସେ କାନ୍ଦିକାନ୍ଦି ଜେଜେ ପାଖକୁ ଯିବି ଜେଜେମା ପାଖକୁ ଯିବି ବୋଲି ଅଝଟ କରୁଥିଲା ।

ବେଳେବେଳେ ଘରବାଲା ସୌଦାମିନୀର ପୁଅକୁ କାନ୍ଧରେ ବସାଇ ବାହାରକୁ ଯାଉଥିଲା । ଘରବାଲୀ ମଧ୍ୟ କେତେବେଳେ କେମିତି ପୁଅକୁ କାଖକରି ସାହିରେ ବୁଲାଉଥିଲା । ଫେରିଆସିବାପରେ ସୌଦାମିନୀ ଦାନ୍ତ କଡ଼ମଡ଼ କରୁଥିଲା ଏବଂ କଟକ ସହରକୁ ଗାଳିବର୍ଷଣ କରୁଥିଲା ମନେମନେ । ସେତେବେଳକୁ ତାର ପନ୍ଦରଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଞ୍ଚିତ ହୋଇ ସାରିଥିଲା । ମାତ୍ର, ଏହି ଟଙ୍କା ନା ଜାଗା ନା ଘର କିଣାକୁ ଅଣ୍ଟୁ ଥିଲା ? ଅଥଚ ଏ ପରିମାଣ ଏସବୁ ପାଇଁ ହାସ୍ୟାସ୍ପଦ ଥିଲା । ହେଲେ ଏମିତି ବାସନାଟିଏ ସୌଦାମିନୀର ମନରୁ ଆଦୌ ମରୁ ନଥିଲା । ଏହା ମଧ୍ୟରେ ତା'ର ବୟସ ବଢୁଥିଲା ଏବଂ ସ୍ୱାମୀର ଅଣ୍ଟାବିନ୍ଧା ଆରମ୍ଭ ସହ ପୁଅ ବି ସ୍କୁଲକୁ ଯାଉଥିଲା ।

ଥରେ ସନତ କହିଲା ଆମ ପାଖରେ କୋଡ଼ିଏ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଛି । ମୁଁ ଆଉ ଗାଡ଼ି ଚଳାଇବା ସମ୍ଭବ ନୁହେଁ । ଅଣ୍ଟା ପ୍ରବଳ ବିନ୍ଧୁଛି । ତେଣୁ ଭାବୁଛି ଗାଁକୁ ଯାଇ କିଛି ଜମିବାଡ଼ି କିଣି ଚାଷବାସରେ ମନଦେବି । ଏ ସହରରେ ଆମ ପାଖରେ ଥିବା ଟଙ୍କାର ମୂଲ୍ୟ କିଛି ନଥିବାବେଳେ ଗାଁରେ କିନ୍ତୁ ଏ ଟଙ୍କାର ମୂଲ୍ୟ ଖୁବ୍ । ଆମେ ଗାଁରେ ଘର କରି, ଚାଷଜମି କିଣି ଚଳିପାରିବା ଏବଂ ପୁଅକୁ ପାଠ ସେଇଠି ପଢ଼ାଇପାରିବା ।

ସନତର ଏକଥା ସୌଦାମିନୀ ଶୁଣିଲା ସତ ଏକାନରେ ପୂରାଇ ସେ କାନରେ ବାହାର କରିଦେଲା । ଅଥଚ ତା ବାସନାଟି ସାମାନ୍ୟ ହଲଚଲ ହେଲାନାହିଁ । ତାର ଜିଦି ସେ କଟକରେ ହିଁ ଜାଗା କିଣିବ ଓ ଘର କରି ସମସ୍ତଙ୍କୁ ଦେଖାଇଦେବ । ଏମିତି ଭାବନାରେ ସେ ଦୃଢ଼ ଥିବାବେଳେ ହଠାତ ତା' ପୁଅର ଦେହ ଅସୁସ୍ଥ ହୋଇପଡ଼ିଲା । ଡାକ୍ତର ଦେଖାବେଳେ ସେହି ଡାକ୍ତରଖାନାରେ ଜଣେ ଭଡ଼ାଟିଆ ପଡୋଶୀ ଦେଖା ହେଲା । ତା'ର ଅବସ୍ଥାରେ ଖୁବ ସୁଧାର ଆସିଯାଇଥିଲା ଏବଂ ସେ ମଧ୍ୟ ଜାଗା ଖଣ୍ଡେ କିଣିପାରିଥିଲା । ଅଥଚ, ଘର କରିନଥିଲା । ଏକଥା ଶୁଣି ସୌଦାମିନୀକୁ ଖୁବ ବାଧିଲା । ସେ

ଟିକେ ଚିନ୍ତାମଗ୍ନ ହୋଇଗଲା । ତାର ନୀରବତାକୁ ଦେଖି ସେହି ପୂର୍ବ ପଡୋଶିନୀ ଜଣକ କହିଲେ – ଆମେ ଯେତେବେଳେ ଜାଣିଲୁ ସେହି ନିଃସନ୍ତାନ ଘରେ ରହିଲେ ଆମର କିଛି ଉନ୍ନତି ହେବନି ବୋଲି ସେତେବେଳେ ସେହି ଘର ଛାଡ଼ିଲୁ । ପରେପରେ ଆ'ଙ୍କର ବେପାର ଏମିତି ବଢ଼ିଗଲା ଯେ ଆମେ ସେ ଘରେ ରହି ଭଲରେ ଗଣ୍ଡିଏ ଖାଇପିଇ ପାରୁନଥିଲା ବେଳେ ଏବେ ଜାଗାବାଡ଼ି କିଣି ସାରିଲୁଣି । ଏକଥା ଶୁଣି ସୌଦାମିନୀ ଚମକି ପଡ଼ିଲା । ପୁଅକୁ ଡାକ୍ତର ଦେଖାଇ ସାରିବାପରେ ବସାକୁ ଫେରିଲା । ସନତ ଏଥର ଆଉ ସୌଦାମିନୀର କଥାକୁ ଭାଙ୍ଗି ପାରିଲାନାହିଁ । ସେହି ମାସ ଭିତରେ ହିଁ ଘରବଦଳାଇ ସେ ମଝିସାହିରେ ରହିଲା ।

ଅଣ୍ଟାବିନ୍ଧା ସତ୍ତ୍ୱେ ସନତ ବସ୍ ଚଳାଉଥିଲା । ମାତ୍ର, ପ୍ରବଳ ଅଣ୍ଟାବିନ୍ଧା ହେତୁ ସେ ଅସହାୟ ହୋଇ ବସ୍ ମାଲିକ ଓ ସୌଦାମିନୀ ପାଖରେ ଗୁହାରି କଲା । ସୌଦାମିନୀ ପାଖରୁ କଷ୍ଟ ଲାଘବର ସନ୍ତୋଷଜନକ ଉତ୍ତର ନପାଇ ସେ ତା' ମାଲିକକୁ ଅପେକ୍ଷା କଲା ।

ଢେରଦିନ ଚିକିତ୍ସା ପରେ ଅଣ୍ଟାରେ ହାଡ଼ ଉପରେ ହାଡ଼ ଚଢ଼ି ରହିଥିବା ହେତୁ ତାର ଗୋଟିଏ ଅପରେସନ କରାଗଲା । ସେତେବେଳେକୁ ପାଖାପାଖି ଲକ୍ଷେ ଟଙ୍କା ସରି ଯାଇଥାଏ । ସୌଦାମିନୀର ଦେହରେ ଛୁରି ଚାଲିଲା ଭଳି ଲାଗୁଥାଏ । କଞ୍ଜୁସ ସୌଦାମିନୀର ସଞ୍ଚିତ ଟଙ୍କା ବଢ଼ିବା ବଦଳରେ କମି ଯିବାଟାକୁ ସେ ଆଦୌ ସହି ପାରୁନଥିଲା ।

ସନତର ଅପରେସନପରେ ବସ ଚଳାଇବାକୁ ଡାକ୍ତର ତାକୁ ବାରଣ କରିଥିଲା । ଏପରି ଡାକ୍ତର ପରାମର୍ଶକୁ ସୌଦାମିନୀ ପସନ୍ଦ କରୁନଥିଲା ।

ସନତର ଏପରି ଅବସ୍ଥାରେ କେହିକେହି ତାକୁ ଅନ୍ୟ ଉପାୟରେ ରୋଜଗାର ପାଇଁ ପରାମର୍ଶ ଦେଉଥାନ୍ତି । ମାତ୍ର, ଲାଭ ନହୋଇ କ୍ଷତି ହୋଇଗଲେ ସୌଦାମିନୀକୁ ସେ ବୁଝାଇ ପାରିବ ନାହିଁ ବୋଲି ଚୁପଚାପ ରହୁଥାଏ । ଏହିଭଳି ଭାବେ ବର୍ଷଗୋଟିଏ କଟିଗଲା ପରେ ସୌଦାମିନୀର ସ୍ୱପ୍ନ ତାରି ଆଗରେ ଚୁରମାର ହୋଇଚାଲିଲା । ସେ ଚିଡ଼ିଚିଡ଼ା ହୋଇଉଠିଲା । କଥା କଥାରେ ସନତ ସହ କଳିକଲା । ପୁଅର ଅଯଥା ଚଗଲାମୀ ଉପରେ ରୋକ୍ ଲଗାଇବା ଆଳରେ ତାକୁ ମାରଧର କଲା ।

ବାପାମା'ଙ୍କ କଳି ଓ ମା'ର ମାଡ଼ ପାଖରୁ ସୌଦାମିନୀର ପୁଅ ଦୂରେଇଯାଇ ସେହି ପୂର୍ବ ଘରବାଲୀ ଓ ଘରବାଲାର ସ୍ନେହ ରଜ୍ଜୁରେ ବାନ୍ଧି ହୋଇଗଲା । ଘରବାଲା ଓ ଘରବାଲୀ ସୌଦାମିନୀର ପୁଅକୁ ଘଡ଼ିଏ ନଦେଖିଲେ ବ୍ୟସ୍ତ ହୋଇ ପଡୁଥିଲେ । କୌଣସି ପ୍ରକାର ସେ ସେମାନଙ୍କ ନିକଟକୁ ଚାଲି ଆସୁ, ମନେମନେ ଏହା ହିଁ କାମନା କରୁଥିଲେ ।

ସୌଦାମିନୀ ପାଖରେ ଟଙ୍କା ଅଛି ଏବଂ ସେ ଜାଗା ଖଣ୍ଡେ କିଣିବାକୁ ବ୍ୟସ୍ତ ହୋଇପଡୁଛି ବୋଲି ଏକଥା କାହାକୁ ଅଛପା ନଥିଲା ।

ସନତ ଯାହାର ବସ୍ ଚଳାଉଥିଲା ସେହି ବସ୍ ମାଲିକର ପୁଅ, ଯିଏ ପ୍ରତ୍ୟେକଦିନ ବସଷ୍ଟାଣ୍ଡରେ ତା ବାପା ବସରୁ ବଟି ଆଦାୟ କରୁଥିଲା, ସେ ମଧ୍ୟ ଜାଣିଥିଲା । ସନତର ଏ ଦୁର୍ଯୋଗରେ ଦୟା ଦେଖାଇବା ପାଇଁ ହଠାତ ଦିନେ ସେ ତା ଘରେ ପହଞ୍ଚିଲା ଏବଂ ସୌଦାମିନୀକୁ ଖୁବ୍ ସସମ୍ମାନେ ତା'ର ଭବିଷ୍ୟତ ସମ୍ବନ୍ଧେ ପଚାରିବସିଲା ।

ସନତ ସୌଦାମିନୀକୁ ଏଇ ଲଫଙ୍ଗାଟୋକାର ଉପସ୍ଥିତିକୁ କାଣ୍ଡଛାଣ୍ଡ କରି ବିଦାୟ ଦେବାକୁ ଯେତେ ଇଙ୍ଗିତ ହେଉଥାଏ ସୌଦାମିନୀ ସନତର ଇଙ୍ଗିତକୁ ଖାତିର ନକରି ବଡ଼ଲୋକର ପୁଅଠୁଁ ବଡ଼ଲୋକ ହେବାର କୌଶଳ ଶିଖିବାରେ ମାତି ଉଠିଥାଏ । ବାରଂବାର କିଛିନାକିଛି କଥାରେ ଉତକ୍ଷିପ୍ତ ସୌଦାମିନୀ ଯେ କ'ଣ ନାହିଁ କ'ଣ କହିବସିବ ଓ ଝଗଡ଼ା କରିବ; ଏହି ଭୟରେ ସନତ ଚୁପଚାପ ବସି ରହିଥାଏ ।

ଢେର କିଛିଦିନ ଗଲା ପରେ ଦିନେ ହଠାତ୍ ସନତ ଗର୍ଜନ କରି ସୌଦାମିନୀର ବାଳକୁ ମୁଠାଇ ଢ଼ୋ ଢ଼ା କରି ତା' ମଥାକୁ ନେଇ କାନ୍ଥରେ ବାଡ଼େଇ "ବାଳୁଙ୍ଗୀ, ସର୍ବନାଶ କରିଦେଲୁ ମୋର" କହି ଚାଲିଥାଏ । ମାତ୍ର ସୌଦାମିନୀ ମଥା ଆଘାତକୁ ଯେମିତି ସହି ଯାଉଥାଏ; ଛୁରି ମାରିଲା ଭଳି ସନତର ଅଶ୍ଳୀଳ ଗାଳିକୁ ମଧ୍ୟ ସହି ଯାଉଥାଏ । ସନତ ଥରିଥରି ପୁଣି ବସି ପଡୁଥାଏ ତ ପୁଣି ଗର୍ଜନକରି

ବିଧା ଗୋଇଠା ମାରୁଥାଏ ସୌଦାମିନୀକୁ । ସୌଦାମିନୀ ହାତଯୋଡ଼ି କାକୁତି ମିନତୀ ହୋଇ କହୁଥାଏ – ମତେ ମାରନି, ମୋର ସବୁ ଭୁଲ ହୋଇଗଲା । ଯାହା ମୋ କପାଳରେ ନାହିଁ ତା ଆସିବ କୋଉଠୁଁ ?

ସୌଦାମିନୀର ଏଇ କଥାରେ ଢଳି ନଯାଇ ପୁଣି ସନତ ଗର୍ଜ୍ଜନ ଛାଡ଼ିଲା – ବାଲୁଙ୍ଗୀ, ଦେହରୁ ମଳି କାହାକୁ ଦେଉନା କି ପେଟକୁ ଖାଉନା। ମୋତେ ବେମାରରେ ପକାଇ, ପିଲାକୁ ଟିଉସନ ନଦେଇ ଯାହା ସଞ୍ଚୟ କରିଥିଲୁ ସେହି ଭାଡୁଆକୁ ଦେଇଦେଲୁ ? ତା'ଠୁ କ'ଣ ପାଇଲୁ ତୁ? କ'ଣ କ'ଣ ?

ସୌଦାମିନୀ କୋହଉଠାଇ କହୁଥାଏ – ଏମିତି ତ ଦିନେ ମତେ ଶାସନ କରିନଥିଲ ! ଦିନେ ମୋ ଦେହରେ ହାତଦେଇ ନଥିଲା । ସବୁ ଗଲାପରେ ମତେ ମାରିମାରି ମାରିଦେଲେ କ'ଣ ମୁଁ ଆଉ ତାହା ଫେରିପାଇବି ? ମୁଁ ନିଶ୍ଚୟ ଆତ୍ମହତ୍ୟା କରିଦେବି । ପୁଅକୁ ନେଇ ତମେ ଗାଁ କୁ ପଳାଅ । ମୁଁ ଏଇଠି ଯେଉଁ ମୋହମାୟାରେ ପଡ଼ି ସର୍ବସ୍ୱ ହରାଇଛି, ସେହି କଥାପାଇଁ ରଶି ଲଗାଇଦେବି କି ବିଷ ଖାଇଦେବି ।

ପୁଣି କିଛିଦିନ ବିତିଗଲା । ସୌଦାମିନୀ ଦେଖିଲା – ପୁଅ ତା'ର ଘରେ ନଖାଇ ଖାଉଛି ଯାଇ ସେହି ବୁଢ଼ାବୁଢ଼ିଙ୍କ ପାଖରେ । ଏକ ଅପବିତ୍ର ଓ ଅଶୁଭ ଆଣ୍ଠୁକୁଡ଼ୀ ଘରେ ପୁଅର ଏପରି ଅବାଧ ପ୍ରବେଶ ଉପରେ ଇଏ ବିସ୍ମିତ ହୋଇଗଲା । ସେଠି ଥିଲାବେଳେ ତ ଅନେକ ଟଙ୍କା ପଇସା ସେ ସଞ୍ଚୟ କରିପାରିଥିଲା । ମାତ୍ର, ଯେବେଠୁଁ ତା ଘର ଛାଡ଼ିଲା ସେବେଠୁ ତାର ବିପର୍ଯ୍ୟୟ ଘଟିବାରେ ଲାଗିଲା । ସୌଦାମିନୀ ପ୍ରତି ମୁହୂର୍ତ୍ତରେ ଆଡୁସାଡୁ ମନଭିତରେ ପୂରାଇ ଭାରି ହନ୍ତସନ୍ତ ହେଲା । କାହାକୁ କିଛି କହିପାରିଲାନାହିଁ । ଚୁପଚାପ ରହିଲା। ବେଳେବେଳେ ଫୋନକରି ସେହି ଲଫଙ୍ଗାଟାକୁ କାକୁତି ମିନତୀ ହୋଇ ଟଙ୍କା ମାଗି ଚାଲିଲା ।

ଦିନେ ଏମିତି ତାକୁ ଟଙ୍କା ମାଗୁମାଗୁ ସେ ଟୋକାଟା ଅଶ୍ଳୀଳ ଭାଷାରେ ଗାଳି ଦେଲା ଏବଂ ବାଲୁଙ୍ଗୀ, ଚରିତ୍ରହୀନା କହି ଯା ଇଚ୍ଛା ତାହା ଗପିଗଲା । ସୌଦାମିନୀ ତାକୁ ଧମକ ଦେଇ କହିଲା ଯେ ଟଙ୍କା ନଦେଲେ ମୁଁ ତୋ ଦୁଆରେ ଯାଇ ଦଉଡ଼ି ଦେଇଦେବି । ସେ ଟୋକାଟା ଉତ୍କ୍ଷିପ୍ତ ହୋଇଉଠି କହିଲା – ଯାହା ବି କର, ମୋର ବାଳ ବଙ୍କା କରିପାରିବୁନି । ବେଶୀ ଗପିବୁ ତ ତୋତେ ଏଠି ରଖାଇ ଦେବିନି । ତୋ ସ୍ୱାମୀ ଆଗରେ ତୋ ଚରିତ୍ର ସଂହାର କରି ତୋତେ ଅପଦସ୍ଥ କରିଦେବି ।

ପଇସା ଗଲା । ମାନଇଜ୍ଜତ ସବୁ ଗଲା । ସ୍ୱାମୀ ଅକର୍ମଣ୍ୟ ହୋଇଗଲା । ସୌଦାମିନୀ କେବଳ ତା ବିତି ଯାଇଥିବା ଅତୀତକୁ ମନେ ପକାଇ ଚାଲିଲା । ଘରଟିଏ କରି ଭଡ଼ା ଦେଇ ଯେଉଁ ମାନସିକ ସୁଖ ପାଇବାକୁ ସେ ଘୋର ସଂଘର୍ଷ କରି ଆସିଥିଲା ତାହା ଆଉ ତ ଏ ଜୀବନ କାଳରେ ସମ୍ଭବ ହେବନାହିଁ । ସ୍ୱାମୀ ତା'ର ଆଉ କେବେ ତାକୁ ଭଲ ପାଇବନାହିଁ । ପିଲାଟା ସବୁବେଳେ ଯାଇ ସେହି ବୁଢ଼ାବୁଢ଼ୀଙ୍କ ପାଖରେ ସମୟ କଟାଉଛି ।

ହଉ, ସେ ଆଉ ରହିବ କାହିଁକି ? ଫେରିଯିବ ମୃତ୍ୟୁଜଗତକୁ। ମାତ୍ର, ସେ ସେହି ଆଣ୍ଠୁକୁଡ଼ୀ ଘରବାଲୀ ଓ ଘରବାଲାକୁ ଶେଷଦର୍ଶନ କରି ଆସିବ । ଯେଉଁମାନଙ୍କ ଗହଣରେ ରହି ତା ମନରେ ଏତେବଡ଼ ସ୍ୱପ୍ନଟିଏ ବସା ବାନ୍ଧିଥିଲା – ସେ ଜାଗା କିଣିବ, ଘର କରିବ ଏବଂ ଭଡ଼ା ଦେଇ ଭଡ଼ାଟିଆମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ କରିବ।

ଥରେ ସୌଦାମିନୀ ନିଜ ପୁଅକୁ ଖୋଜିବା ବାହାନାରେ ସେଇଠି ପହଞ୍ଚିଲା । ସେଠି ତାର ପୁଅ ନଥିଲା । ତେଣୁ ତାକୁ ଗୋଟିଏ ମୌକା ମିଳିଲା ସେମାନଙ୍କ ସହ ପଦେ କଥା ହେବାକୁ। ଘରବାଲାର ପାଦଧରି ପ୍ରଣାମ ଜଣାଇଲା। ଆଖିରୁ ତା'ର ଦୁଇଧାର ଲୁହ ନିଗିଡ଼ିଗଲା ଦୁଇ ଚିବୁକ ଦେଇ। ଘରବାଲୀ ତାକୁ କୁଣ୍ଢାଇ ପକାଇ କହିଲା – ଏତେ ମାଡ଼ଗାଳି ସନତଠୁଁ ଖାଉଛୁ ? ସେଭଳି ପିଲା ପୁଣି ତୋ ଉପରେ ହାତ ଉଠାଉଛି ? ତୋତେ ଭୂତ ସବାର ହୋଇଥିଲା କି କ'ଣ ସେ ହାରାମଜାଦା ଟୋକା ସହ ମିଶି ତା କୁମନ୍ତ୍ରଣାରେ ସବୁତକ ଟଙ୍କା ପଇସା ତାକୁ ଦେଇଦେଲୁ ? ସନତ ଆସି ସବୁକଥା କହିବା ପରେ ତୋ ମଉସା ସାହିର କିଛି ମୁରବୀ ଓ କ୍ଲବପିଲାଙ୍କୁ ଧରି ସେ ଟୋକାକୁ ଭେଟି ଆସିବାପରେ ସେ ରାଜି ହୋଇଛି ତୋ ଟଙ୍କା ଫେରାଇବାକୁ । ସେ ହାରାମଜାଦା ଟଙ୍କା ଦେବନି ଯିବ କୁଆଡ଼େ ? ତୋ ମଉସାକୁ ସେ ଚିହ୍ନିନି କି ? ହାଡ଼େହାଡ଼େ ଚିହ୍ନିଛି । ତୋ

ମଉସାଙ୍କ ସାଙ୍ଗସାଥିଙ୍କୁ ଦେଖି ତ ତାର ପିଳେହିପାଣି ହୋଇଗଲା । ସେ ଟଙ୍କା ତ ଫେରାଇବ । ମାତ୍ର, ତୋ ମଉସା କ'ଣ କରିଛନ୍ତି ଜାଣୁ? ସନତ ନାଁରେ ଏ ପାଖ ଯାଗା ଖଣ୍ଡିକ ଲେଖି ଦେଇଛନ୍ତି ଲୋ । ସନତ ଭାରି ଅମଙ୍ଗ ହେଉଥିଲା । ମାତ୍ର, ତୋ ମଉସା ବୁଝେଇସୁଝେଇ ଏଇ ନାତି ଟୋକାର ଭବିଷ୍ୟତ ପାଇଁ ଏତିକି କାମ କରି ଭାରି ଖୁସି ହେଉଛନ୍ତି ।

ଯାହାକୁ ଆଣ୍ଠୁକୁଡ଼ୀ ଭାବୁଥିଲା, ଯାହାକୁ ସେ କେତେ ପର ବୋଲି ଭାବିଥିଲା, ସେମାନେ ଯେ କେତେ ଆପଣାର ଭାବି ତା' ମୁଣ୍ଡ ଘୂରାଇଦେଲା । ପୁଅ ତା'ର ଏମାନଙ୍କଠାରୁ ସ୍ନେହଶ୍ରଦ୍ଧା ପାଇଁ କେମିତି ଦିନରାତି ସବୁବେଳେ ଧାଇଁ ଆସୁଥିଲା, ଏମାନେ ମଧ୍ୟ ତା' ଭବିଷ୍ୟତ ପାଇଁ କେତେ ଚିନ୍ତାଶୀଳ ଓ ସମୟ ପ୍ରୟାସ କରିଚାଲିଛନ୍ତି ଭାବିବା ମାତ୍ରେ ସେ ଥରିଉଠିଲା । ତା' ପାଦ ଦୁଇଟି ଯେମିତି ମାଟିଉପରେ ଛିଡ଼ା ହେବାକୁ ଅକ୍ଷମ ହୋଇ ଉଠୁଥିଲା । ସୌଦାମିନୀର ଦେହଟା କଟାଗଛ ତଳେ ଲୋଟିଗଲା ଭଳି ଲୋଟି ପଡ଼ିଲା ।

୧୯୧, ମହାନଦୀବିହାର, କଟକ-୪

ମୋ - ୯୪୩୭୬୮୪୩୭୪



# ବୁଲି ବଳିଆ ୱାଚ୍ ମ୍ୟାନ୍

ବନଲତା ସିଂ

ବଳିଆ ଆଉ ବୁଲି ଦୁଇଜଣ ଘନିଷ୍ଠ ବନ୍ଧୁ ଥିଲେ । କୁକୁରର ନା ବଳିଆ ଆଉ ବିଲେଇ ନାଁ ବୁଲି । ରମାନାଥଙ୍କ ଘରେ ଏମାନଙ୍କର ହେତୁ ପାଇଲା ଦିନୁ ରହି ଆସିଛନ୍ତି । ବିନା ବେତନରେ ବଳିଆ ମାଲିକ ଘରେ ୱାଚମ୍ୟାନ୍ କାମ କରେ । ମାଲିକର ସୁଖ ଦୁଃଖର ସାଥୀ । ବଳିଆ ବୁଲିକୁ ଭାରି ଭଲପାଏ । ଦୁହେଁ ପ୍ରାୟ ଏକାଠି ବସନ୍ତି, ଶୁଅନ୍ତି, ଯାହା କରନ୍ତି ଦୁହେଁ ବିଚାର କରି କରନ୍ତି । ବଳିଆ ଥକା ମାରି ଟିକେ ଶୋଇ ପଡ଼ିଥିଲେ ବୁଲି ମ୍ୟାଉଁ ମ୍ୟାଉଁ କରି ତା ଦେହରେ ଘଷି ହୋଇ ତାକୁ ଉଠାଏ । ବଳିଆ ବୁଲିକୁ ଡରେଇବାକୁ ଟିକେ କୃତ୍ରିମ ରାଗ ଦେଖାଇ ଭୁକେ । ବୁଲି ଡରିକରି ପଳାଇ ଆସେ । ପୁଣି କିଛି ସମୟପରେ ଯୋଉ କଥାକୁ ସେଇକଥା । ବଳିଆ ମାଲିକର ଭାରି ବିଶ୍ୱସ୍ତ । ମାଲିକ ବାହାରୁ ଘରକୁ ଫେରିଲେ ବଳିଆ ଆଗେ ଯାଇ ସ୍ୱାଗତ କରେ । ଯଦି ମାଲିକ ଆସିବାକୁ ଡେରି କରନ୍ତି, ବଳିଆ ମାଲିକ ଆସିଲେ ନିଜର ପେଟକୁ ଦେଖାଇ କହେ ତୁମେ ଖାଇନ ବୋଲି ମୁଁ ଖାଇନି ମୋତେ ଭୋକ ଲାଗିଲାଣି । ମାଲିକ ଥାପୁଡ଼ାଇ ଘରକୁ ଯାଇ ଖାଇ ବସନ୍ତି । ବଳିଆ ଆନନ୍ଦରେ ଅପେକ୍ଷା କରେ କିନ୍ତୁ ବଳିଆର ଟିକିଏ ଭୁଲ ହେଲେ ବହୁତ ଶାସ୍ତି ପାଏ । ଗୋଇଠା ଆଉ ଅଇଁଠା ଖାଇ ସେ ପଡ଼ି ରହିଥାଏ । ମାଡ଼ ଖାଇଲାପରେ ଟିକେ ଅଭିମାନ କରି ଟିକିଏ ଦୂରରେ ମୁହଁକୁ ଗୁଞ୍ଜି ଶୋଇପଡ଼େ । ପୁଣି ମନ ବୁଝିଗଲେ କୁଁ କୁଁ କରି ଲାଞ୍ଜ ହଲାଇ ଓଳିତଳେ ଶୋଇପଡ଼େ । ବୁଲି ଏସବୁ ଦେଖି ମନ ଦୁଃଖ କରେ । ବେଳେବେଳେ ବେନିଜନେ ସମଦଶା ପଡ଼େ ।

ବଳିଆକୁ ମାଡ଼ କି ଗାଳି ହେଲେ ବିଲେଇ ମନ ଦୁଃଖ କରି ମ୍ୟାଉଁ ମ୍ୟାଉଁ କରି ବଳିଆ ଦେହରେ ଘଷି ହୁଏ । ଘୁଡୁ ଘୁଡୁ କରି ତାକୁ ଗୀତ ଶୁଣାଏ । ବଳିଆ ଲାଞ୍ଜ ହଲାଇ ତାକୁ ସମର୍ଥନ କରେ । ବୁଲିକୁ ମାଡ଼ ଗାଳି ହେଲେ ବଳିଆ ଦୁଃଖ କରେ । ଭୋ ଭୋ କରି ମାଲିକିଆଣୀକୁ କହେ ମାଗୋ ମାରନା, ପିଲାଲୋକ, କ'ଣ ଟିକେ ଭୁଲ କରି ଦେଇଛି ଛାଡ଼ିଦିଅ । ବୁଲି ବଳିଆ ପାଖକୁ ଦଉଡ଼ି ଆସେ । ମୁହଁକୁ ମୁହଁ ଯୋଡ଼ି ଦୁଃଖ ସୁଖର ଭାଗି ହୋଇ ଶୋଇ ପଡ଼ନ୍ତି । ପୁଣି ଖରାବେଳେ ଏକାଠି ହୋଇ ଖୁସି ଗପ କରନ୍ତି ।

ଦିନେ ବୁଲି କହିଲା – ଆରେ ବଳିଆ ମୋର କାହିଁକି ଆଉ ଆଇଁଷ ଖାଇବାକୁ ଇଚ୍ଛା ହେଉନି । ମୁଁ ଯାଉଛି କେଉଁ ମଠବାଡ଼ି କିମ୍ବା କେଉଁ ନିରାମିଷାଶୀ ଘରେ କିଛି ଦିନ ରହି ପୁଣି ଚାଲଇ ଆସିବି । ଏଠି ତ ଦିନରାତି ଆଇଁଷ, ମୋତେ କିଏ ନିରାମିଷ କରିକି ଦେବ ? ମୁଁ ମନସ୍ଥ କରିଛି କିଛିଦିନ ଚାଲିଯିବି । ତୁ ଚାଲୁନୁ । ଆମେ ଦୁହେଁ ମିଶିକରି ଯିବା ପୁଣି ଫେରିଆସିବା । ବଳିଆ କହିଲା – ନାହିଁଲୋ ବୁଲି, ସକଳ ତୀର୍ଥ ତୋ ଚରଣେ । ବଦ୍ରିକା ଯିବି କି କାରଣେ । ମୋର ଦେହତୁ ପାଇଲା ଦିନୁ ମୁଁ ଏଇଠି ଅଛି । ମୋ ଶବ ମଧ୍ୟ ଏଇଠୁ ଉଠିବ । ଏଣୁ ମୁଁ ଏ ଘର ଛାଡ଼ି କୁଆଡ଼େ ଯାଇ ପାରିବିନି । ବୁଲି କହିଲା – ଧନ୍ୟରେ ବଳିଆ ଲୋକେ କହନ୍ତି ବାରବୁଲା ଅଇଁଠା ଖିଆ କୁକୁର । କିନ୍ତୁ ତୁ ଏକନିଷ୍ଠ ହୋଇ ମାଲିକର ଲୁଣ ଖାଇ ଗୁଣ ଗାଉଛୁ ହେଉ ତୁ ଥା । ମୁଁ ଯାଉଛି କିଛି ଦିନ ବୁଲାବୁଲି କରି ଚାଲି ଆସିବି । ବୁଲି କହିଲା – ମୋ ମନ ଭାରି ଚଞ୍ଚଳ, ମୁଁ ମନ କରିଛି ମାନେ ଆଉ ରହିପାରିବିନି କହି ଚାଲିଗଲା । ବଳିଆ ଛଳଛଳ ଆଖିରେ ଚାହିଁ ରହିଥିଲା ।

ବୁଲି ପ୍ରାୟ ଛମାସ କାଳ ବୁଲିବୁଲି ବହୁତ ଅନୁଭୂତିକୁ ଧରି ପୁଣି ବଳିଆ ପାଖକୁ ଫେରିଆସିଲା । ବଳିଆ ଆନନ୍ଦରେ ତାକୁ ସ୍ୱାଗତ କଲା । ବଳିଆ କହିଲା ଯା' ଖାଇପିଇ ବିଶ୍ରାମ ନେ । ପଛରେ ତୋର ଅନୁଭୂତି ଗପିବୁ । ଏବେ ଧୀରେଧୀରେ କହ ବୁଲି ଆରମ୍ଭ କଲା । – ମୁଁ ପ୍ରଥମେ ଗୋଟିଏ ସାଧୁ ଆଶ୍ରମରେ ପହଞ୍ଚିଲି । ସେଠାରେ ଦିନରାତି ହରିନାମ କୀର୍ତ୍ତନ । ଯଜ୍ଞ, ଯୋଗ ଧ୍ୟାନରେ ଆଶ୍ରମ ମୁଖରିତ । ଦିନରାତି ଖାଇବା ପିଇବା ଚାଲିଥାଏ । ମୁଁ ଭାବିଲି ଏଠାରେ ରହିଲେ, କ୍ଷୀର ଦହି ଘିଅ ଆଉ ଅମାଲୁ ଦମାଲୁ ଖାଇବାକୁ ମିଳିବ । କିଛି ଦିନ ରହି ପାଟି ଖରାପ ହୋଇ ଗଲେ ମୁଁ ପୁଣି ବଳିଆ ପାଖକୁ ଫେରିଯିବି ।

ସେଠାରେ ଦେଖିଲି, ବିଳମ୍ବିତ ରାତିରେ ସାଧୁଙ୍କ ଘରଟି ଦାମୀ ଫୁଲରେ ସଜାହୁଏ । ନାଲି ନେଳି ବଲବରେ ଧପଧପ

ହୋଇ ବହୁତ ସୁନ୍ଦର ଦିଶେ । କୋଠରୀ ଭିତରୁ ଦାସୀ ଅତରର ବାସନା ମନକୁ ମୋହିନିଏ । ବାଡ଼ି ପଛପଟୁ କୁକୁଡ଼ାର ମରଣାତ୍ମକ ଚିତ୍କାର ଆଉ ହାଣ୍ଡି କଡ଼େଇର ଖଡ଼ଖାଡ଼ ଶବ୍ଦ । ଆଉ ଆମିଷର ଭୁରି ଭୁରି ଗନ୍ଧ ମୋତେ ପାଗଳ କରିଦେଲ । ରାତି ପାହାନ୍ତାରେ ଗୋଟିଏ ସୁନ୍ଦରୀ ଝିଅର କେଶ ଆଲୁଳିତ ବସ୍ତ୍ରବିବସ୍ତ୍ରିତ ହୋଇଛି ତାକୁ ଦୁଇଜଣ ଲୋକ ନେଇ ଅପେକ୍ଷାରତ କାରରେ ନେଇ ଚାଲିଗଲେ । ମୁଁ ଏସବୁ ଦେଖି ଘୃଣାରେ ମୋ ଦେହ ଜଳିଗଲା ପରି ଲାଗିଲା । ରାତି ପାହିଲା ମୋର ସନ୍ନ୍ୟାସୀ ହେବା ନୋହିଲା । ମୁଁ ଆଶ୍ରମ ଛାଡ଼ି ଚାଲିଆସିଲି କାରଣ ମୁଁ ଯାହା ସେ ତ ସେଇଆ ମୋର କ'ଣ ଶିଖିବାର ଅଛି ।

ମୁଁ ତା' ପରଦିନ ଆଶ୍ରମ ଛାଡ଼ି ଚାଲିଆସିଲି । ବୁଲି ବୁଲି ଦେଖିଲି, ଗୋଟିଏ ଜାଗାରେ ଲେଖା ହୋଇଛି ଗୁରୁନିବାସ । ତାଙ୍କ ପଡିଶୀ ଘରେ ଲେଖା ହୋଇଛି ଗୁରୁ ଆଶ୍ରିତ । ମୁଁ ଭାବିଲି ଏହି ଠିକ୍ ଜାଗା । ମୁଁ ପ୍ରଥମେ ଗୁରୁନିବାସକୁ ଗଲି । ଦେଖିଲି ଭାରି ପରିଷ୍କାର ପରିଚ୍ଛନ୍ନ ଏମାନେ ଆମିଷ ପାଖକୁ ଯାଆନ୍ତିନି । ପିଆଜ ରସୁଣ ଦେଖିଲେ ବିଛୁଆତି ଲାଗିଲା ପରି ଡିଅନ୍ତି । କିଛି ସମୟପରେ ପୁଅ ଅଫିସ ବାହାରିଲାବେଳକୁ ବୁଢ଼ା ବାପା ଡାକି କହିଲା – ପୁଅରେ ମିଠା ଗୋଟିଏ ଖାଇବାକୁ ଭାରି ଇଚ୍ଛା ହେଉଛି, ଅଫିସରୁ ଫେରିଲାବେଳକୁ କ'ଣ ଗୋଟିଏ ମିଠା ଆଣିଥିବୁ । ମୁଁ ଖାଇବି । ପୁଅ ବିରକ୍ତ ହୋଇ କହିଲା – ଇଚ୍ଛାକୁ ଦମନ କର । ମିଠା ଖାଇଲେ ମଧୁମେହ ରୋଗ ହେବ । ଏକଥା ଟି.ଭିରେ ଦେଖୁନ । ଯଦି ଇଚ୍ଛା ହେଉଛି ଗୁଡ଼ କି ଚିନି ଟିକେ ଖାଇଦିଅ । ମୁଁ ଅଫିସ କାମରେ ବାହାରିଛି ତୁମେ ପଛରୁ ଡାକୁଛ ?

ମୁଁ ଭାବିଲି – ଖାଦ୍ୟରେ ନିରାମିଷ, କାମରେ ଏଡେ ନୃଶଂସ । ତା ପରଦିନ ପଡ଼ିଶା ଘରକୁ ଗଲି । ସେମାନେ ଗୁରୁ ଆଶ୍ରିତ । ତାଙ୍କର ସବୁକାମ ଆଧ୍ୟାତ୍ମିକ ହୋଇଥିବ ବୋଲି ଯେମିତି ଯାଇଛି ପ୍ରଥମେ ତାଙ୍କ ୱାଚମ୍ୟାନ୍ ମୋତେ ଘଉଡାଇବାକୁ ଚେଷ୍ଟା କଲା । ମୁଁ ତାକୁ ପାଟି କଲି ଗୁରୁ ଆଶ୍ରିତ ଘରେ ରହିଛୁ ଭଦ୍ରାମୀ ଜାଣିନୁ । ଅତିଥିକୁ ଏପରି ବ୍ୟବହାର କରୁଛୁ । ତା ପାଖରୁ ଖସି ପଳାଇ ଆସିଲି । ଦେଖିଲି ମାଲିକିଆଣୀ ବସି ଟିଭି ଦେଖୁଛନ୍ତି, କଲିଙ୍ଗ ବେଲ ବାଜିଲା ମାଲିକିଆଣୀ ବିରକ୍ତ ହୋଇ କହିଲେ – କିଏ ଗୋଟାଏ କାଙ୍ଗାଳ ଆସିଲାଣି । ଏ ଭିକାରୀ ଦାଉରେ ଆଉ ରହି ହେବନାହିଁ । ଯେମିତି ବାପ ଏଠି ଧାଡ଼ି ମାରି ରଖିଛି । ମଣିଷ ଟିକେ ସିରିଏଲ ଦେଖୁଥିଲା ।ତାକୁ ଟିକେ ଦେଖାଇ ଦେବେନି । କବାଟ ଖୋଲି ଦେଖିଲେ ଗୋଟିଏ ଭିନ୍ନକ୍ଷମ ଭିକାରୀ କିଛି ଖାଇବାକୁ ମାଗୁଛି । ମାଲିକିଆଣୀ ଗର୍ଜିଉଠି କହିଲେ – ତୁମ ଭିକାରୀ ଜାତିଙ୍କର କ'ଣ ସମୟ ଜ୍ଞାନ ନାହିଁ । ଯେତେ ବେଳେ ଇଚ୍ଛା ଚାଲି ଆସି କଲିଙ୍ଗ ବେଲ୍ ମାରିବ । ନହେଲେ କବାଟ ବାଡ଼େଇବ । ଯାଅ ଯାଅ ପର୍ବପର୍ବାଣୀରେ ଆସିଲେ କ୍ୟାମେରା ଆଗରେ ଦାନ ଦିଆଯିବ । ଯେମିତି ସମସ୍ତେ ଦେଖିବେ । ଆଉ ଏ ଅବେଳାରେ ଆସି ଆମକୁ ହଇରାଣ କରନି କହି କବାଟକୁ ଧଡ଼୍ କରି ବନ୍ଦ କରିଦେଲେ । ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି । ଏମାନେ ଅତିଥିଦେବ କହି ଦିନ ରାତି ପ୍ରାର୍ଥନା କରୁଛନ୍ତି, ପୁଣି ଏ କ'ଣ? ମନକୁ ବୁଝାଇ ଦେଲି ସେ ଯାହା ହୁଅନ୍ତୁ କିନ୍ତୁ ଆମିଷ ଛାଡ଼ିଛନ୍ତି ।

ତା'ପରେ ଆଉ ଗୋଟିଏ ଜାଗାକୁ ଗଲି । ଦେଖିଲି ଲେଖା ହୋଇଛି ପ୍ରଭୁ କୃପା ଭିତରକୁ ଗଲି ଓ ଦେଖିଲି ବୁଢ଼ୀ ମାଆଟିଏ ପୁଅକୁ ଡାକି କହୁଛି ପୁଅରେ ଅଫିସ ଗଲାବେଳେ ମୋ ଚଷମାଟା ନେଇଯିବୁ ସଜାଡ଼ି ଆଣିବୁ । ମୋତେ କିଛି ଦେଖା ହେଉନି । ପୁଅ ବିରକ୍ତ ହୋଇ କହିଲା – ଏଇଟା କ'ଣ ଚଷମା ସଜାଡ଼ିବା ବେଳ । ତୋର ଚଷମା କ'ଣ ନିହାତି ଦରକାର । କ'ଣ କବିତା ଲେଖିବୁ? କବି ସମ୍ମିଳନୀ ଯିବୁ ନା ଫେସନରେ ପିନ୍ଧିବୁ । ଘରଣୀ ମଧ୍ୟ ଆସି ଯୋଡ଼ିହୋଇ କଥାକୁ ଯୋଡ଼ିଦେଲେ । ବୁଢ଼ୀର କାମ ତ କିଛି ନାହିଁ । ଚାରି ବକତ ଖାଇବାକୁ ମିଳି ଯାଉଛି, ହଜମ ହେଉନି । ବକର ବକର ହେଉଛି । ତୁମେ ଯାଅ ତୁମ କାମ କର । ସ୍ୱାମୀ ହରିଓଁ କହି ସଲାମ କରି ଚାଲିଗଲେ । ମୁଁ ନିଜକୁ ପଚାରିଲି କ'ଣ କିରେ ? ପୁଣି ଭାବିଲି ସେ ଯାହା ହେଉ ଆଇଁଷ ଛାଡ଼ିଛନ୍ତି ।

ବଳିଆ ପଚାରିଲା – ବୁଲି ତୁ କ'ଣ ଶୀଘ୍ର ଫେରି ଆସିଲୁ ? କ'ଣ ଗଣେଶଙ୍କ ପରି ସଂସ୍କାର ଚାରିପଟ ବୁଲି ସଂସାର ପ୍ରଦକ୍ଷିଣ କରି ଚାଲିଆସିଲୁ । ବୁଲି କହିଲା – ତୁ ଏତେ ଛଳାନା । ଜାଣିଛୁ ସବୁ ଦେଖିଲାପରେ ଜାଣିଲି ଏ ଦୁନିଆ ବଡ଼ ବିଚିତ୍ର । ହଉ ଏଇ କେଇଦିନ ଭିତରେ ତୋ ଖବର କ'ଣ କହ । ବଳିଆ କହିଲା – କାଲି ଜଣେ ଭଦ୍ରଲୋକ ସାର୍ଟସୁଟ ପିନ୍ଧି କାରରେ ଆମ ଘରକୁ ଆସିଲେ । ଆମ ମାଲିକ ଦଉଡିଯାଇ ତାଙ୍କୁ ପାଛୋଟି ଆଣିଲେ । ମୁଁ ମଧ୍ୟ ଭୁକି ଭୁକି ତାଙ୍କୁ ସ୍ୱାଗତ ଜଣାଇଲି ଓ ଦେଖିଲି ସେ କାଖରେ ଗୋଟିଏ ବିଦେଶୀ କୁକୁରକୁ ଧରି ଆସୁଛନ୍ତି । ମୋତେ ଦେଖି ଘୃଣାରେ ମୁହଁ ଲୁଚାଇ ଦେଲା । ଆଉ ଅଳପ ଚାହିଁ ମୁରୁକେଇ ହସିଲା । ମୁଁ ପଚାରିଲି ହସୁଛୁ କାହିଁକି ? ସେ କହିଲା – ମୋତେ ଦେଖି ତୁ କିଛି ଜାଣିପାରୁନୁ ? ମୁଁ ଦାମୀ ଗାଡ଼ି ଚଢୁଛି, ଦାମୀ

ଖାଦ୍ୟ ଖାଉଛି ଆଉ ଦାମୀ ବିଛଣାରେ ଶୋଉଛି । ଦାମୀ ସାବୁନ ଲଗାଇ ଗାଧୋଉଛି, ମୋ ପାଇଁ ଚାକର ଖଞ୍ଜା ହୋଇଛି । ମାଲିକ ସାଙ୍ଗରେ ଫୁଟବଲ ଖେଳିଲାବେଳେ ବଡ଼ ମଜା ଲାଗେ । ତୋର ଭାଗ୍ୟ ଖରାପ ତୁ ବାରବୁଲା ମା'ଠାରୁ ଜନ୍ମ ନେଇଛୁ । ଯଦି ମୋ ପରି ବିଦେଶିନୀ ମାଆଠାରୁ ଜନ୍ମ ନେଇଥାନ୍ତୁ ଅଏସରେ ରହିଥାନ୍ତୁ । ମଣିଷଙ୍କ ଠାରୁ ସେବା ପାଇଥାନ୍ତୁ । ତୁ ତାଙ୍କର ସେବା କରୁଛୁ ତା ବଦଳରେ ଅଇଁଠା ଖାଇ ଗୋଇଠା ଖାଉଛୁ ।

ବଳିଆ କହିଲା – ବୁଝିଲୁ ବୁଲି, ସେ ଅହଂକାରୀକୁ ମୁଁ କହିଲି – ଏତେ ଢ଼ମ ଗପନା । ତମର ସେଠାରେ ମାଆ ପିଲାଙ୍କର ସମ୍ପର୍କ କ'ଣ ଜାଣ? ଆମର ଏଠାରେ ମା'ଛୁଆ ଭାଇଭାଇ, ବନ୍ଧୁବନ୍ଧୁର ସର୍ମ୍ପକ ବହୁତ ନିବିଡ଼ । ତୋତେ ଗୋଟିଏ ଚାପୁଡ଼ା ଦେଲେ ତୁ ମରିଯିବୁ । ଆମେ ଅଇଁଠା ଖାଇଲେ ମାଲିକ ଦେହରେ ମାଛିଟିଏ ବସେଇ ଦେବୁନି । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶତ୍ରୁ ସହିତ ଲଢ଼ିବୁ । ଆମେ କ'ଣ ଖାଲି ମାଲିକ କଥା ବୁଝୁ । ସାଇ ପଡ଼ିଶାର ଆମେ ଖବର ବୁଝୁ । ଶୀତ କାକର ବର୍ଷା ସହି ସୀମାନ୍ତରେ ଜବାନ ଜଗିଲା ଭଳିଆ ଆମେ ଜଗି ରହିଥାଉ । ଆମକୁ ସେଇଥିରେ ବହୁତ ଆନନ୍ଦ ମିଳିଥାଏ । ଆଉ କ'ଣ କହିଲୁ ? ମାଡ଼ ଅଇଁଠା ଖାଇ ପଡ଼ିଛି । ଆରେ ସେଥିରେ କେତେ ସ୍ନେହ ଥାଏ ତୁ କ'ଣ ବୁଝିବୁ? ତା'ପରେ ମୋତେ ତ କାଟୁନି ତୋତେ କାହିଁକି କାଟୁଛି । ଏତିକି କହନ୍ତେ ସେ ତା ମୁର୍ହକୁ ମାଲିକର ଛାତିରେ ଗୁଞ୍ଜିଦେଲା ।

ବୁଲି କହିଲା – ହଁରେ ବଳିଆ । ମୁଁ ତୋ କଥା ନମାନି ଚାଲିଗଲି କିନ୍ତୁ ମୋତେ ଆମ ମାଲିକ ଘର ଛଡ଼ା ଆଉ କାହାଘର ଭଲ ଲାଗିଲାନି । ଆମ ମାଲିକ ଖାଦ୍ୟ ଉପରେ ନଜର ନଦେଇ ଦୟା ଧର୍ମ ସଂସ୍କାର ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଆମ ମାତୃଭୂମି ଆମକୁ ବଡ଼, ଆମେ କାହିଁକି ଅନ୍ୟକୁ ଅନୁକରଣ କରିବା । ବଳିଆରେ ମୁଁ ଯାଇ ଯାହା ଦେଖିଲି, ଧର୍ମ ନାମରେ ନିରାମିଷ ହୋଇ ସବୁ ଦୁଷ୍କର୍ମରେ ଲିପ୍ତ । କିନ୍ତୁ ଆମିଷ ଛାଡ଼ିଛନ୍ତି ବୋଲି ଭାରି ଗର୍ବ । ବଳିଆ କହିଲା ବୁଲି ତୁ ଆଉ ଓଲିଆ କାମ କରିବୁନି କି ମାଡ଼ ଖାଇବୁନି । ଯା ତାଙ୍କ ଘର ଦୁଆର ମୁହଁ ପାଖଷର ଜଗିବୁ ଆଉ ମୁଁ ଏ ବାହାର ପାହାଚ ତଳେ ଜଗିବି । ଆମେ ବୁଲି-ବଳିଆ ୱାଚ୍‌ମ୍ୟାନ୍ ।

ଗଣ୍ଡରପୁର, କଟକ ।


# POWER HOUSE

DISTRIBUTOR

**LUMINOUS, EXIDE, AMCO**

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ନିର୍ବିକାର ଦାବୀ

ରାଧାକାନ୍ତ ଦାସ

ସବୁଦିନ ଭଳି ଷଡଙ୍ଗୀ ବାବୁ ନିଜ ଅଫିସରୁ ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ବାଜି ଉଠିଲା ଟେବୁଲ ଉପରେ ଥିବା ଲ୍ୟାଣ୍ଡ ଫୋନ୍‌ଟି । ହ୍ୟାଲୋ କହ ଫୋନ୍ କରୁଥିବା ଲୋକର କଥାକୁ ଧିର ଭାବରେ ଶୁଣୁଥିଲେ ଷଡଙ୍ଗୀବାବୁ । ଆଜ୍ଞା କହି ଫୋନ୍ ରଖି ସାରିଥିଲେ ଷଡଙ୍ଗୀବାବୁ । ତାଙ୍କ ମୁହଁ ଯେମିତି ଶୁଖିଯାଉଥିଲା । ହଁ ଶୁଖିବନି କେମିତି ପ୍ରଥମ ଥର ପାଇଁ ତାଙ୍କ ଉପରସ୍ତ କର୍ମଚାରୀ ଆସିବେ । ସବୁ ଜିନିଷ ଠିକ୍ ଚାଲିଛି ନା ନାଇଁ ସବୁ ତଦାରଖ କରିବା ପାଇଁ । ଷଡଙ୍ଗୀବାବୁ ମାନେ ଦାମୋଦର ଷଡଙ୍ଗୀ । ସହକାରୀ ନିର୍ଦ୍ଦେଶକ ଭାବରେ ସେ ନିୟୋଜିତ ଅଛନ୍ତି ରାଜ୍ୟର ଏକ ଛୋଟ ଚିଡିଆଖାନାରେ । ସରକାରଙ୍କର ଏହି ଚିଡିଆଖାନାରେ ପ୍ରାୟ ପଚାଶରୁ ଅଧିକ ପ୍ରଜାତିର ଦୁଇଶହ ପ୍ରାଣୀ ରହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କର କ'ଣ ହେଇଛି କେଜାଣି, ସବୁ ବିଭାଗର ମନ୍ତ୍ରୀମାନଙ୍କୁ ଡାକି ମିଟିଙ୍ଗ୍ କରିଛନ୍ତି ଯେ ସେମାନଙ୍କ ବିଭାଗ ଠିକ୍‌ଠାକ୍ ଚାଲୁଛି କି ନାଇଁ ମୁଖ୍ୟମନ୍ତ୍ରୀର ପ୍ରମୁଖ ସଚିବ ଯାଇ ତଦାରଖ କରିବେ । ଗଣଶିକ୍ଷା, ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟ ପରେ ପଶୁସମ୍ପଦ ବିଭାଗ ଆଡକୁ ସଚିବଙ୍କର ନଜର । ହେଲେ ଏକଥା ଷଡଙ୍ଗୀ ବାବୁଙ୍କୁ ଠିକ୍ ଲାଗୁନଥିଲା । ହଁ ଶିକ୍ଷା ଆଉ ସ୍ୱାସ୍ଥ୍ୟରେ ଦୁର୍ନୀତି ହେଉଛି ହେଲେ ପଶୁ ବିଭାଗରେ ! କ'ଣ ବା କରିପାରିବେ ସେ । ଉପରୁ ଫୋନ୍ ଆସିଛି ଗୋଟେ ଦିନ ପରେ ସଚିବ ଆସିବେ ପରିଦର୍ଶନରେ । ସଚିବ ନୁହେଁ ତାଙ୍କ ପୁରା ଟିମ୍ । ପଶୁଡାକ୍ତର ଓ ଆଉ କିଛି ପଶୁ ବିଶେଷଜ୍ଞ ସହିତ ସଚିବ । ସଚିବ ଟିକେ ଦୁର୍ନୀତି ଦେଖିଲେ ତତ୍‌କ୍ଷଣାତ୍ ପଦକ୍ଷେପ ନେବାର ନଜିର ରହିଛି । ନିକଟରେ ତ ଜଣେ ଡାକ୍ତରଙ୍କର ଚାକିରି ଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଠିକ୍ ଥିଲା ହେଲେ ଏ ସଚିବଙ୍କର ପଶୁପ୍ରେମ କେମିତି ଜାଗ୍ରତ ହେଲା ବୁଝିପାରୁ ନାହାଁନ୍ତି ଷଡଙ୍ଗୀବାବୁ । ଆଉ ଘରକୁ ଯିବେ କ'ଣ, ସମସ୍ତ କର୍ମଚାରୀମାନଙ୍କୁ ଡକାଇ ଆରମ୍ଭ କାଲେ ଜରୁରୀ ବୈଠକ

ଷଡଙ୍ଗୀ ବାବୁ - ଦେଖ ! ଆମ ପାଖେ ଆଉ ଗୋଟେ ଦିନ । କାଲି ଗଲେ ପରଦିନ ସଚିବ ଆସିବେ । ଆଉ ଚିଡିଆଖାନା ସାରା ପୁରାପୁରି ବୁଲି ପାରନ୍ତି । କେଉଁଠିରେ ଯେମିତି ତ୍ରୁଟି ଦେଖା ନ ଯାଏ ।

ମିଟିଙ୍ଗ୍ ସରିଲା । ଷଡଙ୍ଗୀ ବାବୁ ଡେରିରେ ହେଲେ ବି ଘରକୁ ଫେରିଲେ । ଷଡଙ୍ଗୀ ବାବୁଙ୍କୁ ଚିନ୍ତା ଶହେ ଚାରି ଟପିଲାଣି । ହେବନି କେମିତି ଯେ । ଆହେ ସଚିବଙ୍କୁ ଯଦି କିଛି ଭୁଲ୍ ଦିଶେ ତାହେଲେ, ସହକାରୀରୁ ମୁଖ୍ୟ ନିର୍ଦ୍ଦେଶକ ହେବା ସ୍ୱପ୍ନଟା ଉଡିଯିବ ବାଏଁ ବାଏଁ ଏଇ ଅଦିନିଆ ପରିଦର୍ଶନର ଝଡରେ । ଷଡଙ୍ଗୀବାବୁ ଭାରି ଭଦ୍ରଲୋକ । ଠିକ୍ ସମୟରେ ଆସି ଠିକ୍ ସମୟରେ ଯାଆନ୍ତି ଘରକୁ । ଦୁର୍ନିତୀକୁ ପ୍ରଶୟ ଦିଅନ୍ତି ନାହିଁ । ହେଲେ ସରକାରୀ ନିୟମ ହିସାବରେ ବାଘକୁ ମଟନ୍ ଦେବା କଥା ଆଉ ଷଡଙ୍ଗୀ ବାବୁ ଚିକେନ୍‌ରେ କାମ ଚଳେଇ ନିଅନ୍ତି । ମଟନ୍ ଅପେକ୍ଷା ଚିକେନ୍ ଶସ୍ତା ହୁଏ, ଆଉ ଚିକେନ୍ ବି ତ ମାଂସ ନା । ସେଇଭଳି ନେପାଳୀ ହନୁ ପାଇଁ ପେସ୍ତା ବାଦାମ୍ ଦେବାକୁ ନିୟମ ରହିଛି ହେଲେ ସେ ଚିନାବାଦାମ୍ ଦିଅନ୍ତି । ହାତୀ, ଯେବ୍ରା, ହରିଣଙ୍କ ପାଇଁ ସବୁଦିନ ସବୁଜ ଘାସ ଯୋଗାଇବା କଥା ହେଲେ ଶୁଖିଲା ନଡା ଓ ଡାଳ ପତ୍ରରେ କାମ ଚଳେଇ ଦିଅନ୍ତି । ଶୁଆଶାରୀ ଓ ବିଭିନ୍ନ ଚଢେଇ ମାନଙ୍କୁ ନାନା ପ୍ରକାରର ଫଳ ଦେବା କଥା ହେଲେ ସେ ଗୋଟେ ପ୍ରକାରର ଫଳ ଦିଅନ୍ତି । ଏହାକୁ କ'ଣ ଆପଣ ଦୁର୍ନିତୀ କହିବେ । କିହୋ ମାଷ୍ଟରମାନେ ପା ପିଲାଙ୍କ ଅଣ୍ଡା ଖାଇଯାଉଛନ୍ତି ଆଉ ଷଡଙ୍ଗୀବାବୁ ତ ଟିକେ ଖାଇଛନ୍ତି ପଶୁପକ୍ଷୀମାନଙ୍କର । ଦିନେ ତାଙ୍କ ଚିଡିଆଖାନାର କର୍ମଚାରୀ ଷଡଙ୍ଗୀବାବୁଙ୍କୁ ପଚାରିଲେ

ଚିଡିଆଖାନା କର୍ମଚାରୀ - ସାରେ ! କିଛି ଅସୁବିଧା ହେବନି ତ ?

ଷଡଙ୍ଗୀ ବାବୁ - ଅସୁବିଧା, ଆହେ ପଶୁ କ'ଣ ମଣିଷ ହୋଇଛନ୍ତି ଯେ କହିବେ, ଆମକୁ ନିର୍ଦ୍ଧାରିତ ଖାଦ୍ୟ ମିଳୁନି । ହା ....ହା..

ଏଇମିତିରେ ଚାଲେ ଚିଡିଆଖାନା ଷଡଙ୍ଗୀ ବାବୁଙ୍କ ନିର୍ଦ୍ଦେଶରେ । ଚିଡିଆଖାନାରେ ସରକାରୀ ଘର ଅଛି ହେଲେ ଷଡଙ୍ଗୀ ବାବୁଙ୍କ ସ୍ତ୍ରୀଙ୍କର ଏକା ଜିଦ୍ ପଶୁଙ୍କ ପାଖେ କିଏ ରହିବ । ଆମେ ସହର ଭିତରେ ରହିବା । ସହର ଭିତରେ ବଡଘର କରିଛନ୍ତି ଷଡଙ୍ଗୀ ବାବୁ ।

ସଚିବ ଆସିବାର ପୂର୍ବ ପ୍ରସ୍ତୁତି ଚାଲିଛି । କାନ୍ଥ ରଙ୍ଗ ସାଙ୍ଗକୁ ନୂଆ ତାରଜାଲି । ଫୁଲଗଛରେ ସଜେଇ ହେଇଛି ଚିଡିଆଖାନା । ଖାଲି ସେତିକି ନୁହେଁ, ପ୍ରାଣୀମାନଙ୍କର ଖୁଆଡଗୁଡାକୁ ଭଲ ଭାବେ

ସଫା କରାଯାଇଛି । ଦୀର୍ଘଦିନ ହେବ ସଫା ହୋଇ ନଥିବା ଖୁଆଡ ଆଜି ପୁରା ସଫା ସୁତୁରା କାଲି ପାଇଁ । ବାଘ, ସିଂହ ଓ ଭାଲୁ ଚାରିପଟେ ଥିବା ନେଳି ରଙ୍ଗର ପ୍ରସ୍ତର ପଡିଥିବା ଦୂଷିତ ପାଣିକୁ କାଢି ଭଲ ପାଣି ରଖାଯାଇଅଛି । ଷଡଙ୍ଗୀ ବାବୁ ନିଜେ ସବୁ ଖୁଆଡ ବୁଲିବୁଲି ଦେଖି ସାରିଲେଣି । ଆଜି ରାତିରେ ସେ ଚିଡିଆଖାନାରେ ଥିବା ସରକାରୀ ବାସଭବନରେ ରହିବେ । ଖାଇପିଇ ଶୋଇଗଲେ ଷଡଙ୍ଗୀ ବାବୁ । ଖଟରେ ଶୋଇ ଭାବୁଥାନ୍ତି କେମିତି ସଚିବ ବୁଲିକି ଯାଆନ୍ତେ ଆଉ ତାଙ୍କ ପ୍ରମୋସନଟା ବି ହେଇଯାଆନ୍ତା । ଏମିତି ଭାବୁ ଭାବୁ ନିଦ ଲାଗି ଯାଇଛି ତାଙ୍କୁ ।

ଧଡ୍‌ଧଡ୍ - ଧଡ୍‌ଧଡ୍ । କବାଟରେ ଶବ୍ଦ । ଷଡଙ୍ଗୀ ବାବୁ ଉଠିଲେ, ମୋବାଇଲ୍ ଦେଖିଲେ ସମୟ ରାତି ତିନି । କିଏ ଏତେ ରାତିରେ ? କବାଟ ଖୋଲି ଦେଖନ୍ତି ତ, ଚିଡିଆଖାନାର ମ୍ୟାନେଜର୍ ମଧୁବାବୁ । ଆଖି ମଳିମଳି ଷଡଙ୍ଗୀ ବାବୁ କହିଲେ - ହଁ, କଣ ହେଲା ମଧୁବାବୁ ? ଏତେ ରାତିରେ କୁଆଡେ ?

ମଧୁବାବୁ - ସାର୍ ଗୋଟେ ଅସୁବିଧା ହେଇଯାଇଛି ।

ଷଡଙ୍ଗୀ ବାବୁ - ଅସୁବିଧା ! କଣ ହେଇଛି ?

ମଧୁବାବୁ - (ଧିର ସ୍ୱରରେ) ସାର ! ସେ ପଶୁଗୁଡା ମଣିଷ ଭଳି କଥା କହୁଛନ୍ତି ।

ଷଡଙ୍ଗୀ ବାବୁ - (ହଠାତ୍ ଚମକି ପଡି) କଣ ! ତମକୁ କେତେ ଥର ମନା କରିଛି ଏତେ ମଦ ପିଅନି ବୋଲି ହେଲେ ତମେ....... ।

ମଧୁବାବୁ - ସାର୍ ! ମୁଁ ସତ କହୁଛି । ସେମାନେ ଆମ ଭଳି କଥା ହେଉଛନ୍ତି । ମୁଁ ପରା ବାଘ ସହ କଥା ହୋଇଛି ।

ଷଡଙ୍ଗୀ ବାବୁ - ହେ ! କଣ ତମେ କହୁଛ ମୁଁ କିଛି ବୁଝିପାରୁନି ?

ମଧୁବାବୁ - ସାର୍ ! ଆପଣ ଚାଲନ୍ତୁ ଦେଖିବେ । କେମିତି ପଶୁମାନେ କଥା ହେଇଛନ୍ତି ।

ଅନିଚ୍ଛା ସତ୍ୱେ ବି ଟର୍ଚ୍ଚ ଧରି ଚାଲିଲେ ଷଡଙ୍ଗୀ ବାବୁ । ପାଖରେ ମଧୁବାବୁ ବି ଥାଆନ୍ତି । ସେମାନେ ଯାଇ ପହଂଚିଲେ ଓରାଙ୍ଗଓଟାନ୍ ପାଖରେ । ଷଡଙ୍ଗୀ ବାବୁ ଓରାଙ୍ଗଓଟାନ୍‌ର ମୁହଁରେ ଟର୍ଚ୍ଚଲାଇଟ୍ ପକେଇଲେ ଓ କହିଲେ - ତମେ କ'ଣ କହୁଛ ମଧୁ ବାବୁ ମୁଁ କିଛି ବୁଝି ପାରୁନି । ଆରେ ପଶୁମାନେ କେମିତି କଥା କହିବେ ?

ଠିକ୍ ଏତିକି ବେଳେ ଗମ୍ଭୀର ସ୍ୱରରେ ଶବ୍ଦ ଆସିଛି - ଷଡଙ୍ଗୀ ବାବୁ ଉ..ଉ...ଉ...., କେମିତି ଅଛନ୍ତି ? ଚମକି ପଡିଲେ ଷଡଙ୍ଗୀ ବାବୁ ତାଙ୍କ ଆଖିରୁ ପୁରା ନିଦ ଛାଡିଗଲା । ମଧୁବାବୁ ଆଙ୍ଗୁଳିରେ ଇସାରା କରିଛନ୍ତି ଓରାଙ୍ଗ୍‌ଓଟାନ୍ ଆଡେ । ପୁଣି ସେଇ ଶବ୍ଦ - ଷଡଙ୍ଗୀ ବାବୁ ଉ..ଉ...ଉ...., କେମିତି ଅଛନ୍ତି ? ଷଡଙ୍ଗୀ ବାବୁ ଦେଖିଲେ ଓରାଙ୍ଗ୍‌ଓଟାନ୍ ପାଖରୁ ଆସୁଛି ଶବ୍ଦ ।

ଓରାଙ୍ଗ୍‌ଓଟାନ୍ - ଷଡଙ୍ଗୀ ବାବୁ ଉ..ଉ...ଉ...., ! ମୁଁ ପଚାରୁଛି କେମିତି ଅଛନ୍ତି ?

ଓରାଙ୍ଗଟାନ୍ ମଣିଷ ଭଳି କଥା କହୁଥିବାର ଦେଖି ନିର୍ବାକ ପାଲଟି ଯାଇଥିଲେ ଷଡଙ୍ଗୀ ବାବୁ । ସେ କିଛି ବୁଝିପାରୁ ନ ଥିଲେ । କିଛି ସମୟ ଚାହିଁ ଷଡଙ୍ଗୀ ବାବୁ କହିଲେ- (ଡରିଡରି) ହଁ.. ହଁ, ମୁଁ..ମୁଁ ଭଲ ଅଛି ।

ମଧୁବାବୁ - ସାର ! ଦେଖିଲେ ତ ଓରାଙ୍ଗ୍‌ଓଟାନ୍ ନୁହେଁ, ଏଠି ଥିବା ସବୁ ପଶୁପକ୍ଷୀ ମଣିଷ ଭଳିଆ କଥା କହୁଛନ୍ତି । କଣ ହେଲା କେଜାଣି ? କିନ୍ତୁ ଭଲ ହେଲା ସଚିବ ଏମିତି କଥା କୁହା ପଶୁପକ୍ଷୀ ଦେଖି ଖୁସି ହେଇଯିବେ ।

କିନ୍ତୁ ଷଡଙ୍ଗୀ ବାବୁ ଭାବୁଥିଲେ ସେ କରୁଥିବା ଦୁର୍ନୀତି କଥା ଯଦି ଏ ପଶୁପକ୍ଷୀ ମାନେ କହିଦେବେ ତାହେଲେ...... । ମଧୁ ବାବୁ ଓ ଷଡଙ୍ଗୀ ବାବୁ ଚାଲିଲେ ଗଣ୍ଡା ଥିବା ଖୁଆଡ ଆଡେ । ଗଣ୍ଡା କହିଲା - ଷଡଙ୍ଗୀ ବାବୁ ! ମୋତେ ଠିକ୍ ସମୟରେ ଖାଇବାକୁ ମିଳୁନି । ଆଉ ମୁଁ ରହୁଥିବା ଖୁଆଡକୁ ତୁମେ ଆଜି ଆଠ ମାସେ ପରେ ସଫା କଲ । ମଇଳା ପଚାସଢା ଗନ୍ଧରେ ମୋ ନାକ ଫାଟି ଯାଉଛି । ତମେ ସବୁଗୁଡା ଚୋର । ସଚିବ ଆସନ୍ତୁ ମୁଁ ସବୁ କହିବି । ମୋ ନାକରେ ଏ ଶିଙ୍ଘ ଦେଖଛଟି ଇଛା ହେଉଛି ଭୁଷି ଦିଅନ୍ତି ।

ଗଣ୍ଡାଠାରୁ ତା'ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ ଶୁଣି ଡରିଡରି କିଛି ନ କହି ହାତୀ ଖୁଆଡ ଆଡକୁ ଗଲେ ଷଡଙ୍ଗୀ ବାବୁ । ଷଡଙ୍ଗୀ ବାବୁଙ୍କୁ ଦେଖି ହାତୀ କହିଲା - ସାରେ ! ମୋତେ ଆଉ ଏ ତାଳପତ୍ର ଭଲଲାଗୁନି । ସବୁଜ ଘାସ ସାଙ୍ଗକୁ ଆଖୁ ଟିକେ ଟିକେ ଦେବେନା । ସରକାର ତୁମକୁ ଠିକ୍ ଟଙ୍କା ଦେଉଛନ୍ତି ହେଲେ ତୁମେ ଆମକୁ କାହିଁକି ଠିକ୍ ରେ ଖାଇବାକୁ ଦେଉନ । ନାଇଁ, ସଚିବ ଆସନ୍ତୁ ମୁଁ ସବୁ କହିବି ।

ଷଡଙ୍ଗୀ ବାବୁ - ଆରେ ନାଇଁ ନାଇଁ, ଦେଖ ଏବେ ତୁମକୁ ଠିକ୍ ରେ ଖାଇବାକୁ ଦିଆହେବ ।

ଏତିକି ବେଳେ ପାଖରେ ଥିବା ମାଙ୍କଡଗୁଡା ଖି ଖି ହସି କହିଲେ - ହେ..ହେ...ହେ....ଆମ ହାତୀକୁ ଖାଇବା ପାଉନିରେ । ମାଙ୍କଡକୁ ଏମିତି କହୁଥିବା ଦେଖି ମାଙ୍କଡ ଆଡକୁ ଚାହିଁଲେ ଷଡଙ୍ଗୀ ବାବୁ ।

ମାଙ୍କଡ କହିଲା - ଏ ତମ ଲୋକଗୁଡା ଭାରି ବଦ୍‌ମାସ୍ । ଶଳା ଆଜି ସକାଳେ ଥଣ୍ଡା ପାଣିରେ ମୋତେ ଗାଧୋଇ ଦେଲ । ନିଜେ

ଶୀତଦିନେ ଗରମ ପାଣିରେ ଗାଧୋଇବେ ଆଉ ଆମକୁ ଥଣ୍ଡା ପାଣିରେ ଗାଧୋଇବ । ଆଉ ଖାଇବା କଥା ତ ଛାଡ ।

ଷଡଙ୍ଗୀ ବାବୁ – ପେସ୍ତା ବାଦମ ନ ହେଲେ ବି ମୁଁ ଚିନାବାଦମ ଦେଉଛି ।

ମାଙ୍କଡ – ଆପଣ ଦେଲେ କଣ ହେବ ଏ ଲୋକ ଗୁଡା ଆମକୁ ଦେଲେ ତ । ମୁଁ ପରା ଶୁଣିଛି ଏମାନେ କଥା ହୁଅନ୍ତି କି ସେମାନେ ସେଇ ଚିନାବାଦମକୁ ବାହାରେ ବିକିଦିଅନ୍ତି । ନା ଆମେ ସବୁ କଥା କହିଦେବୁ ।

ଷଡଙ୍ଗୀ ବାବୁ ଭାବୁଥିଲେ ମୁଁ ଏକୁଟିଆ ଟିକେ ଖାଉଛି ହେଲେ ଏଠି ସମସ୍ତେ ଖାଉଛନ୍ତି । ଚିଡିଆଖାନା ପ୍ରକମ୍ପିତ ହେଉଥିଲା ପଶୁମାନଙ୍କର କଥାରେ ।

ମଧୁ ବାବୁ – ଦେଖିଲେ ତ , ସମସ୍ତେ ଏଠି କଥା କହୁଛନ୍ତି ଖାଲି ଏ ହଂସ ଗୁଡାକୁ ଛାଡି । ପାଖରେ ଥିବା ହଂସ ଗୁଡାକ ଭିତରୁ ପାଣିରେ ଥାଇ ଜଣେ କହିଲା

ହଂସ – ନାନୀ ଟିକେ ଧିରେ ଚାଲୁନୁ । କାଦୁଅ ଗୁଡା ମୋ ମୁଁହ ରେ ଛିଟିକି ପଡୁଛି । ଟିକେ ଧିରେ ଚାଲେ ।

ହଂସ ମାନଙ୍କର ଏମିତି କଥା ଶୁଣି ମୁଣ୍ଡରେ ହାତଦେଲେ ଷଡଙ୍ଗୀ ବାବୁ ଦେଖିଲେ ପକ୍ଷୀଗୁଡାକ ରଡି କରୁଛନ୍ତି – ଖାଇଗଲା ... ଖାଇଗଲା ଏ ଷଡଙ୍ଗୀ ଚୋର ସବୁ ଖାଇଗଲା । ଆମେ କହିଦେବୁ .. କହିଦେବୁ ।

ପକ୍ଷୀମାନଙ୍କର କଥାଗୁଡାକ ଅସହ୍ୟ, ଅଭଦ୍ର ଗାଳି ଭଳି ଲାଗୁଥିଲା ଷଡଙ୍ଗୀ ବାବୁଙ୍କୁ । ମନେ ମନେ ଭାବୁଥିଲେ, ଯଦି ଏମାନେ ସବୁ ସତକଥା କହିଦେଲେ ତେବେ କଥା ସରିଲା । ହଁ , ସେ ସତରେ ନୀରିହ ପଶୁଗୁଡାକର ଖାଦ୍ୟ ଖାଇ କିଛି ଠିକ୍ କରି ନାହାଁନ୍ତି । ତାଙ୍କୁ କିଛି ବୁଦ୍ଧି ବାଟ ଦିଶୁନଥିଲା । ସେ ବସାକୁ ଫେରିଲେ । ରାତି ସାଢେ ଚାରିଟା ହେବ । ନିଜ କଥା ଆଉ କିଏ ପଚାରେ । ଷଡଙ୍ଗୀ ବାବୁଙ୍କ କାନରେ ନିର୍ବାକ ପଶୁଗୁଡାଙ୍କର ପ୍ରତିବାଦର ସ୍ୱର ଏବେ ବି ଶୁଭୁଛି । ପ୍ରାୟ କିଛିସମୟ ପରେ ମଧୁ ବାବୁ ଫୋନ୍ କଲେ ଓ କହିଲେ –

ମଧୁବାବୁ – ସାର୍ ! ମୁଁ ସମସ୍ତଙ୍କୁ ବୁଝେଇ ଦେଇଛି କି ସଚିବ ସିନା ଦିନେ ପାଇଁ ଆସିବେ ହେଲେ ଆମେ ତୁମେ ସାଥିରେ ରହିବୁ ନା.. ଆଉ ତୁମ ମାନଙ୍କୁ ଉପଯୁକ୍ତ ଖାଦ୍ୟ ବି ଦିଆଯିବ । ଆଉ ତୁମେ ସଚିବଙ୍କ ଆଗରେ କିଛି କହିବନି । ସେମାନେ ରାଜି ।

ଷଡଙ୍ଗୀ ବାବୁ – ଓହୋ । ଯାହା ହେଉ ତୁମେ ସେଇଠି ଥାଅ ସେମାନଙ୍କ ପାଖରେ...... ।

(ଷଡଙ୍ଗୀ ବାବୁଙ୍କ କଥା ନ ସରୁଣୁ ମଧୁବାବୁ କହିଲେ)

ମଧୁବାବୁ – ହେଲେ ସେ ଯେବ୍ରା କିଛି ମାନୁନି ସାର୍ । ଜିଦ୍ କରି କହୁଛି ସେ ସବୁ କହିଦେବ । ଆପଣ ଟିକେ ବୁଝେଇଲେ କାଳେ ବୁଝିଯିବ । ଅପଣ ଟିକେ ଆସନ୍ତୁ ।

କାଳବିଳମ୍ବ ନ କରି ଷଡଙ୍ଗୀ ବାବୁ ଯେବ୍ରା ଖୁଆଡ ପାଖେ ହାଜର । ମଧୁବାବୁ ସେଠାରେ ଆଗରୁ ଉପସ୍ଥିତ ଥିଲେ । ଷଡଙ୍ଗୀ ବାବୁ କହିଲେ – ଦେଖ ମୁଁ ମାନୁଛି ଆମେ ତୁମ ପ୍ରତି ଅନ୍ୟାୟ କରିଛୁ ହେଲେ ଆଉ ସେମତି ହେବନି । ତୁମକୁ ନିର୍ଦ୍ଧାରିତ ଖାଦ୍ୟସୂଚୀ ହିସାବରେ ଖାଦ୍ୟ ଦିଆଯିବ ।

ଯେବ୍ରା – ସାର୍ ମୁଁ ଆପଣଙ୍କ କଥାରେ ରାଜି ହେଲେ ମୋର ଗୋଟେ ସର୍ତ୍ତ ଅଛି । ଯଦି ଆପଣ.....

ଷଡଙ୍ଗୀ ବାବୁ – ହଁ ..ହଁ .. ନିଶ୍ଚୟ ।

ଯେବ୍ରା – ସାର୍ ! ମୋ ସାଥି ଯେବ୍ରାକୁ ଆପଣ ଯେଉଁ ସେପଟେ ରଖିଛନ୍ତି ତାକୁ ମୋ ପାଖକୁ ଆଣନ୍ତୁ ।

ଷଡଙ୍ଗୀ ବାବୁ – ହସିଦେଇ ହଁ, ହଁ ଏଇ କଥା ତ ! ହେଲା ବୋଲି ଜାଣ ।

ଯେବ୍ରା – ସାର୍ ! ଶୁଣନ୍ତୁ ଆଉ ଆମ ପାଇଁ ଗୋଟେ ଘର କରିବେ । ଏ ମାଙ୍କଡ ଗୁଡା ସବୁବେଳେ ଚାହିଁ ବସିଛନ୍ତି ଆମକୁ କଦଳୀଟା ହେବ । ଆମର ପ୍ରାଇଭେସି ବୋଲି କିଛି ଅଛି ନା ନାହିଁ ।

ଷଡଙ୍ଗୀ ବାବୁ – ହଉ ହେଲା ସଚିବ ଦେଖିକି ଯାନ୍ତୁ ତାପରେ ତୁମ ପାଇଁ ଗୋଟେ ଘର କରିଦେବା ।

ସମସ୍ତେ ରାଜିଥିଲେ କି କେହି କିଛି କହିବେନି । ସଚିବଙ୍କ ଆଗରେ ସମସ୍ତେ ପଶୁ ଭଳି ବ୍ୟବହାର କରିବେ । ଷଡଙ୍ଗୀ ବାବୁଙ୍କର ଚିନ୍ତା ଏଯାଏଁ କମିନି ।

ସକାଳ ହେଲା । ଦିନ ଦଶଟାରେ ସଚିବଙ୍କ ସହ ଟିମ୍ ଆସି ପହଂଚିଲେ ଚିଡିଆଖାନାରେ । ସଚିବଙ୍କୁ ଫୁଲତୋଡା ଦେଇ ସ୍ୱାଗତ କଲେ ଷଡଙ୍ଗୀ ବାବୁ । ସାଜସଜ୍ଜା ଦେଖି ସଚିବ କହିଲେ – ହୁଁ ଷଡଙ୍ଗୀ ବାବୁ ଚିଡିଆଖାନାକୁ ପୁରାପୁରି ସଜେଇ ରଖିଛ ।

ଷଡଙ୍ଗୀ ବାବୁ – ଆଜ୍ଞା ସାର୍ ।

ସଚିବ – ଆଚ୍ଛା ଟିକେ ଚିଡିଆଖାନା ବୁଲିଦେବା ।

ସଚିବଙ୍କୁ ସାଙ୍ଗରେ ନେଇ ଷଡଙ୍ଗୀ ବାବୁ ଓ ସମସ୍ତେ ଚାଲିଲେ ଖୁଆଡ ଆଡେ । ଗୋଟାଏ ପରେ ଗୋଟାଏ ଖୁଆଡ ବୁଲି ଦେଖୁଥାନ୍ତି ସଚିବ ।

ସଚିବ – ଆଚ୍ଛା ଷଡଙ୍ଗୀ ବାବୁ! ଆମ ସରକାରୀ ଖାଦ୍ୟ ସୂଚୀ ହିସାବରେ ପଶୁପକ୍ଷୀ ମାନଙ୍କୁ ଖାଦ୍ୟ ଦିଆହେଉଛି ତ ?

ଷଡଙ୍ଗୀ ବାବୁ – ଆଜ୍ଞା ଆଜ୍ଞା ( ପଶୁମାନଙ୍କୁ ଚାହିଁ) ।

ପଶୁ ମାନେ କିଛି କହୁ ନଥିଲେ । ସଚିବ ଯାଇ ପହଂଚିଲେ ଯେବ୍ରା ଖୁଆଡ ପାଖରେ । ଯେବ୍ରାକୁ ଦେଖି ସଚିବ କହିଲେ

ସଚିବ - ଷଢଙ୍ଗୀ ବାବୁ, ଏ ଯେବ୍ରା କାହିଁକି ଏତେ ଦୁର୍ବଳ ଦେଖା ଯାଉଛି ।

ଷଢଙ୍ଗୀ ବାବୁ- (ଥଙ୍ଗ ଥଙ୍ଗ ହୋଇ) ଦେହ ଖରାପ ହୋଇଯାଇଥିଲା ତ । ଏବେ ସୁସ୍ଥ ହେଉଛି ।

ଏତିକି ବେଳେ ମାଙ୍କଡ ହସି ହସି କହିଲା - ଏଇଟା ଯେବ୍ରା ଭଳି କେଉଁଠି ଦିଶୁଛି ଯେ ? ଗୋଟେ ଗଧକୁ ରଙ୍ଗ ଦେଇ ଠିଆ କଲା ଭଳି ଦେଖା ଯାଉଛି । ହି...ହି...ହି. ।

ସଚିବ ଓ ଅନ୍ୟ ଲୋକ ମାନେ ଚାରିଆଡକୁ ଚାହୁଁଥିଲେ । ଷଢଙ୍ଗୀ ବାବୁ ମୁଣ୍ଡରେ ହାତ ଦେଲେଣି ।

ଯେବ୍ରା କହିଲା - ଉଁ ... ମୋର କଣ ଭୁଲ ଯେ । ମୋତେ ତ ଏମାନେ ଠିକ୍ ଭାବରେ ଖାଇବାକୁ ଦିଅନ୍ତି ନାହିଁ ।

ସଚିବ ଓ ପରିଦର୍ଶନରେ ଆସିଥିବା ଅନ୍ୟ କର୍ମଚାରୀଙ୍କ ହାତ ଗୋଡ ଥରିବାକୁ ଲାଗିଲା ।

ଡରି ଡରି ସଚିବ କାହିଲେ - ଷଢଙ୍ଗୀ ବାବୁ ଷଢଙ୍ଗୀ ବାବୁ ଏକ'ଣ ?

ମଣିଷ ସ୍ୱରରେ କମ୍ପିଉଠୁଥିଲା ଚିଡିଆଖାନା । ହେଲେ ମଣିଷମାନେ କଥା ହେଉ ନଥିଲେ । ମଣିଷ ଭଳି ଗର୍ଜନ କରୁଥିଲେ ଚିଡିଆଖାନାର ପଶୁପକ୍ଷୀ ମାନେ । ପକ୍ଷୀମାନେ କିଚିରିମିଚିରି ଛାଡି ଖାଇଗଲେ ଖାଇଗଲେ ବୋଲି ରାହା ଧରିଥିଲେ । ମଧୁବାବୁ ଓ ଅନ୍ୟାନ୍ୟ ଚିଡିଆଖାନାର କର୍ମଚାରୀ ସେମାନଙ୍କୁ ବୁଝେଇବାରେ ବ୍ୟସ୍ତ । ଗଲା ପ୍ରମୋସନ ଆଉ କଣ ହେବ, ଦେଖ ଚାକିରୀ ରହୁଛି କି ନାଇଁ । ଏମିତି ଦୁଶ୍ଚିନ୍ତାର ଝଡ ମାଡି ଆସୁଥିଲା ଷଢଙ୍ଗୀ ବାବୁଙ୍କୁ ।

ଫୋନ୍ ରିଙ୍ଗ୍‌ରେ ନିଦ ଭାଙ୍ଗିଲା । ଆଖିଖୋଲି ଦେଖିଲେ ମୁଣ୍ଡ ଉପରେ ଫ୍ୟାନ୍‌ଟା ଘାଇଁଘାଇଁ ହୋଇ ବୁଲି ଚାଲିଛି । ଖଟ ଉପରୁ ଉଠି ବସିପଡିଲେ ଷଢଙ୍ଗୀ ବାବୁ । ଓହୋ ! ମୁଁ କଣ ସ୍ୱପ୍ନ ଦେଖୁଥିଲି । ଝରକା ଖୋଲି ଦେଖିଲେ ପଶୁମାନଙ୍କ ଖୁଆଡ ଆଡକୁ । ସୂର୍ଯ୍ୟଙ୍କର କିରଣ ସହ ବାଲିରେ ଗଡି ଯାଉଥିଲା ଭାଲୁଟି । ସୂର୍ଯ୍ୟ ଏବେ ଏବେ ଉଇଁଥିଲେ ବୋଧେ । ମୋବାଇଲ୍‌ରେ ସମୟ ଛଅଟା ତେର । ମଧୁବାବୁଙ୍କୁ ଫୋନ୍ କଲେ ଷଢଙ୍ଗୀ ବାବୁ ।

ଷଢଙ୍ଗୀ ବାବୁ - ମଧୁବାବୁ, ଆଜିଠୁ ପଶୁପକ୍ଷୀ ମାନଙ୍କୁ ଠିକ୍‌ରେ ସରକାରୀ ଖାଦ୍ୟସୂଚୀ ହିସାବରେ ଖାଦ୍ୟ ଦେବ ।

ମଧୁବାବୁ - ଆଜ୍ଞା... ଆଜ୍ଞା....ଆଜି ଦେଇ ଦେବି ।

ଷଢଙ୍ଗୀ ବାବୁ - ନା ଆଜି ନୁହେଁ । ସଚିବ ଗଲା ପରେ ମଧ୍ୟ, ପଶୁପକ୍ଷୀ ମାନଙ୍କୁ ସବୁଦିନ ଠିକ୍‌ରେ ସରକାରୀ ନିୟମ ହିସାବରେ ଖାଦ୍ୟ ଓ ଭରଣପୋଷଣ କରାଯିବ ।

ମଧୁବାବୁ - ହେଲେ ... ।

ଷଢଙ୍ଗୀ ବାବୁ - ମୁଁ କିଛି ଜାଣିନି । ଆଉ ମୁଁ ଯଦି ଜାଣେ କି ତୁମେ ଅବହେଳା କରୁଛ ତେବେ ତୁମ ଉପରେ ଦୃଢ ଆକ୍ସନ୍ ମୁଁ ନେବି ।

ସେପଟେ ମଧୁବାବୁ ଭାବୁଥିଲେ, ହଠାତ୍ ଷଢଙ୍ଗୀ ବାବୁଙ୍କର କ'ଣ ହେଲା । ଗୋଟେ ରାତିରେ କ'ଣ ଘଟିଲା କି ସେ ପଶୁମାନଙ୍କ ପାଇଁ ଏତେ ଯତ୍ନବାନ ହୋଇବସିଲେ । କିନ୍ତୁ ଷଢଙ୍ଗୀ ବାବୁ ଭାବୁଥିଲେ, ସେ ଏ ନୀରିହ, ନିର୍ବାକ ପଶୁମାନଙ୍କ ଉପରେ ବହୁତ ଅନ୍ୟାୟ ହେଇଯାଇଛି । ଯଦି ସେମାନେ ସତରେ କଥା କହିବସନ୍ତି ? ତେବେ... ନା ସେ ଆଉ ଏମିତି ଅନ୍ୟାୟ କରିବେନି କି କରିବାକୁ ଦେବେନି । କାରଣ ସେ ଶୁଣିଛନ୍ତି ପାହାନ୍ତିଆ ସ୍ୱପ୍ନ କୁଆଡେ ସତ ହୁଏ ।


ରତନପୁର ଶାସନ, କୁହୁଡି

ଖୋର୍ଦ୍ଧା - ୭୫୨୦୨୭

ଫୋନ୍ - ୭୦୦୮୬୫୮୭୭୦

# ମା'ର ମମତା

ସ୍ମୃତି ସନ୍ଧ୍ୟା ମିଶ୍ର

ଗୋଟିଏ ଗ୍ରାମର ନାମ ନିରାନନ୍ଦପୁର । ସେହି ଗ୍ରାମରେ ଏକ ମାଆ ତା' ପୁଅକୁ ନେଇ ବାସ କରୁଥିଲା । ସେହି ମାଆର ଗୋଟିଏ ଆଖି ନଥିଲା । ଦିନକର କଥା ପୁଅଟି ସ୍କୁଲରେ ଥିବାବେଳେ ମା' ତା ସ୍କୁଲକୁ ଯାଇଥିଲା । ସେଠାରେ ପୁଅର ମାଆକୁ ଦେଖି ସମସ୍ତ ପିଲା ତା ପୁଅକୁ ଏକ ଆଖିଆ ଏକ ଆଖିଆ ମା' ବୋଲି ଚିଡ଼ାଇଥିଲେ । ପୁଅକୁ ଏହା ବହୁତ ଖରାପ ଲାଗିଥିଲା । ସେ ଘରକୁ ଫେରି ତା' ମାଆକୁ କହିଲା ଯେ ତୁ କାହିଁ ମୋ ସ୍କୁଲକୁ ଯାଇଥିଲୁ । ମତେ ସମସ୍ତ ପିଲା ଏକ ଆଖିଆ ଏକ ଆଖିଆ ମାଆ ବୋଲି ଚିଡ଼ାଇଥିଲେ । ମତେ କେତେ ଖରାପ ଲାଗିଲା ତୁ ଜାଣିଛୁ । ମାଆ ଆଉ କିଛି ପୁଅକୁ ନକହି କବାଟ ପାଖରେ ଲୁଚି ଲୁଚି କାନ୍ଦିଲା । ତା'ପରେ ଧିରେ ଧିରେ ପୁଅ ବଡ଼ହେଲା ଓ ମାଆକୁ ଛାଡ଼ି ରହିଲା । ତା'ପରେ ପୁଅ ବଡ଼ ଚାକିରୀ ପାଇଲା ଓ ବାହାହେଇ ଘର ସଂସାର କଲା । ପୁଅର ଦିନେ ହେଲେ ବି ମାଆ କଥା ମନେ ପଡ଼ିଲାନାହିଁ । ଦିନେ ମାଆ ପୁଅକୁ ଖୋଜି ଖୋଜି ପୁଅର ଘର ପାଖରେ ପହଞ୍ଚିଲା । ପୁଅ ସେଠାରେ ମାଆକୁ ଦେଖି ବହୁତ ରାଗିଗଲା ଓ କହିଲା ଯେ ତୁ ତ ମତେ ଘରେ ଶାନ୍ତିରେ ରଖେଇ ଦେଲୁନି ପୁଣି ଏଠିକି ଚାଲିଆସିଲୁ । ଏହା ଶୁଣି ମା' ବହୁତ ଦୁଃଖରେ ଫେରିଆସିଲା । ଦିନକର ଘଟଣା ପୁଅର ସାଙ୍ଗମାନେ ମିଶି ଏକ ଭୋଜିର ଆୟୋଜନ କରିଥିଲେ । ଭୋଜି ଭାତ ସରିଲା ପୁଅ ଫେରିବା ବେଳକୁ ସାଙ୍ଗମାନେ କହିଲେ ଯେ ତୁ ତୋ ଘରକୁ ଟିକେ ଯିବୁନି । ସାଙ୍ଗମାନଙ୍କ କଥା ଶୁଣି ସେ କହିଲା ଯେ ହଉ ଚାଲ । ଘରକୁ ଯାଇ ଦେଖେ ମାଆ ଗୋଟିଏ କଡ଼କୁ ଲେଉଟି ପଡ଼ିଛି । ପୁଅ ମା' କୁ ଡାକିଲା ଓ ମାଆ କିଛି ଶୁଣିଲା ନାହିଁ । ଦେଖିଲାବେଳକୁ ମାଆ ମରିଯାଇଛି ଓ ମାଆ ହାତରେ ଚିଠି ଧରିଛି । ସେହି ଚିଠିଟି କାଢ଼ି ପଢ଼ିଲା ବେଳକୁ ତା' ଆଖିରୁ ଲୁହର ଧାରା ବାହାରି ଆସୁଥିଲା । ସେହି ଚିଠିରେ ଲେଖାଥିଲା ଯେ ତୁ ସିନା ଆଜିପର୍ଯ୍ୟନ୍ତ ମୋର ମମତା ବୁଝିପାରିଲୁନି କିନ୍ତୁ ମୁଁ ତ ମାଆ ପିଲାମାନେ ଯେତେ ଦୁଷ୍ଟ ହେଲେ ମଧ୍ୟ ମାଆ ତାକୁ କ୍ଷମା କରିଦିଏ । ତୁ ସବୁବେଳେ ପଚାରୁଥିଲୁ ନା ମୋର ଗୋଟିଏ ଆଖି କ'ଣ ପାଇଁ । ତୁ ଛୋଟ ହୋଇଥିଲୁ ତୋର ଏକ ଆକ୍ସିଡେଣ୍ଟରେ ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା । ମୁଁ ମାଆ ହେଇ କେମିତି ଚାହିଁଥାନ୍ତି ଯେ ମୋର ଗୋଟିଏ ଆଖିରେ ଦୁନିଆ ଦେଖୁ । ତେଣୁ ମୁଁ ମୋର ଗୋଟିଏ ଆଖି ତତେ ଦେଇ ଦେଇଥିଲି । ଭାରି ଇଚ୍ଛା ଥିଲା ତତେ ଶେଷ ସମୟରେ ଟିକେ ଦେଖିଥାନ୍ତି ହେଲେ ସେ ଇଚ୍ଛା ଅଧାରେ ରହିଗଲା । ସେତେବେଳକୁ ସବୁ ସରି ଯାଇଥିଲା । ପୁଅ ବହୁତ କାନ୍ଦିଥିଲା । ହେଲେ ତା' ଲୁହ ପୋଛିଦେବାକୁ କେହି ନଥିଲେ । ତେଣୁ କୁହାଯାଇଛି -

"ଜନନୀ ଜନ୍ମଭୂମିଷ୍ଚ
ସ୍ୱର୍ଗାଦପି ଗରୀୟସୀ ।"

ତେଣୁ ମାଆ ଯେତେ ଖରାପ ହେଉ ବା ଭଲ ସେ ତା' ସନ୍ତାନ ପାଇଁ ମା । ତେଣୁ ମାଆକୁ ସବୁବେଳେ ଭକ୍ତି କରିବା ଓ ମାଆ ସ୍ୱର୍ଗଠାରୁ ମଧ୍ୟ ବଡ଼ ମାଆର ସ୍ନେହ ଅତୁଳନୀୟ ।

ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ସାକ୍ଷିଗୋପାଳ ।

# ଈଶ୍ୱରଙ୍କ ନିର୍ଦ୍ଦେଶ

ଗୀତାଞ୍ଜଳି ନାୟକ

ଗୌରହରି ବାବୁ ଚାକିରିରୁ ଅବସର ନେଇ ନିଜ ଗାଁରେ ଶେଷ ଜୀବନ ବିତାଇବାକୁ ମନ ସ୍ଥିର କଲେ । ଚାକିରି ପାଇଁ କେବଳ ବାହାରେ ରହି ଆସୁଥିଲେ । କିନ୍ତୁ ମନ ସବୁବେଳେ ଗାଁ ମାଟି, ପାଣି, ପବନକୁ ମନେ ମନେ ଝୁରି ହେଉଥିଲେ । ତେଣୁ ତାଙ୍କ ସ୍ତ୍ରୀ ଜୀବନର ସହଯାତ୍ରୀଣୀ ସୁଖ ଦୁଃଖର ସାଥି । ସେ ମଧ୍ୟ ଗୌରହରି ବାବୁଙ୍କ ମନ ସହିତ ସଦାସର୍ବଦା ସହଯୋଗ କରି ଆସିଛନ୍ତି । ଗୋଟିଏ ବୋଲି ପୁଅ । ତାକୁ ଯୋଗ୍ୟ କରିଛନ୍ତି ।  ବାହାଘର କରି ନାତିଟିଏ ମଧ୍ୟ । ପୁଅ ଦିଲ୍ଲୀରେ ରୁହେ । ଏମସ୍‌ରେ ଡାକ୍ତର ଅଛି । ଝିଅଟି କଲେଜରେ ଅଧ୍ୟାପକ । ଜ୍ୱାଇଁ ମଧ୍ୟ ଅଧ୍ୟାପକ । ଝିଅର ପୁଅଝିଅ ଦୁଇଟି, ପୁଅ, ଝିଅ ଦୁହେଁ ତାଙ୍କର ପୂର୍ଣ୍ଣ ପରିବାରକୁ ନେଇ ଭାରି ଖୁସି । ଦୁଇ ପିଲାଙ୍କର ଜଞ୍ଜାଳ ବୋଲି କିଛି ନାହିଁ । ପେନ୍‌ସନ୍‌ରେ ବେଶ ଖୁସିରେ ଥାଆନ୍ତି । ଗାଁର ଯାନିଯାତ୍ରା ସବୁ ପର୍ବପର୍ବାଣୀ ମନ୍ଦିର କାମ ସବୁଥିରେ ସହଯୋଗ କରନ୍ତି । ହଳିଆ ମୂଲିଆଙ୍କ କେବେ ନିଜ ପୁଅଠାରୁ କମ୍‌ରେ ଦେଖନ୍ତିନି । ବାରିଟିକୁ ବିଭିନ୍ନ ଫୁଲରେ ସଜେଇ ରଖିଥାନ୍ତି । ତୋଟାରେ ବିଭିନ୍ନ ଜାତିର ଫଳ, ପୋଖରିରେ ମାଛ । ସକାଳ ହେବାମାତ୍ରେ ସବୁଆଡ଼େ ଟିକେ ବୁଲି ଆସନ୍ତି । ନିତ୍ୟକର୍ମ ସାରିଦେଇ ବିଲ ଆଡ଼େ ଯାଆନ୍ତି । ସେମାନଙ୍କ ସାଙ୍ଗେ କଥା ଆଦାନ ପ୍ରଦାନରେ ସନ୍ଧ୍ୟା ହୋଇଯାଏ । ଗୋଡ଼ ହାତ ଧୋଇ ଭାଗବତ ଟୁଙ୍ଗିକୁ ଧାଇଁ ଯାଆନ୍ତି । ସମସ୍ତେ ଭାଗବତ ଦି'ପଦ ଗୌରହରିଙ୍କ ସୁଲଳିତ କଣ୍ଠରୁ ଶୁଣିବାକୁ ଚାତକ ପରି ଚାହିଁଥାନ୍ତି । ବୁଢ଼ା, ବୁଢ଼ୀଙ୍କର ସବୁ ଅପେକ୍ଷାର ଅନ୍ତ ହୁଏ । ଯେତେବେଳେ ଗୌରହରି ବାବୁ ଆସି ଯାଆନ୍ତି । ଘରକୁ ଫେରି ତାଙ୍କ ପତ୍ନୀ ବୀଣାଙ୍କ ପାଖରେ ଦିନଯାକର କଥା କହି ଚାଲନ୍ତି । କେତବେଳେ ସେଇ ଗପରେ ଗପରେ ଦୁଇଜଣଙ୍କ ଖାଇବା ସରିଯାଏ । ବିଛଣାକୁ ଆସି ଦୁଇଜଣ ପୁଅ ଝିଅ ନାତି, ନାତୁଣିଙ୍କ ସାଙ୍ଗରେ ଫୋନ୍‌ରେ କଥା ହେଉ ହେଉ ନିଦ ଆସିଯାଏ । ବୀଣା ଦେବୀ ପାଦ ଘସୁଘସୁ ନିଘୋଡ଼ ନିଦରେ ଶୋଇଯାଆନ୍ତି । ଦିନଟା ଯାକର ଥକ୍କା ତାଙ୍କର ମେଣ୍ଟିଯାଏ । ଏମିତି ସବୁଦିନ ତାଙ୍କର ଭଲରେ କଟିଯାଏ । ହେଲେ ସୁଖ, ଦୁଃଖ ସଂସାର । ସୁଖ ପରେ ଦୁଃଖ ତ ଅଛି ନାଁ । ହଠାତ୍ ଦିନେ ନିତ୍ୟକର୍ମ ସାରି ଠାକୁର ଘରକୁ ଗଲେ । ଶିଘ୍ର ଟିକେ ଗଲେ ନଡ଼ିଆ ପରାଳି ଆସିଯିବେ ନଡ଼ିଆ ପାରିବାକୁ । ଜଳଖିଆ ବାଢ଼ିକି ପତ୍ନୀ ତାଙ୍କର ବସିଥାନ୍ତି । ଠାକୁରଘରୁ ଗୌରହରିଙ୍କର ପାଟି ଶୁଭିଲା । ବୀଣା ଦେବୀ ଦୌଡ଼ି ଯାଇ ଦେଖିଲେ ପାଟି ଅସ୍ପଷ୍ଟ ଶୁଭୁଥାଏ । ପାଣି ଟିକେ ପାଇଁ ଧାଇଁଗଲେ । ଆସିଲାବେଳକୁ ଗୌରହରିଙ୍କର ଚେତା ନାହିଁ । ମୋହନ ଓ ସଦାନନ୍ଦଙ୍କୁ ବୀଣା ପାଟି କରି ଡାକିଲେ । ସେମାନେ ଡାକ୍ତରଖାନା ନେଇଗଲେ । ପୁଅ ଶୁଭମ୍ ପାଖକୁ ଫୋନ୍ କଲେ । ବାପାଙ୍କ ଦେହ ଖରାପ ଅଛି ଶୀଘ୍ର ଆସେ । ପୁଅ ଶୁଣିବା ମାତ୍ରେ ସବୁ କାମକୁ ପଛରେ ପକେଇଦେଇ ପ୍ଲାଇଟରେ ଆସି ପହଞ୍ଚିଲେ । ଭୁବନେଶ୍ୱରରୁ ଗାଁ ଅଭିମୁଖେ ବାହାରି ପଡ଼ିଲେ । ଗାଡ଼ି ଚାଲୁଥାଏ ।

ଡ୍ରାଇଭରକୁ ବାରମ୍ବାର ଶୁଭମ୍ କହୁଥାନ୍ତି ଟିକେ ଶୀଘ୍ର ଚଲାଅ ବାବୁ, ତା ଭିତରେ ଫୋନ୍ କରି ବାରମ୍ବାର ବାପାଙ୍କ ସ୍ୱାସ୍ଥ୍ୟକଥା ବୁଝୁଥାନ୍ତି । ଡାକ୍ତର କହୁଥାନ୍ତି ଆମ ହାତରେ ସେମିତି ତାଙ୍କ ପାଇଁ କିଛି ଉପାୟ ନାହିଁ । ବରଂ ଆପଣ ଆସିଲେ ଆମେ ମିଶି ଯାହା ଉପାୟ ବାହାର କରିବା । ବାପାଙ୍କ କଥା ଭାବି ଭାବି ମନ ଅସ୍ଥିର ଲାଗୁଥାଏ । ଯେତେ କହିଲି ବୟସ ହେଲାଣି ମୋ ପାଖରେ ଦିଲ୍ଲୀରେ ରୁହ । କଥା ଜମା ଶୁଣିବେନି କହିବେ ଦିଲ୍ଲୀକି କ'ଣ ମୃତ୍ୟୁ ଯାଇ ପାରିବନି ନା ଦିଲ୍ଲୀରେ କେହି ମରନ୍ତିନି, ସେହି ଭାଗବତ ବାଣୀ ଶୁଣେଇ ଦେବେ କହିବେ-

ଦଣ୍ଡେ ନିମିଶେ ଥିଲେ ପ୍ରାଣ
ନେଇ ନପାରେ ଜନ୍ତୁରାଣ ।

ତେଣୁ ତୁ ଭୟ କାହିଁକି ମିଛଟାରେ କରୁଛୁ । ହଠାତ୍ ମୋ ଭାବନାରେ ପୂର୍ଣ୍ଣଛେଦ ପକାଇ ଦେଖିଲା ବେଳକୁ ରାସ୍ତାଟି ଲାଲ ରଙ୍ଗରେ ଧୋଇଲା ଭଳି ଦେଖାଯାଉଥାଏ । କ'ଣ ବୋଧେ ଆକ୍ସିଡେଣ୍ଟ କିମ୍ବା ହଣାକଟା ହେଇଛି । ଆଉ ବୁଝିବାକୁ ସମୟ ମଧ୍ୟ ମୋ ପାଖରେ ନଥାଏ । ରାସ୍ତା ଅବରୋଧ, କାହାକୁ ଛାଡୁନାହାନ୍ତି । ଏହା ତ ଏକ ନିତିଦିନିଆ ସାଧାରଣ କଥା କହିଲେ ଅତ୍ୟୁକ୍ତି ହେବନି । ଗୋଟିଏ ଅଘଟଣ ପାଇଁ କାହାର ଯେ ସେହି ସମୟଟି କେତେ ମୂଲ୍ୟବାନ ଏ ମୂଲ୍ୟହୀନ ମଣିଷ କୋଉଠୁ ବୁଝୁଛି । ଡ୍ରାଇଭର କହିଲା ବାବୁ ଗୋଟିଏ ଗଳି ରାସ୍ତା ଅଛି ଅପେକ୍ଷା ନ କରି ସେହି ଜଙ୍ଗଲିଆ ରାସ୍ତାରେ ଆମେ ଯିବା କି ? ମୁଁ କହିଲି ପଚାରୁଛ କ'ଣ ଶିଘ୍ର ଚାଲ । ମତେ ଟିକେ ପହଞ୍ଚେଇ ଦିଅ । ପଚାରି ପଚାରି ଜଙ୍ଗଲ ଘାଟିରାସ୍ତା । ପାହାଡ଼ ଦୁଇ ପଟେ ଗାଁ କୁ ସେମିତି ବିଜୁଳି ଆଲୁଅ ନାହିଁ । ଗାଁ ଲୋକ ସେମିତି

ବଣ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି । ପାଣି ପାଇଁ କାହିଁ ଝରଣା ଖୋଜି, ଖୋଜି ପାଣି ମୁନ୍ଦେ ଧରି ଆସୁଛନ୍ତି । ଭାଷା ଏତେ ସ୍ପଷ୍ଟ ନୁହେଁ । ସ୍କୁଲ ଡାକ୍ତରଖାନା କଥା ଛାଡ଼ ସେଇ କେନ୍ଦୁ, ମହୁଲ ଖାଇ ପାଣି ପିଇ ଯାଉଛନ୍ତି ପିଲାଗୁଡ଼ିକ । ଗୋଟେ ଗୋଟେ ପିଲାଙ୍କର ପିଞ୍ଜରା ଗଣି ହେଇ ଯାଉଛି । ସରକାରଙ୍କର ସବୁ ସାହାଯ୍ୟ ସହାନୁଭୂତିରୁ ଏମାନେ ପୁରା ବଞ୍ଚିତ । କୌଣସି ବ୍ୟବସ୍ଥା ଏମାନଙ୍କ ପାଖରେ ପହଞ୍ଚି ପାରୁନି । ସେଇ ମାଟିଘର ଆଉ ଉପରେ ତାଳପତ୍ର ଛପର ବେଶି ହେଲେ କାହାର କାହାର ଖପର ପଡ଼ିଛି । ଏମିତି ପଶୁ ଆଦିମ ମାନବ ଭଳି ବଞ୍ଚିବା ସତରେ ମୁଁ କେବେ ଦେଖିନଥିଲି । ପଶୁଙ୍କ ସାଙ୍ଗରେ ପଶୁହୋଇ ବଞ୍ଚିବା ସତରେ କେତେ କଷ୍ଟ । ଗମନା ଗମନର ସୁବିଧା କିଛି ନାହିଁ । ଗାଡ଼ି କି ବସ୍ କିଛିବି ଚାଲୁନି । ଖାଲି ଯାହା ଖଣି ଖଦାନରୁ ଟ୍ରକରେ ଖଣିଜ ଦ୍ରବ୍ୟ ଯିବା ଆସିବା ହେଉଛି । ହଠାତ୍ ବହୁତ ଭିତରକୁ ଆମେ ଆସିଲୁଣି ଭାରି । ସାମନାରେ ରାସ୍ତାଟି ୩ଟି ଆଡ଼କୁ ଭାଗ ହେଇଯାଉଛି । କୋଉ ରାସ୍ତା ଦେଇ ଗଲେ ଆମେ ମୁଖ୍ୟରାସ୍ତା ଧରିବୁ । ସେଇଠି ଥିବା କୁଡ଼ିଆ ଘରଟିକୁ ଯାଇ ଡାକିଲୁ । ନ ଶୁଣିବାରୁ ଟିକେ ମୁହଁ ଗଳେଇ ଦେଖିଲୁ । ବୁଢ଼ୀଟିଏ କୃଷ୍ଣଙ୍କର ଫଟଟି ପାଖରେ ବସି ସେମିତି ଲୁହ ଗଡ଼େଇ କାନ୍ଦି ଚାଲିଛି । ପ୍ରଭୁ ତୁମେ କେବେ ମୋ ଡାକ ଶୁଣିବ । ବୁଢ଼ୀକି ଏ ଅବସ୍ଥାରେ ତା'ର ଏକାଗ୍ରତା ନଷ୍ଟ କରିବା ଠିକ୍ ହେବନି ଭାବି ଆସୁଲୁ ଭାରି । ଆସିଲାବେଳକୁ ହଠାତ୍ ବିଲେଇଟି ରୋଷେଇଘରୁ କ'ଣ ଗୋଟେ ଦାଲୁକିନା ପକେଇ ଦେଲା । ବୁଢ଼ୀ କହିଲା ଗଲା ମୋ ନାତିର ଦିନକର ଖାଇବା ଗଲା । ସିଏ ଖାଇବ କ'ଣ ? ବିଲେଇକୁ ଗୋଡ଼େଇଲା ବେଳକୁ ଆମକୁ ଦେଖି ପଚାରିଲା ତୁମେ କିଏ ? ଆମେ ଆମ ସମସ୍ୟା କଥା କହିଲୁ । ବୁଢ଼ୀଟି ଘର ବାହାରକୁ ଆସି ରାସ୍ତା ଦେଖେଇଦେଲା । ମୁଁ ପଚାରିଲି ଆଚ୍ଛା ତୁମେ ଏମିତି ବିକଳରେ ପ୍ରଭୁଙ୍କୁ କ'ଣ ମାଗୁଥିଲ ? ବୁଢ଼ୀ କହିଲା ମୁଁ ଆଜିକୁ ୫ ବର୍ଷ ହେବ ଏମିତି ମାଗି ଚାଲିଛି । ହେଲେ ଠାକୁର କେବେ ଡାକ ଶୁଣିବେ ଜାଣିନି । ମୁଁ କହିଲି କ'ଣ ହେଇଛି କୁହ । ମୋର ଗୋଟିଏ ନାତି ଅଛି । ତା'ର ପ୍ରବଳ ଦେହ ଖରାପ ତାର ବାପା ମା' ଏଇ ଖଣିରେ କାମ କରୁଥିଲେ । ହଠାତ୍ ଖଣି ଭୁଷୁଡ଼ି ପଡ଼ିଲା ଦୁଇଜଣଙ୍କର ଶବ ବହୁଦିନପରେ ମିଳିଲା । ଏଇ ପିଲାଟିର କ'ଣ ଯୋଗ ହେଲା କେଜାଣି ତା'ରି ପାଇଁ ସବୁବେଳେ ଠାକୁରଙ୍କୁ ଡାକେ । ଜଣେ ବଡ଼ ଡାକ୍ତର ଦିଲ୍ଲୀରେ ଅଛନ୍ତି । ସବୁ ବାବୁମାନେ କହନ୍ତି ସେଇଠିକି ନେଲେ ଭଲ ହେଇଯିବ । ହେଲେ ମୋର ଏସବୁ ସମ୍ବଳ ନାହିଁ । ତେଣୁ ସେହି ଡାକ୍ତର ଶୁଭମଙ୍କୁ କେମିତି ମୋ ନାତିକି ଦେଖେଇବି ତାରି ପାଇଁ ଦିନ ରାତି ଠାକୁରଙ୍କୁ ଡାକିବା ଛଡ଼ା ମୋ ପାଖରେ କିଛି ଉପାୟ ନାହିଁ । ମୁଁ ଜାଣିଛି ଏହା କେବେବି ସମ୍ଭବ ନୁହେଁ । ହେଲେ ମୁଁ ନିଷ୍ପତି ନେଇଛି ମୋର ବିଶ୍ୱାସ ଏବଂ ଲୁହ ମୋ ଶରୀରରେ ଥିବା ପର୍ଯ୍ୟନ୍ତ ମୁଁ ଡାକୁଥିବି ଆଉ ମୋ କୂଳ ପ୍ରଦୀପକୁ ଲିଭିବାକୁ ଦେବିନି । ମୁଁ ଏମିତି ଡାକି ଡାକି ଦୁନିଆ ଛାଡ଼ି ଚାଲିଯିବି ପଛେ ପୁଅ ବୋହୂଙ୍କ ମୃତ୍ୟୁ ପରେ ମୋର ଆଉ ଧୈର୍ଯ୍ୟ ନାହିଁ ମୋ ନାତିର ମୃତ୍ୟୁ ଦେଖିବାକୁ । ବୁଢ଼ୀଟିର କୋହ ଉଠି ଆସୁଥାଏ । ସେତିକିବେଳେ ଘରୁ ମୋହନର ଫୋନ୍ ଆସିଲା । ସେ କହିଲା କାନ୍ଦି କାନ୍ଦି ସାନବାବୁ ସବୁ ସରିଗଲା । ଆମ ସମସ୍ତଙ୍କୁ ଛାଡ଼ି ଦେଇ ବଡ଼ ବାବୁ ଚାଲିଗଲେ । ମୁଁ ହତବାକ୍ୟ ହେଇଗଲି । ମନକୁ ଦମ୍ଭ ଆଉ ସ୍ଥିର କଲି । ବୋଧେ ଈଶ୍ୱର ଆଜି ଏ ବୁଢ଼ୀର ଡାକ ଶୁଣିଛନ୍ତି । ଆଉ ମୋର ଜଙ୍ଗଲ ଦେଇ ଆସିବାରେ ଈଶ୍ୱରଙ୍କର ହିଁ ନିର୍ଦ୍ଦେଶ ଅଛି । ତେଣୁ ମୁଁ କହିଲି ମା' ଚାଲ ତୁମ ଡାକ ଭଗବାନ ଶୁଣିଛନ୍ତି । ମୁଁ ସେଇ ଡାକ୍ତର । ଛୁଆଟିକୁ ଦେଖିଲି । ଡେରି କଲେ ବୋଧେ ଠିକ୍ ହେବନି । ବାପାଙ୍କ ପାଇଁ ତ ବହୁତ ଲୋକ ଅଛନ୍ତି । ବାପା ତ ମରିଗଲେଣି । ଯିଏ ବଞ୍ଚିବାକୁ ଚାହୁଁଛି ତାକୁ ମାରିଦେଇ ମଲାଲୋକଙ୍କର ଆଉ କ'ଣ ବା କରିପାରିବି ? ତେଣୁ ଡ୍ରାଇଭରକୁ କହିଲି ଗାଡ଼ି ବୁଲା । ଭୁବନେଶ୍ୱର ଫେରିଯିବା ସାଙ୍ଗେ ସାଙ୍ଗେ ଫ୍ଲାଇଟ ଟିକେଟ ବୁକ୍ କଲି । ବିଶ୍ୱକର୍ତ୍ତା ଯିଏ ପ୍ରକୃତ ସମସ୍ତ ସମ୍ଭାର ସହିତ ସୃଷ୍ଟି ରଚନା କରିଛନ୍ତି । ମୋ ଚିନ୍ତା ଆଗରେ ଈଶ୍ୱରଙ୍କ ନିର୍ଦ୍ଦେଶକୁ ମୁଁ ମାନିନେଲି । ତାଙ୍କର ବିଚକ୍ଷଣ ତୂଳୀରେ ତାଙ୍କର ସୃଷ୍ଟି ପରିପୂର୍ଣ୍ଣ । ଏହି ଆବଶ୍ୟକତାକୁ ପୂରଣ କରିବାକୁ ମୋତେ ବୋଧେ ଅତି ସୂକ୍ଷ୍ମ ମନଟିଏ ଦେଇଛନ୍ତି । ଏହି ସବୁ ପରୀକ୍ଷା ପାଇଁ ବୋଧେ ସେ ମୋ ଅନ୍ତରାତ୍ମାକୁ ଏମିତି ତିଆରି କରିଛନ୍ତି । ବୁଢ଼ୀ ମାଉସୀ ଏବଂ ତା' ନାତିକି ଧରି ଭୁବନେଶ୍ୱର ବାହାରିଲି । ବାପାଙ୍କ ଉଦ୍ଦେଶ୍ୟରେ ମନ ଭିତରର ସବୁ ଦୁଃଖକୁ ଚାପି ପ୍ରଣାମଟିଏ କଲି । ମୋହନକୁ ଫୋନ୍ ଲଗେଇଲି । ମୋ ବୋଉର ଭୋ, ଭୋ କାନ୍ଦଣା ମୋ ହୃଦୟଟାକୁ ଚୋଟ ମାରିବା ପରି ଲାଗୁଥାଏ । ଭଉଣୀର ବିକଳ ରଡ଼ି କାନ ଦିଇଟାକୁ ସ୍ତବ୍ଧ କରି ଦେଉଥାଏ । ମୋହନକୁ କ'ଣ କହିବି ଫୋନରେ ମୋ ପାଟି ଥରି ଉଠୁଥାଏ । ବହୁତ କଷ୍ଟରେ କହିଲି ମାଉସିକି ଟିକେ ଫୋନ ଦେ । ମୋ ମାଉସୀ ବହୁତ ଭଲ ସେ ବୋଉକୁ ମୋର ସବୁ ସମସ୍ୟା ବୁଝାଇ ସମାଧାନ କରିପାରିବ । ଏ ସବୁରେ ଧୈର୍ଯ୍ୟର ତା ପାଖରେ ଅଭାବ ନାହିଁ । ମାଉସୀ କି ସବୁ କହିଲାପରେ ସେ କହିଲେ, ତୁ ଚିନ୍ତା କରନା ତୋ ବାପା ଯଦି ଆଜି ତୋର ଏଇ କାମ ଦେଖିଥାଆନ୍ତେ ସେ କେତେ ଖୁସିରେ ଗର୍ବ କରି କହିଥାନ୍ତେ ମୋ ପୁଅ ପରି ପୁଅ ନାହିଁ । ମୋ ପୁଅର ଚିନ୍ତାଧାରାକୁ

ସଲାମ କରିଥାନ୍ତେ । ତେଣୁ ସେଇ ପିଲାଟିକୁ ଭଲ କରିବା ଭାଇଙ୍କ ପାଇଁ ହେବ ସବୁଠୁ ବଡ଼ ଶ୍ରଦ୍ଧାଞ୍ଜଳି । ତୁ ଜମା ବ୍ୟସ୍ତ ହଅନି ଈଶ୍ୱରଙ୍କ ନିର୍ଦ୍ଦେଶ ଆଗରେ ଆମେ ଛାର ମାନବ କ'ଣ ବା କରି ପାରିବ । ତୋ ଭଲକାମ ପାଇଁ ନାନି ବି ମୋର ଖୁସି ହେବ । ପିଲାଟିକୁ ସୁସ୍ଥ କରି ତା ବୁଢ଼ୀମା କୋଳକୁ ଟେକି ଦେଇ ଘରକୁ ଆସିବୁ । ମାଉସୀର ଏ ସାହାସିକତା କଥା ପଦକ ମୋ ମନରେ ଦମ୍ଭ ଆଣିଦେଲା । ମୋ ମୁଣ୍ଡ ଟିକେ ଚିନ୍ତାମୁକ୍ତ ହେଲା । ମୋ କର୍ତ୍ତବ୍ୟରେ ମୁଁ ଚାଲିଲି । ଶେଷରେ ବୁଢ଼ୀ ମାଉସୀର ନାତିକି ପ୍ରାଣପଣେ ଚେଷ୍ଟା କରି ଭଲ କରିଦେଲି । ହେଲେ ଭଲ ହେବାକୁ ପାୟ ମାସେ ଲାଗିଗଲା । ଶେଷରେ ମୋ ଚେଷ୍ଟା ସଫଳ ହେଲା । ବୁଢ଼ୀ ମାଉସୀର କୋଳକୁ ତା ଅମୂଲ୍ୟ ସମ୍ପଦକୁ ସୁସ୍ଥ ଅବସ୍ଥାରେ ଫେରେଇ ମୋ ବୋଉ ପାଖକୁ ମୋ ପରିବାର ଧରି ଆସିଲି ଭାରି । ଆଉ ନିଷ୍ପତ୍ତି ନେଲି ଏଇ ମୋ ଓଡ଼ିଶାରେ ରହି ମୋ ରାଜ୍ୟ ପାଇଁ କିଛି କାମ କରିବି । ସେଠି ତ କେତେ ବଡ଼ ବଡ଼ ଡାକ୍ତର ଅଛନ୍ତି । ତେଣୁ ମୋ ଚତୁଃପାର୍ଶ୍ୱରେ ଅଭାବର ପୂରଣ କରିବି । ଲୋକମାନଙ୍କ ସେବା କରି ଦୁଃଖ ରୋଗକୁ ଦୂରେଇ ଦେବି । ମୋତେ ବାଟବଣା କରିନେବାରେ ବୋଧେ ଈଶ୍ୱରଙ୍କର ଏଇ ନିର୍ଦ୍ଦେଶ ଥିଲା ।

ନୂଆପଡ଼ା, ବାଲିସାହି, କଟକ ।

# ଆୱାର୍ଡ଼ ନେବ ଆୱାର୍ଡ଼

ଡଃ ରିନା ରାଉତରାୟ

ରାସ୍ତାରେ ଡାକି ଡାକି ଯାଇଥିଲା ଲୋକଟି । ସକାଳୁ ବାଲକୋନିରେ ବସି ପେପର ପଢ଼ିଲାବେଳେ ଏମିତି ଅନେକ ବୁଲା ବିକାଳି ଡାକି ଡାକି ଯାଆନ୍ତି । ପରିବା ନେବ ପରିବା.. ମାଛ ନେବ ମାଛ, ମୁଢ଼ି ମୁଢ଼ି, ଫୁଲକୁଣ୍ଡ ଫୁଲଗଛ, କାର୍ପେଟ ବାଲାଠୁ ଆରମ୍ଭ କରି ଦହି ଛେନା, ପେପର ଖାତା ବିକ୍ରି କିରବକ, ପୁରୁଣା ଲୁହା ଭଙ୍ଗା ବାଲଟି ଏମିତି କେତେ କ'ଣ । ଆଜି କିନ୍ତୁ ଏ ନୂଆ ଡାକ ଶୁଣି ହଠାତ୍ କିଛି ବୁଝି ପାରିଲିନି । ଉଠିକି ଦେଖିଲି ଛୋଟ ସ୍କୁଟି ପରି ଗୋଟେ ଗାଡ଼ି ସେଥିରେ ବଡ଼ ଡାଲା ଲାଗିଛି । ଡାଲା ଭିତରେ ବିଭିନ୍ନ କିସମର ଖେଳଣା ଭଳି କ'ଣ ସବୁ ପଡ଼ିଛି ଗଡେଇ ଗଡେଇ ଡାକି ଚାଲିଛି ଲୋକଟି । ମୁହଁରେ ଦାଢ଼ି, ମୁଣ୍ଡରେ ପଗଡ଼ି । ପଞ୍ଜାବୀଟିଏ ପିନ୍ଧିଛି । ଚେହେରାରୁ କାବୁଲିବାଲା ପରି ଦେଖାଯାଉଥିଲା । ପଚାରିଲି - ଏ ବାବୁ କ'ଣ ବିକୁଛ ତୁମେ ? କହିଲା ଦିଦି ଆୱାର୍ଡ଼ । ପଚାରିଲି ମାନେ କ'ଣ ? କି ଜିନିଷ ସେ ? କହିଲା ଦିଦି ବହୁତ ପ୍ରକାରର ଆୱାର୍ଡ଼ ଅଛି । ଆପଣଙ୍କର କେମିତିଆ ଦରକାର କହିଲେ ବାହାର କରିବି । କହିଲି ଆରେ ବାବୁ ସେ କି ଜିନିଷ କହିଲେ ସିନା ମୋର କେମିତିଆ ଦରକାର କହିବି ? ବହୁତ ଆଗ୍ରହ ସହକାରେ ବୁଝାଇବାକୁ ଲାଗିଲା, ଦିଦି ଦେଖ ଆଜିକାଲି ବଜାରକୁ ବହୁତ ପ୍ରକାର ଆୱାର୍ଡ଼ ଆସିଲାଣି । ଗୋଟେ ଲମ୍ବା କପ ଦେଖାଇଲା । ଏଇଟା ହେଲା ବିଶିଷ୍ଟ ସେବକ ଆୱାର୍ଡ଼ ହଜାର ଟଙ୍କା । ଯଦି ଆପଣ ଭିକାରୀକୁ ସକାଳେ ଭିକ ମୁଠେ ଦେଇଥିବେ ତାହେଲେ ଏଇଟା ଆପଣ କିଣି ପାରିବେ । ଫୁଲ ପରି ଷ୍ଟାଣ୍ଡ ଥାଇ ଗୋଟେ କ'ଣ ଦେଖାଇଲା ଏଇଟା ହେଲା ବିଶିଷ୍ଟ କୋବି ଆୱାର୍ଡ଼ । ଖାତାରେ କିଛି ଗାରେଇ ପାରିଲେ ଏଇଟା ୨,୦୦୦ଟଙ୍କାରେ ମୁଁ ଆପଣଙ୍କୁ ଦେଇପାରିବି । ତାପରେ ଏଇଟା ବିଶିଷ୍ଟ ପେପରବାଲା ଆୱାର୍ଡ଼ ୩,୦୦୦ଟଙ୍କାରେ । ଘରେ ତୁଳସୀ ଗଛ ଲଗେଇଲେ ବିଶିଷ୍ଟ ଉଦ୍ୟାନବାଲା, ଫୁଲବାଲା, ପରିବେଶ ବାଲା, ଏମିତି କେତେ କ'ଣ ଦେଖାଇଲା ପରେ ବାହାରକଲା ଏକ ମାନପତ୍ର ପରି ଦେଖାଯାଉଥାଏ କିଛି ଲେଖା । କହିଲା ଦିଦି ଏ ହେଉଛି ଡକକ୍ଟରେଟ ଆୱାର୍ଡ଼ ୫,୦୦୦ ଟଙ୍କା ଦେଲେ ମିଳିଯିବ । ଆଉ କେଉଁଠୁ ଆଉ କାହାଠୁ ନବାକୁ ଚାହୁଁଛ କହିଲେ ସାଙ୍ଗେ ସାଙ୍ଗେ କମ୍ପ୍ୟୁଟରରୁ ବାହାରିଯିବ ନାମ ଓ ଫଟୋ ସହିତ । ଚମକି ପଡ଼ିଲି ମୁଁ ହେଁ.... ଏମିତି କେମିତି ମ ? ଯାହାକୁ ଚାହିଁଲେ ତାକୁ ଦେଇପାରିବୁ । ପୋଲିସ ଧରିନେବ ତୋତେ । ହସିହସି କହିଲା ଏମିତି କେତେ ବିକ୍ରି କରି କରି ଆସିଲିଣି ନା । ପୋଲିସ ଭାଇମାନେ ପରା ନିଜେ ବି ଏ ଆୱାର୍ଡ଼ କିଣିକି ନେଉଛନ୍ତି । ବେଳେବେଳେ ଖଣ୍ଟି ଓଡ଼ିଆ କହୁଥିବା ଲୋକଟି ପଚାରିଲି ହଇ ହୋ ବାବୁ ତୁମ ଘର କୋଉଠି ? କହିଲା ଏଇ ପୁରୀ ଜିଲ୍ଲା ଖଣ୍ଡପଡ଼ା । ପଚାରିଲି ପାଠ ପଢ଼ିଛ ? କହିଲା ହଁ ଆଜ୍ଞା ଆମ ଗାଁ ସ୍କୁଲରେ ମେଟ୍ରିକ ପାସ୍ କରିଛି । ବିରକ୍ତ ହୋଇ କହିଲି ଓଡ଼ିଆ ଲୋକ ପୁଣି ଓଡ଼ିଶାରେ ପାଠ ପଢ଼ିଛ । ପୁଣି ବେଳେବେଳେ ଏମିତି ବିକୃତ କରି ଓଡ଼ିଆ କଥା କାହିଁକି କହୁଛ ? କହିଲା ନା ଆଜ୍ଞା ଦୁଇ ବର୍ଷ ତଳେ ଗୋଟେ ପଞ୍ଜାବୀ ସହିତ ଆମେରିକା ଯାଇଥିଲି କଣ୍ଢେଇ ବିକିବାକୁ । ଦୁଇମାସ ରହିଗଲି ସେଠି । ତାପରେ ଆସିବାବେଳକୁ ଆଉ ପାଟିରେ ଓଡ଼ିଆ ପଶୁନି ପରା । ଭୁଲ ହେଇଯାଉଛି ।

ରାଗିକି କହିଲି ବଦମାସ କେଉଁଠିକାର । ଆସେ ଦେଖିବୁ କେତେ ଓଡ଼ିଆ ଲୋକ ଅଛନ୍ତି ଜନ୍ମରୁ ବିଦେଶରେ । ସେଠି ରହିକି ବି କେହି ଜାଣି ବି ପାରିବେନି ଏତେ ସୁନ୍ଦର ଓଡ଼ିଆ ଉଚ୍ଚାରଣ କରୁଛନ୍ତି । ତୁମରି ପରି କେତେ ଛତରଖିଆ ଲୋକ ଏମିତି ବିଦେଶ ବୁଲି ଯାଉ ଯାଉ ଓଡ଼ିଆ ଭୁଲି ଯାଉଛନ୍ତି । ଆଉ ସେଇଥିପାଇଁ ସେଠୁ ଫେରି ତୁ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଶିକ୍ଷା, ସଭ୍ୟତା ସବୁକୁ ବୁଲି ବୁଲି ରାସ୍ତାରେ ବିକୁଛୁ ? ଯାଉଛୁ ନା ଏବେ ଡାକିବି ପୋଲିସକୁ । ବିଦ୍ରୁପ କରି ହସି ହସି କହିଲା ଜଣା ପଡୁଛି ଆପଣ ବୋଧେ ମେଟ୍ରିକ ପାସ୍ କରି ନାହାନ୍ତି । ନହେଲେ ଏଭଳି ଆୱାର୍ଡ଼ ପାଇଁ କେତେ ବଡ଼ ବଡ଼ ଲୋକ ବାଡ଼ିଆ ପିଟା ହେଉଛନ୍ତି ଅଥଚ ଆପଣ ମୋତେ ଗାଳି ଦେଉଛନ୍ତି । ମୁଁ କହିଲି ତୁରନ୍ତ ଏଠୁ ଯାଉଛୁ ନା ପୋଲିସକୁ ଡାକିବି ? ଚାଲି ଯାଉ ଯାଉ କହିଲା ସବୁବେଳେ ତ ଏମିତି ନେଗେଟିଭ ଭାବିବେ ବୋଲି ଓଡ଼ିଆ ଲୋକ ଉପରକୁ ଉଠି ପାରୁନାହାନ୍ତି । ଲୋକଙ୍କୁ ଆଗକୁ ବଢ଼ିବାକୁ ଦେବେନି । ଏହିଭଳି ଲୋକଙ୍କ ପାଇଁ ଯାହା ଆମର ବେପାର ମାନ୍ଦା ହେଇଯାଉଛି । ଚୁପକର...ଦରକାର ନାହିଁ ଆମର

ଏମିତି ଉପରକୁ ଉଠିବା । ତୁ ଯାହାକୁ ଉପରକୁ କହୁଛୁ ଆମେ ତାକୁ ଛତରରେ ପଶିବା କହୁ । ଚୁପ୍‌ଚାପ୍ ଏଠୁ ପଳା । ଆଉଥରେ ଯଦି ଏ କଲୋନୀ ଭିତରକୁ ପଶିଥିବୁ ଦେଖିବୁ । ବଡ଼ପାଟିରେ କହିଲା ବେଳକୁ ନିଦ ଭାଙ୍ଗିଗଲା । ଦେହଟା ଥରୁଥିଲା । ଓଃ...ସ୍ୱପ୍ନ ଦେଖୁଥିଲି ତାହେଲେ.. ଚୁପଚାପ ବସିଲି କିଛି ସମୟ । ମନକୁ ମନ କହିଲି ହଁ ମ ଏ ସ୍ୱପ୍ନ ସତ ହେବାକୁ ଆଉ କେତେ ଦିନ କି ?

ସମାଜବିଜ୍ଞାନୀ ଓ ପରିବେଶବିତ୍ ।

# ଔପନ୍ୟାସିକ ଶରତ କୁମାର ସାହୁଙ୍କର କେତୋଟି ଉପନ୍ୟାସ

* ଭୋର ଆକାଶ (ପ୍ରବାହ ପବ୍ଲିକକେସନ)
* ଦର୍ଜିର ଝିଅ (ଦକ୍ଷ ପବ୍ଲିକକେସନ)
* କାଳପୁରୁଷ (ଦକ୍ଷ ପବ୍ଲିକକେସନ)
* ମୋ ବୋଉ (ପ୍ରବାହ ପବ୍ଲିକକେସନ)
* ମୃଣ୍ମୟୀ (ନିଃଶବ୍ଦ ପବ୍ଲିକକେସନ)
* ଅଗ୍ନିସ୍ନାନ (ପ୍ରବାହ ପବ୍ଲିକକେସନ)
* ନୀଳ ଜହ୍ନର ଆକାଶ (ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକକେସନ)

# ଏ କାହାଣୀ ମିଛ ନୁହେଁ

କାବ୍ୟ ଭୂଷଣ ଶିବପ୍ରସାଦ ବାହିନୀପତି

ଦୁଇହଜାର ଅଠର ମସିହା ସେପ୍ଟେମ୍ବର ମାସ ଉଣେଇଶି ତାରିଖ । ସେଦିନ ଥିଲା ବୁଧବାର । ଏକ ପତ୍ରିକା ପାଇଁ ଲେଖା କିଛି ଆବଶ୍ୟକ ବୋଲି ଜଣେ ବଡ଼ ଭଉଣୀଙ୍କଠାରୁ ଶୁଣିବା ପରେ ଲାଗି ପଡ଼ିଲି ଲେଖା ସଂଗ୍ରହରେ । ଦିନ ସାରା ଲାଗି ଯାହା କିଛି ସଂଗ୍ରହ କଲି ତାକୁ ହ୍ୱାଟସଆପ୍ ଜରିଆରେ ପଠେଇ ଦେଲି ବଡ଼ ଭଉଣୀଙ୍କ ନିକଟକୁ । ମୋ ପାଖରେ ବି କିଛି ଭଲ ଭଲ ଲେଖା ଥିଲା କିଛି କବି ଓ ଲେଖକମାନଙ୍କର, ତାକୁ ବି ପଠେଇ ଦେଲି । ଆଉ କିଛି ଜଣଙ୍କୁ ଫୋନ୍ କରି ଲେଖା ଦେବାକୁ କହିଲି ତ କାହାକୁ ହ୍ୱାଟସ୍ଆପ୍ ଏବଂ ଫେସବୁକ୍ ମେସେଞ୍ଜର ଜରିଆରେ ଲେଖା ମଗାଇଲି । ସବୁ ଲେଖା ପଠେଇ ସାରିବା ପରେ ଟିକେ ଆଶ୍ୱସ୍ତି ହେଲି । ଦିନମଣି ଅସ୍ତ ଯାଆନ୍ତେ ସନ୍ଧ୍ୟାରାଣୀ ଆଗତ ହୋନ୍ତେ ମନେ ପଡ଼ିଗଲା ମୋର ଜଣେ କବୟିତ୍ରୀଙ୍କ କଥା । ଯିଏକି ମୋର ଜଣେ ଫେସବୁକ୍ ଓ ହ୍ୱାଟସ୍ଆପର ବନ୍ଧୁ ଥିଲେ । ବହୁତ ଭଲ ବନ୍ଧୁ ଜଣେ ମୋର, ସେ ବହୁତ ଭଲ ଲେଖାଲେଖି ବି କରନ୍ତି । ସନ୍ଧ୍ୟା ସାତଟା ବାଜି ପଇଁଚାଳିଶି ମିନିଟ ହେବାର ସୂଚନାଟିଏ ପାଇଲି ମୋବାଇଲ ପରଦାରୁ । ଫୋନ୍‌ରେ ସେଭ୍ ଥିବା ନମ୍ବର ସବୁକୁ ଆଡ଼େଇ ତାଙ୍କ ଫୋନ୍ ନମ୍ବରରେ ଫୋନ୍ କଲି । ରିଙ୍ଗ୍ ହେଉ ହେଉ ରିସିଭ୍ କରିନେଲେ ମୋର ପ୍ରିୟ କବୟିତ୍ରୀ ବନ୍ଧୁ ସୀମା । ଭାସି ଆସିଲା ସ୍ୱରଟିଏ ଜୟ ଜଗନ୍ନାଥ । ମୁଁ ବି ହ୍ୟାଲୋ ବଦଳରେ ଜୟ ଜଗନ୍ନାଥ ଶବ୍ଦୋଚାରଣ ପୂର୍ବକ ପ୍ରତ୍ୟୁତ୍ତର ଦେଇ ଭଲ-ମନ୍ଦ ସବୁ ପଚାରିନେଲି । ଭଲମନ୍ଦ ବୁଝାବୁଝି ପର୍ବ ସମାପାନ୍ତେ ପତ୍ରିକାକୁ ଲେଖା ଦେବା କଥା କହିବା ସହିତ କିଛି କଥୋପକଥନ ଭିତରେ ବାସ୍ତବ ଚରିତ୍ରକୁ ନେଇ କାହାଣୀ ଲେଖିବା କଥା ହେବାବେଳେ ସୀମା କହିଲେ ମୋ ପାଖରେ ଏକ ବାସ୍ତବ କାହାଣୀ ଅଛି । ମୁଁ ଆପଣଙ୍କୁ କାହାଣୀଟି କହୁଛି, ଆପଣ ଲେଖନ୍ତୁ । ମୁଁ ଲେଖିଥାନ୍ତି; କିନ୍ତୁ ଆପଣଙ୍କ ପରି ମୁଁ ଏତେ ଅଳଙ୍କରଣ କରି ପାରିବିନି । ତେଣୁ ଆପଣ ଲେଖନ୍ତୁ । ମୁଁ ତାଙ୍କ କଥାରେ ସମ୍ମତି ପ୍ରଦାନ କରି କାହାଣୀଟି ଶୁଣେଇବା ପାଇଁ ଅନୁରୋଧ କରିବା ପରେ ସୀମା ଆରମ୍ଭ କଲେ କାହାଣୀ । ଦୀର୍ଘ ଦୁଇଘଣ୍ଟା ପ୍ରାୟ ମୋବାଇଲ୍ ଫୋନ୍ ଜରିଆରେ କାହାଣୀଟି ଶୁଣିଲି । କାଳେ ମୋର ମନରୁ ପାଶୋରି ହୋଇଯିବ ବୋଲି ଭାବି କାଗଜରେ ମୁଖ୍ୟ ମୁଖ୍ୟ ଘଟଣା ସବୁକୁ ଉଲ୍ଲେଖ କରିନେଲି ।

କାହାଣୀଟିର ମାନବିକତାର ମୂଲ୍ୟବୋଧର ଅଭାବ ସହିତ ଜଣେ ମହିୟସୀଙ୍କର ମମତାର ମୂଲ୍ୟବୋଧକୁ ବି ପ୍ରତିପାଦିତ କଲା ପରି ବାର୍ତ୍ତା ପାଇଲି । ତା ସହ ମିଳିଲା ଏକ ସୁନ୍ଦର ସୁମନର ଅସହାୟ ଅବସ୍ଥାର କରୁଣ ସମ୍ବାଦ । ସମସ୍ତେ ସମୟର ଦାସ । ସମୟ ସବୁରି ମୁନିବ । ସମୟ ହିଁ ସୃଷ୍ଟି କରେ ପରିସ୍ଥିତି ଆସିବା । ସେକଥା ସମୟ ହିଁ ଜାଣେ । ସମୟକୁ ବାନ୍ଧି ରଖିବାର ଶକ୍ତି ଓ ସାମର୍ଥ୍ୟ କାହରି ପାଖରେ ନାହିଁ । ସମୟ ବଡ଼ ବଳବାନ୍ । କେତେବେଳେ ସୁଖ ସମ୍ଭାରରେ ପୋତି ପକାଏ ତ କେତେବେଳେ ଦୁଃଖ ମହାସାଗରର ଗଭୀର ଜଳରାଶିରେ ନିକ୍ଷେପ କରିବାକୁ ସୁଦ୍ଧା ପଛାଏ ନାହିଁ । ଆଉ କେବେ କେବେ ସୁଉଚ୍ଚ ଦ୍ରୁମରେ ଚଢ଼ାଇ ଦେଇ ମୂଳ ଛେଦନ କରିପକାଏ । ସମସ୍ତେ ସିନା ସମୟର ଦାସ, ସମୟ କିନ୍ତୁ ଭାଗ୍ୟର ପାଖେ ପାଖେ ପରିସ୍ଥିତିର ପିସ୍ତଲକୁ କାନ୍ଧରେ ପକାଇ ଭାଗ୍ୟର ନିର୍ଦ୍ଦେଶକୁ ପ୍ରତୀକ୍ଷାରତ ଥାଏ । ନିର୍ଦ୍ଦେଶ ପ୍ରାପ୍ତ କରିବା ମାତ୍ରେ ପରିସ୍ଥିତିର ପିସ୍ତଲରୁ ବର୍ଷଣ କରି ପକାଏ ଗୁଳି । କେବେ ସୁଖ ଶାନ୍ତି ଏବଂ ଅହେତୁକ ଆନନ୍ଦ ଉଦ୍ଦିପନାର ଗୁଳି ବର୍ଷଣ ତ କେବେ ଅସୁଖ ଅଶାନ୍ତି ଏବଂ ବିଷାଦର ଗୁଳି ଛୁଟେ, ସବୁ ଭାଗ୍ୟର କହିବା ମୁତାବକ । ଏଇ କାହାଣୀଟିରେ ଅନୁରୂପ ଏଇ କଥା ହିଁ ପ୍ରତିପାଦିତ ହେଉଛି । କାହାଣୀଟି ଥିଲା ନିମ୍ନ ମତେ ।

ଭାରତର ରାଜଧାନୀ ଦିଲ୍ଲୀ ସହରର ଏକ କାହାଣୀ ଇଏ । ମୁଖ୍ୟ ଭୂମିକା ନିର୍ବାହୀ ହେଉଛନ୍ତି ଜଣେ ଝିଅ, ଯାହାଙ୍କ ନାମ ହେଉଛି ମୋନାଲିସା ଶର୍ମଣ । ଜାତିରେ ବ୍ରାହ୍ମଣ ଥିଲେ ଏବଂ ହିନ୍ଦୀ ଭାଷାଭାଷୀର ପରିବାର । ପରିବାର କହିଲେ ବାପା, ମାଆ, ଭାଇ ଓ ଏଇ ଝିଅ ମୋନାଲିସା ଶର୍ମଣ । ବାପାଙ୍କ ନାମ ଥିଲା ଦେବନାଥ ଶର୍ମଣ, ମାଆଙ୍କ ନାମ ଥିଲା ମାଧୁରୀ ଦେବୀ ଏବଂ ଭାଇ ଥିଲେ କୃଷ୍ଣାନନ୍ଦ ଶର୍ମଣ । ଦେବନାଥ ଶର୍ମଣ ଥିଲେ ଜଣେ ସାଧାସିଧା ଲୋକ । ହସଖୁସିରେ ଚାଲିଥିଲା ସଂସାର । ସତରେ ତାଙ୍କ ସଂସାରଟି ଥିଲା ଏକ ମନ୍ଦିର । ହଠାତ୍ ସମୟର ଅସହ୍ୟ

ବିଧା ପ୍ରହାରରେ ହସଖୁସିର ସେହି ସଂସାର ରୂପକ ମନ୍ଦିରର ମୁଖଶାଳାଟି ଭାଙ୍ଗିରୁଜି ଚୁରମାର୍ ହୋଇଗଲା । ମାଥୁରୀ ଦେବୀଙ୍କୁ ଗ୍ରାସ କରି ନେଲା କର୍କଟ ରାକ୍ଷସ । ଧୀରେ ଧୀରେ କାୟା ବିସ୍ତାର କରି ଅସହାୟ ପରିସ୍ଥିତିକୁ ନେଇଗଲା ଦୁର୍ମନ୍ତ କର୍କଟ ରାକ୍ଷସଟି ମାଥୁରୀ ଦେବୀଙ୍କୁ । ସେତେବେଳେକୁ ତାଙ୍କର ଏକ ପୁତ୍ର ସନ୍ଦାନ ହୋଇ ସାରିଥିଲା । ସେ ପୁତ୍ର ସନ୍ତାନଟିର ନାମ ରଖାଯାଇଥିଲା କେଶରୀ । ପରିସ୍ଥିତି ଜଟିଳରୁ ଜଟିଳତର ଆଡ଼କୁ ଗତି କଲା । ଅସମ୍ଭାଳ ପରିସ୍ଥିତି ଉପୁଜିବାରୁ ଦେବନାଥ ଶର୍ମଣ ଡାକ୍ତରଙ୍କର ସହାୟତା ଲୋଡ଼ିଲେ । ନାନା ପ୍ରକାରର ପରୀକ୍ଷା ନିରୀକ୍ଷା ପରେ ଜଣା ପଡ଼ିଲା ଯେ ମାଥୁରୀ ଦେବୀଙ୍କୁ କର୍କଟ ବେମାରୀ ହୋଇଛି । ଡାକ୍ତରଙ୍କ ଶୁଣାଣି ପରେ ହତବାକ୍ ହୋଇଗଲେ ଦେବନାଥ ଶର୍ମଣ । ଲଥିକିନା ବସି ପଡ଼ିଲେ ମେଡ଼ିକାଲ ହଲର ମୋଜାକି ଚଟାଣ ଉପରେ । ମହାକାଶରେ ସୂର୍ଯ୍ୟଙ୍କ ଚତୁର୍ପାର୍ଶ୍ୱେ ଗ୍ରହମାନେ ନିଜ ନିଜ କକ୍ଷପଥରେ ପରିକ୍ରମଣ କରିବା ପରି ତାଙ୍କ ଚାରିପଟେ ମେଡ଼ିକାଲର କାନ୍ଥ, ଡାକ୍ତର, ରୋଗୀମାନେ ଘୂରିବାକୁ ଲାଗିଲେ । ସବୁକିଛି ଧୂଆଁ ଧୂଆଁ ଦେଖାଗଲା, ଅବଶ ହୋଇ ପଡ଼ିଲେ ଦେବନାଥ ଶର୍ମଣ । ନିଜ ଅଜାଣତରେ କେତେବେଳେ ଯେ ତାଙ୍କର ଦୁଇଟାଯାକ ହାତର ପାପୁଲି ସହିତ ତାଙ୍କ ମଥାରେ ସଂଯୋଗ ହୋଇସାରିଛି ସେକଥା ତାଙ୍କୁ ଜଣା ନାହିଁ । କିଛି ସମୟପରେ ଡାକ୍ତରଙ୍କ ଶାନ୍ତ୍ୱନା ମୂଳକ ହାତ ଦୁଇଟି ତାଙ୍କ କାନ୍ଧକୁ ସ୍ପର୍ଶ କରି ଥାପୁଡ଼େଇବାକୁ ଲାଗିଲେ ଏବଂ କିଛି ଅସ୍ପଷ୍ଟ ସ୍ୱର ଭାସି ଆସିଲା - ଧୈର୍ଯ୍ୟହରା ହୁଅନ୍ତୁନି, ପ୍ଲିଜ୍ ପ୍ଲିଜ୍ । ଆମେ ଏହାର ଚିକିତ୍ସା କରିବା ପାଇଁ ପ୍ରସ୍ତୁତ । ଇମିଡ଼ିଏଟ୍‌ଲି ଅପରେସନ୍ ଦରକାର । ଭଲ ହୋଇଯିବେ । ବ୍ୟସ୍ତ ହୁଅନ୍ତୁନାହିଁ । ପ୍ରାୟ ଦେଢ଼ଲକ୍ଷ ଟଙ୍କା ଲାଗିବ । ଆପଣ ଟଙ୍କା ଯୋଗାଡ଼ କରନ୍ତୁ । ଡାକ୍ତରଙ୍କ ଠାରୁ ଆଶ୍ୱସ୍ତି ମୂଳକ ସୂଚନା ଶୁଣି ଘୂର୍ଣ୍ଣାୟମାନ ଆନନଟି ଟିକେ ସ୍ଥିର ପଡ଼ିବାରୁ ଦୁଇ ହାତ ମଥାରୁ ବିଚ୍ଛିନ୍ନ କରି ଉଠି ଛିଡ଼ା ହୋଇ ଦେବନାଥ ଶର୍ମଣ ଡାକ୍ତରଙ୍କ ସାମ୍ନାରେ ଦୁଇ ହାତକୁ ଏକତ୍ରୀକୃତ କରି ପ୍ରାର୍ଥନା କରିବା ମୁଦ୍ରାରେ ବିନମ୍ର ଅନୁରୋଧ ପୂର୍ବକ କହିଲେ କି ଯେତେ ଟଙ୍କା ଲାଗିବ ମୁଁ ଦେବି ଆପଣ ଟଙ୍କା ପାଇଁ ବ୍ୟସ୍ତ ହୁଅନ୍ତୁନି । ମୋ ସ୍ତ୍ରୀକୁ ଭଲ କରିଦିଅନ୍ତୁ । ପ୍ଲିଜ୍ ଡକ୍ଟର ଆପଣଙ୍କୁ ମୁଁ ପ୍ରାର୍ଥନା କରୁଛି, ମୋ ସ୍ତ୍ରୀକୁ ଆରୋଗ୍ୟତା ପ୍ରଦାନ କରନ୍ତୁ । ଡାକ୍ତରଙ୍କ ଉତ୍ତର ଥିଲା ମୁଁ ନିମିତ୍ତ ମାତ୍ର । ସବୁକିଛି ସେହି ଈଶ୍ୱରଙ୍କ ଦୟା । ଆମେ ଖାଲି ଆମର କର୍ତ୍ତବ୍ୟ ପାଳନ କରି ଚାଲିବା ବାକି ସବୁ ଉପରବାଲା ହାତରେ । ଦେବନାଥ ଶର୍ମଣଙ୍କ ଆଖିରେ ଲୁହ ରୂପରେ ଲୁହର ଧାର କପୋଳ ପ୍ରଦେଶକୁ ଛୁଇଁ ଟପ୍‌ଟପ୍ ହୋଇ ଝରି ପଡ଼ି ବସୁଧାର ଶରୀରରେ ଶିଶିର ବିନ୍ଦୁର ଭ୍ରମ ସୃଷ୍ଟି କରୁଥାଏ । ପୁନରାୟ ଅନୁରୋଧ ମୁଦ୍ରାରେ ହାତଯୋଡ଼ି ଦେଇ କହିଲେ ଦେବନାଥ ଶର୍ମଣ ଡାକ୍ତରଙ୍କୁ ଈଶ୍ୱର କେବଳ ଅନୁଭବର ଶବ୍ଦ ଡକ୍ଟର । ଆମେ କେହି ଈଶ୍ୱରଙ୍କୁ ଦେଖିନାହେଁ । କେବଳ ତାଙ୍କ ସତ୍ତାକୁ ଅନୁଭବ କରୁଛେ । ମୁଁ ଜାଣିଛି ଡାକ୍ତର ହିଁ ଦ୍ୱିତୀୟ ଈଶ୍ୱର । ଆପଣଙ୍କ ଦୟା ହେଲେ ହିଁ ମୋ ସ୍ତ୍ରୀର ଶରୀରର ତେଜତ୍ୱ ରହିବ । ଆପଣ ଦୟା କରନ୍ତୁ । ମୋ ସ୍ତ୍ରୀକୁ ଭଲ କରି ଦିଅନ୍ତୁ । ଡାକ୍ତର କହିଲେ ପେସେନ୍ସ ରଖନ୍ତୁ । ସବୁ ଠିକ୍ ହୋଇଯିବ । ଆପଣ ଟଙ୍କା ଯୋଗାଡ଼ କରି କାଉଣ୍ଟରରେ ଆକାଉଣ୍ଟାଣ୍ଟଙ୍କ ପାଖରେ ଜମା କରନ୍ତୁ । କାଲି ତାଙ୍କର ଅପରେସନ୍ ଆରମ୍ଭ ହେବ । ଡାକ୍ତରଙ୍କ କଥା ମାନି ମାଥୁରୀ ଦେବୀଙ୍କୁ ମେଡ଼ିକାଲରେ ଛାଡ଼ି ସିଧା ଘରକୁ ଆସିଲେ ଦେବନାଥ ଶର୍ମଣ । ଦେଖିଲେ ପୁଅଟି ଶୋଇଛି ତାକୁ ଉଠେଇ ସାଙ୍ଗରେ ଆଣିଥିବା ରୁଟି ଦେଲେ ଖାଇବାକୁ । ଦେବନାଥ ଶର୍ମଣ ନିଜର ବ୍ୟାଙ୍କ ଖାତା ଧରି ଚାଲିଲେ ବ୍ୟାଙ୍କକୁ । ଜମା ରାଶି ଚେକ୍ କଲେ । ଦେଖିଲେ ଅଶୀ ହଜାର ଟଙ୍କା ମାତ୍ର ଅଛି । ପଞ୍ଚସ୍ତରୀ ହଜାର ଟଙ୍କା ଡ୍ରକରି ଆଣିଲେ ଏବଂ ଷ୍ଟେଟ୍‌ବ୍ୟାଙ୍କୁ ଯାଇ ଏ.ଟି.ଏମ୍ ଚେକ୍ କଲାରୁ ଦେଖିଲେ ତିରିଶ ହଜାର ଟଙ୍କା ଅଛି । ତାକୁ ବି ଡ୍ର କରି ନେଇ ଆସିଲେ ।

ବର୍ତ୍ତମାନ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ସର୍ବମୋଟ ଦେବନାଥ ଶର୍ମଣଙ୍କ ହାତରେ । ହେଲେ ଆଉ ବାକି ପଇଁଚାଳିଶି ହଜାର ଟଙ୍କା ପୁଣି କେଉଁଠୁ ଆସିବ ? ମନେ ପଡ଼ିଗଲା ପୁଅ ନାଁରେ ଜମା କରିଥିବା ଅର୍ଥ କଥା । ପୁଣି ଘରକୁ ଆସିଲେ ପୁଅର ପାସବୁକ୍‌ଟାକୁ ନେଇ ଦୌଡ଼ିଲେ ବ୍ୟାଙ୍କ ଅଫ୍ ବରୋଦାକୁ । ଚେକ୍ କଲେ ଆକାଉଣ୍ଟ ଦେଖିଲେ ଆକାଉଣ୍ଟରେ ଜମା ରାଶି ସଂଖ୍ୟା ତିରିଶ ହଜାର ହେବ । ସେଥିରୁ ପାଞ୍ଚହଜାର ଛାଡ଼ି ପଚିଶି ହଜାରଟଙ୍କା ଉଠାଇ ଆସିଲେ । ବର୍ତ୍ତମାନ ଏକ ଲକ୍ଷ ତିରିଶ ହଜାର । ଆହୁରି କୋଡ଼ିଏ ହଜାର ନିଅଣ୍ଟ । ସେଠାରୁ ଫେରି ଆସି ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ଘରକୁ ଯାଇ ଘଟଣା ବିଷୟରେ କହିବାରୁ ସେ ତିରିଶ ହଜାର ଟଙ୍କା ଦେଲେ । ସେଥିରୁ ଦଶ ହଜାର ଟଙ୍କା ରଖି ବାକି ଦେଢ଼ ଲକ୍ଷ ଟଙ୍କା ମେଡ଼ିକାଲ ଆକାଉଣ୍ଟରେ ଜମା କଲେ । ତା ପରଦିନ ଆରମ୍ଭ ହେଲା ମାଥୁରୀ ଦେବୀଙ୍କର ଅସ୍ତ୍ରୋପଚାର । ସଫଳତାର ସହ ଅସ୍ତ୍ରୋପଚାର ସରିଗଲା । ଦିନେ ଦୁଇଦିନ ମେଡ଼ିକାଲରେ ରହିବା ପରେ ଘରକୁ

ଫେରିଲେ ମାଥୁରୀଦେବୀ । ପୂର୍ବ ପରି ସବୁକିଛି ତୁଲାଇବାରେ ସେ ସକ୍ଷମ ବି ହେଲେ । କର୍କଟ ପରି ରୋଗର ସମୂଳ ବିନାଶ ବା କିଏ କରିବ? କର୍କଟର ଜୀବାଣୁ କୋଉଠି ନା କୋଉଠି ଲୁକ୍କାୟିତ ଅବସ୍ଥାରେ ରହି ଯାଇଥିବ । କିଛିଦିନ ଗତ ପରେ ସେଇ କର୍କଟ ବେମାରୀ ପୁନରାୟ ଦୃଶ୍ୟ ହେଲା । ଅସ୍ତ୍ରୋପଚାର ବର୍ଷେ ନପୁରୁଣୁ ମାଥୁରୀ ଦେବୀଙ୍କର ପୂରିଗଲା କାଳ । ଶୋକ ସାଗରରେ ଭସେଇ ଦେଇ ସେ ସବୁଦିନ ପାଇଁ ନିରବ ନିଶ୍ଚଳରେ ସୁଖ ନିଦ୍ରାରେ ଶୋଇଗଲେ । ଧନ ଗଲା, ଜୀବନ ଗଲା, ମାଆ ଛେଉଣ୍ଡ ପିଲାଟି ଏକମାତ୍ର ପୁତ୍ର କେଶରୀ । ଅନ୍ଧକାରମୟ ହୋଇଗଲା ଦେବନାଥ ଶର୍ମଙ୍କ ଛୋଟ ଆବାସଟି । ଖିନଭିନ୍ ହୋଇଗଲା ପରିବାର ଏବଂ ଅସହାୟ ପାଲଟିଗଲା ଉଣିଶି ବର୍ଷର ପୁଅ କେଶରୀ । ସତେ ଅବା କାହାର କୋଉ ଜନ୍ମର ଅଭିଶାପ କିମ୍ବା ମାଥୁରୀ ଦେବୀଙ୍କର ଜାତକରେ ଶନିସପ୍ତାର ଯୋଗ ସେଦିନ ବୋଧେ ତାଙ୍କର ଘାତଚନ୍ଦ୍ର କି ଘାତବାର ଥିଲା । ମାଥୁରୀ ଦେବୀଙ୍କ ମୃତ୍ୟୁ ପରେ ଦେବନାଥ ଶର୍ମଣ ନିଜେ ବାପା ଓ ମାଆର ସ୍ନେହ ଦେଇ ପୁଅ କେଶରୀକୁ ଲାଳନପାଳନ କଲେ । କିଛିଦିନ ଗତ ହେବାପରେ ସେ ଅନୁଭବ କଲେ ପୁଅର ଦାୟିତ୍ୱ ତୁଲାଇବାକୁ ଜଣେ ମାଆର ଆବଶ୍ୟକତା ନିହାତି ଦରକାର । ତେଣୁ ନିଜ ପାଇଁ ଝିଅ ଖୋଜିବା ଆରମ୍ଭ କରିଦେଲେ । ଖୁବ୍ ଅଳ୍ପ ଦିନରେ ପାଇଗଲେ ଜୀବନସାଥୀଟିଏ । ମନ୍ଦିରରେ ବ୍ରାହ୍ମଣର ବେଦ ମନ୍ତ୍ରପାଠ ପୂର୍ବକ ବିବାହ କରି ଘରକୁ ଆଣିଲେ କୁଟିଳାଙ୍କୁ । କୁଟିଳା (ଛଦ୍ମନାମ) ହେଲେ କେଶରୀର ମାଆ । ଲୋକଙ୍କ ଆଖିରେ କିନ୍ତୁ ସାବତମାଆ । ସାବତ ମାଆ ହେଲେ ବି ନିଜ ମାଆ ପରି ସ୍ନେହ ଶ୍ରଦ୍ଧା ଓ ଭଲପାଇବାରେ କେବେ ଅବହେଳା କରିନାହାନ୍ତି ପୁଅକୁ । ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ତୁଲେଇଛନ୍ତି କୁଟିଳାଦେବୀ । ମାଆର ଅଭାବକୁ ସେ ପୂରା କରିଛନ୍ତି । କେବେବି ଭାବିବା ପାଇଁ ଦେଇନାହାନ୍ତି ପୁଅକୁ ଯେ ତା'ର ମାଆ ମରି ଯାଇଛି ବୋଲି । ସବୁକିଛି ଠିକ୍ ଠାକ୍ ଥିଲା । ପୂର୍ବ ପରି ହସଖୁସିର ସଂସାରଟିଏ ଗଢ଼ି ଉଠିଥିଲା ।

ବିତିଗଲା ଗୁଡ଼ାଏ ଦିନ । କୁଟିଳାଙ୍କର ବି ଝିଅଟିଏ ହୋଇ ସାରିଥାଏ ଏବଂ ତା'ର ନାମ ଦିଆଯାଇଥାଏ ମୋନାଲିସା । ସେତେବେଳକୁ ବଡ଼ ପୁଅଟିର ବୟସ କୋଡ଼ିଏ ପୁରି ଏକୋଇଶି ଚାଲିଛି । ବହୁ ଖୋଜାଖୋଜି ପରେ ଭଲ ପ୍ରସ୍ତାବଟିଏ ପାଇ ପୁଅ କେଶରୀର ବିବାହ କରାଇଦେଲେ ସେଇ ଦିଲ୍ଲୀ ସହରରେ ଏକ ସମ୍ଭ୍ରାନ୍ତ ପରିବାରରେ । ଘରକୁ ଆସିଗଲା ବୋହୂ ଯବନିକା । ଦୁଃଖ ଦରିଆରୁ ପାର ହୋଇ ସୁଖର ସ୍ଥଳଭାଗ ସ୍ପର୍ଶ କରି ସାରିବାପରେ ଏବଂ ସେହି ସ୍ଥଳଭାଗରେ ଶାନ୍ତିର କୁଟୀରଟିଏ ଝାଟିମାଟିରେ ଗଢ଼ି ସାରିବାପରେ ପୁଣି ଯଦି ଦରିଆ କରାଳ ରୂପ ପ୍ରଦର୍ଶନ ସ୍ୱରୂପ ସ୍ଥଳଭାଗକୁ ଜଳାର୍ଣ୍ଣବ କରି ଶାନ୍ତି କୁଟୀରକୁ ମାଟିରେ ମିଶାଇ ଦିଏ; ତେବେ ମଣିଷର ବା କ'ଣ ସାମର୍ଥ୍ୟ ଜୁଟିବ ଯେ ସେ କିଛି କରିପାରିବ? ବିଧାତାର ବିଧାନକୁ ସହିବାର ଶକ୍ତି କାହା ପାଖରେ ଅଛି? ବିଧାତା ବୈରୀ ହେଲେ କହିବ କାହାକୁ ? ସେମିତି ଏକ ଲୋକହର୍ଷଣକାରୀ ଘଟଣା ଘଟିଗଲା ଅଚାନକ । ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଲେ ମୋନାଲିସାର ବାପା ମାଆ ଦିହେଁ । ସେତେବେଳକୁ ମୋନାଲିସାର ବୟସ ସାତ ବର୍ଷ ।

ଦେବନାଥ ଶର୍ମଣ ଏବଂ କୁଟିଳା ଦେବୀଙ୍କ ଅପମୃତ୍ୟୁପରେ ଏବେ ମୋନାଲିସାର ଏକମାତ୍ର ସାହା ଭରସା ଭାଇ କେଶରୀ ଓ ଭାଉଜ ଯବନିକା । ଯାହା ଯେମିତି ଥିଲା ସବୁ ଠିକ୍ ଥିଲା;ହେଲେ ଧୀରେଧୀରେ ସବୁକିଛି ବଦଳି ଗଲା । ସାତ ବର୍ଷ ବୟସରୁ ବାପା ମାଆ ଛେଉଣ୍ଡ ମୋନାଲିସା ଲକ୍ଷ୍ୟ କଲା ଭାଇ ଭାଉଜଙ୍କର ଏକ ପ୍ରକାରର ପରିବର୍ତ୍ତନ । ସେତେବେଳେ ମୋନାଲିସାର ବୟସ ଆଠ ବର୍ଷ ହେବ । କମ୍ ବୟସରେ ଘରର ଯାବତୀୟ କାମ କରୁଥିଲା ମୋନାଲିସା । ଯେତେ କଲେ ବି ଭାଉଜର ମନକୁ ଯାଉ ନଥିଲା । ଅଇଁଠା ବାସନ ମାଜିବା ଠୁଁ ଲୁଗା କାଚିବା ଯାଏଁ ସବୁକିଛି କରୁଥିଲା ମୋନାଲିସା । ଭାଉଜର ମାଡ଼ଗାଳି ସହିତ ଭାଇର ଟାଆଁସିଆ କଥା ଗୁଡ଼ିକ ଡାଙ୍ଗଣ ପରି ଫୋଡ଼ି ହୋଇ ଯାଉଥିଲା ମୋନାଲିସାର ସର୍ବାଙ୍ଗ ଶରୀରରେ । ତଥାପି ନିରବରେ ସବୁକିଛିକୁ ସହି ଯାଉଥିଲା ସିନା କାହାରିକୁ କିଛି କହି ପାରୁ ନଥିଲା ସେ । ନିତ୍ୟ ମୃତ୍ୟୁବରି ଜୀବନ ଧରିବା ଛଡ଼ା ଆଉ ବା ଉପାୟ କ'ଣ ?

ଏମିତି କଷଣର କରାଘାତ ସହ୍ୟକରି ବିତେଇ ଚାଲିଥିଲା ଜୀବନ କଅଁଳ କୁସୁମ କଢ଼ି ମୋନାଲିସା । ହଠାତ୍ ମାଡ଼ିଆସିଲା ହୁଡ୍‌ହୁଡ୍ ଆଉ ଫାଇଲିନ୍ ଠାରୁ ଆହୁରି ଭୟଙ୍କର ସୁପର ସାଇକ୍ଲୋନ୍ ପରି ବହୁତ ବଡ଼ ଝଞ୍ଜା ସଦୃଶ ପରିସ୍ଥିତି । ମୋନାଲିସା ଟିକେ ଜିଦ୍‌ଖୋର ସ୍ୱଭାବର । ଛୋଟ ପିଲା ସିଏ । ଜିଦ୍‌ଟା ଭାଙ୍ଗି ଯିବନି ବଡ଼ ଦିନକୁ କିନ୍ତୁ ନା ଜିଦ୍‌ଟା ଅଟଳ ଥିଲା । କ'ଣ କେଜାଣି ପିଲାଳିଆମିରେ କିଛି ଗୋଟେ ଘର କାମରେ ତ୍ରୁଟି କରି ପକେଇଛି । ସେଇ କଥାକୁ ଲଥା ପକେଇ କନ୍ଦୋଳ ଭିଆଇ ବସିଲେ ମୋନାଲିସାର ଭାଉଜ ଯବନିକା । ମାରଧର୍ କଲେ ।

ବକା ଗାଳି ବି ବର୍ଷଣ କରିଚାଲିଲେ । ଝରି ଯାଉଥାଏ ଅଶ୍ରୁ ନିର୍ଝରର ମୋନାଲିସାର ନେତ୍ର ଯୁଗଳରୁ । ବଡ଼ଭାଇ ବି ବୁଝିବା ବଦଳରେ ମୋନାଲିସା ପ୍ରତି ଅଧିକ ଗାଳିଗୁଲଜ ବର୍ଷିବା ସହିତ ଘରୁ ବାହାର କରିଦେଲେ ଏବଂ ଦୁଆର କିଳି ଘରେ ରହିଲେ । ସେତେବେଳକୁ ରାତି ଆଠଟା କି ନଅଟା ସମୟ ହେବ । ଝିଅଟି ରାସ୍ତା ଉପରକୁ ଚାଲି ଆସିଲା । ରାସ୍ତା କଡ଼ରେ ଛିଡ଼ା ହୋଇ ମନ ଇଚ୍ଛା କାନ୍ଦିବାକୁ ଲାଗିଲା । ତା' ହୃଦୟରେ ଥିବା ସବୁ ବେଦନାକୁ ଲୁହ କରି ନିଗିଡ଼ି ମାଟି ମାଆକୁ ସ୍ନାନ କରାଇ ଚାଲଇଥିଲା ସେ । ଶୂନଶାନ୍ ଅନ୍ଧାର ରାତ୍ରିରେ ତା କ୍ରନ୍ଦନର ରୋଳ କାହାରିକୁ କର୍ଣ୍ଣପାତ ହେଉ ନଥାଏ । କୁଆଡ଼େ ଯିବ କୋଉଠି ରହିବ ଆଉ କ'ଣ କରିବ ବୋଲି ଭାବି ପାରୁନଥିଲା ମୋନାଲିସା । ଘନ ଘନ ଉଠୁଥିଲା ବୁକୁ ଫଟା କୋହ । ଧକେଇ ଧକେଇ କାନ୍ଦୁଥିଲା ମୋନାଲିସା । ଠିକ୍ ସେହି ସମୟରେ ପ୍ରଭୁ ପରମ କୃପା ସ୍ୱରୂପ ଦେବଦୂତ ଭଳି ପ୍ରେରିତ ହୋଇଥିଲେ ଜଣେ ଏ.ଏସ. ଆଇ. ପୋଲିସ ଅଫିସର ଦିବ୍ୟା ଦ୍ୱିବେଦୀ ଏବଂ ତାଙ୍କ ସହ ଆଉ ତିନି ଜଣ ମହିଳା କନେଷ୍ଟବଳ ।

ଦ୍ୱିବେଦୀ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ୍ ଅଫିସର । ସାଧୁ ସମାଜେ ପ୍ରଶଂସନୀୟ ଥିବାବେଳେ ଅସାଧୁ ମାନଙ୍କ ଐରୀ ସୂଚୀପତ୍ରର ଆଦ୍ୟ ଭାଗରେ ସ୍ଥାନିତ ଥିଲେ ଦ୍ୱିବେଦୀ । ବାହାରକୁ ସେ ଯେତିକି କଡ଼ା ମିଜାଜର ଦେଖିବାକୁ ଭିତରଟା କିନ୍ତୁ ତାଙ୍କର ସେମିତି ନୁହେଁ । ପୋଲିସ୍ ଅଫିସର ଭାବରେ ସେ ଷ୍ଟ୍ରିକ୍ଟ ହୋଇ ପାରନ୍ତି । କିନ୍ତୁ ଜଣେ ନାରୀ ଭାବେ ସେ ମହନୀୟା । ବହୁତ କୋମଳ ହୃଦୟ ତାଙ୍କର । ସେଦିନ କେଉଁ ଏକ କାମରେ ବାହାରକୁ ଯିବାକୁ ଦିଲ୍ଲୀ ବିମାନ ବନ୍ଦରକୁ ଯାଇଥିଲେ ଦ୍ୱିବେଦୀ ଅନ୍ୟ ତିନିଜଣ ସହଯୋଗୀଙ୍କ ସହିତ । କିନ୍ତୁ ଦୁର୍ଭାଗ୍ୟ ବଶତଃ ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ବିମାନଟି ଉଡାଣ ଆରମ୍ଭ କରି ସାରିଥିଲା । ତେଣୁ ବାହାରକୁ ଯିବା ଅସମ୍ଭବ ହେବାରୁ ସେଠାରୁ ଫେରି ଆସିଥିଲେ ସେମାନେ । ଏକ ଟ୍ରକରେ ବସି ଫେରିବା ବାଟରେ ରାସ୍ତା ଧାରରେ ତାଙ୍କର ନଜର ପରିସର ମଧ୍ୟକୁ ପ୍ରବେଶ କଲା ଏଇ ମୋନାଲିସା । ଟ୍ରକ୍ ଚଳାଳୀକୁ ଟ୍ରକ୍ ଅଟକାଇବାକୁ କହିବାରୁ ଟ୍ରକଟି ଅଟକି ଥିଲା ଏବଂ ଟ୍ରକରୁ ଓହ୍ଲାଇ ଆସିଲେ ଚାରିଜଣଯାକ ମୋନାଲିସା ନିକଟକୁ ।

ଦିବ୍ୟା ଦ୍ୱିବେଦୀ ପଚାରିଲେ ମୋନାଲିସାକୁ । କ'ଣ ହୋଇଛି ମାଆ । ଏତେ ରାତିରେ ଏ ରାସ୍ତା କଡ଼ରେ ଠିଆହୋଇ କାନ୍ଦୁଛୁ କ'ଣ ପାଇଁ ? ମୋନାଲିସା ନିରୁତ୍ତର ଧକସକ ହୋଇ ତା'ର କାନ୍ଦିବାର ଗତି ଅବିରାମ । କିଛି ଉତ୍ତର ନ ପାଇବାରୁ ଦିବ୍ୟା ଦ୍ୱିବେଦୀଙ୍କ ଦ୍ୱିତୀୟ ପ୍ରଶ୍ନ କ'ଣ ହୋଇଛି କହ ? ତଥାପି ମିଳିଳାନି ଉତ୍ତର । ଆଶ୍ଚର୍ଯ୍ୟ ଦିବ୍ୟା ଦ୍ୱିବେଦୀ କିଛି କହୁନି କାନ୍ଦୁଛି ଖାଲି । ତାକୁ ଟିକେ ହଲେଇ ଦେଇ କଡ଼ା ସ୍ୱରରେ ପ୍ରଶ୍ନ କରିବାର ଅଭିପ୍ରାୟ ନେଇ ଉଦ୍ୟତ ହୁଅନ୍ତେ ବିଦ୍ୟୁତ୍ ଆଘାତ ପରି ଦୃତ ଗତିରେ ଫେରାଇ ଆଣିଲେ ହାତ, ସତେ ଅବା ହାତଟା ପୋଡ଼ିଗଲା ପରି ଲାଗିଲା । ସ୍ତମ୍ଭୀଭୂତ ହୋଇଗଲେ ଦିବ୍ୟା ଦ୍ୱିବେଦୀ । ଆଉ ଥରେ ଭଲ କରି ତା ଶରୀରରେ ହାତ ମାରି ଦେଖିଲେ ତାତିରେ ଖଇ ଫୁଟୁଛି । ଯାକୁ ତ ଭୀଷଣ ଜ୍ୱର । କିଛି ଆଉ ନ କହି ନିଜ ଘରକୁ ନେଇଗଲେ ଏବଂ ତା'ର ସେବାଯତ୍ନ ଓ ଚିକିତ୍ସା କରିବା ପରେ ଦୁଇ ତିନି ଦିନରେ ସୁସ୍ଥାବସ୍ଥାକୁ ଆସିବାରୁ ତାକୁ ସମସ୍ତ ଘଟଣା ପଚାରି ବୁଝିଲାପରେ ତାକୁ ତା' ଘରେ ପହଞ୍ଚାଇ ଦେବାକୁ କହିବାରୁ ମୋନାଲିସା ମନା କରିଛି ଘରକୁ ଯିବାକୁ । ତେଣୁ ତାକୁ ପାଖରେ ରଖିଲେ ଦିବ୍ୟା ଦ୍ୱିବେଦୀ ।

ଏମିତିରେ ବି ତାଙ୍କର କନ୍ୟା ସନ୍ତାନ ନଥିଲା, ଦୁଇଟି ପୁତ୍ର ସନ୍ତାନ କେବଳ । ବଡ଼ପୁଅ ବନ୍ଧୁ ଦ୍ୱିବେଦୀ ଓ ସାନ ପୁଅର ନାମ ସିନ୍ଧୁ ଦ୍ୱିବେଦୀ । ତେଣୁ ସେ ମୋନାଲିସାକୁ ନିଜର ଝିଅ ମାନି ନେଇ ଲାଳନ ପାଳନ କରିବା ସହ ତା' ପାଇଁ ବି ସମସ୍ତ ସୁବିଧା ସୁଯୋଗ ଯଥା ପାଠପଢ଼ା ଖିଆପିଆ, ପୋଷାକପତ୍ରିଦି ବିଧିବତ୍ ଯୋଗାଇ ଦେବା ସହ ସାନ ଝିଅ ମନେ କରି ଅତ୍ୟନ୍ତ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାରେ କେବେ ଅବହେଳା କରି ନାହାନ୍ତି । ଉଭୟ ବାପା ମାଆର ସ୍ନେହ ମମତା ଦେଇ ନିଜକୁ ଜଣେ ମହିୟସୀ ମାଆ ରୂପରେ ପରିଚିତ କରାଇ ପାରିଛନ୍ତି ଓ ନିଜର ମାନବିକତାକୁ ପ୍ରତିପାଦନ କରି ପାରିଛନ୍ତି ଲୋକ ମୁଖରେ । ଏକ ନିରାଶ୍ରୟା ଶିଶୁ କନ୍ୟାର ଆଶ୍ରୟବାଦୀ ହୋଇ ସେ ଯେଉଁ ମହାପୁଣ୍ୟ କରିଛନ୍ତି ତାହା ସତରେ ଜଣେ ନାରୀର ମହାମହିମ ମହନୀୟ ଗୁଣବତ୍ତା ନୁହେଁ କି ? ଏଥିରୁ ସ୍ପଷ୍ଟତା ଆସେ ସେ ଯେମିତି ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ସେମିତି ଜଣେ ମମତାମୟୀ ମାଆଟିଏ । ବାଲ୍ୟରୁ ବାପା ମାଆ ଛେଉଣ୍ଡ ମୋନାଲିସା ବି ତ ସ୍ନେହ କାଙ୍ଗାଳୀଟିଏ । ଦିବ୍ୟା ଦ୍ୱିବେଦୀଙ୍କ ପରି ଜଣେ ମାଆର ସ୍ନେହଭାଜନ ହୋଇ ସ୍ୱର୍ଗସୁଖ ପ୍ରାପ୍ତ କରିଲାପରି ମନେ କରୁଥିଲା । ମୋନାଲିସାର ମାଆ ଡାକରେ ମକରନ୍ଦ ପରିପୂର୍ଣ୍ଣ ଥିଲା ପରି ମନେ କରୁଥିଲେ ଦିବ୍ୟା ଦ୍ୱିବେଦୀ । ମୋନାଲିସା ପାଇଁ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲି ଅନେକ ଟଙ୍କା

ସଞ୍ଚୟ କରିଛନ୍ତି ତା' ପାଇଁ ଏବଂ ଏବେ ବି ସୁଦ୍ଧା ଜମା କରି ଚାଲିଛନ୍ତି । ଖାଲି ସେତିକି ନୁହେଁ ମୋନାଲିସା ଏବେ ଦିବ୍ୟା ଦ୍ୱିବେଦୀଙ୍କ ଅର୍ଦ୍ଧେକ ସମ୍ପଦର ମାଲିକ । ସତରେ କେଡ଼େ ମହାନ ଦିବ୍ୟା ଦ୍ୱିବେଦୀ ।

ମୋନାଲିସା ବହୁତ ଭଲ ପଢ଼େ । ରୂପରେ ଯେମିତି ଗୁଣରେ ସେମିତି, ସର୍ବଗୁଣ ସମ୍ପର୍ଣ୍ଣା । ଭଲ ନମ୍ବର ରଖି ଇଂଲିଶ୍ ମିଡ଼ିୟମ୍ ସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ଗୋଟିଏ ପରେ ଗୋଟିଏ ସୋପାନ ଡେଇଁ ବୋର୍ଡ଼ ପରୀକ୍ଷାରେ ଟପ୍ପର ହେଲାପରେ ଇଞ୍ଜିନିୟରିଂ ପାଠ ପଢ଼ିବା ଉଦ୍ଦେଶ୍ୟ ନେଇ ଦିଲ୍ଲୀ ଠାରୁ ବାର ଶହ କିଲୋମିଟର ଦୂର ଡେରାଡୁନ ଚାଲିଗଲା ମୋନାଲିସା । ସେତେବେଳକୁ ଦିବ୍ୟା ଦ୍ୱିବେଦୀଙ୍କର ଦୁଇପୁଅ ବନ୍ଧୁ ଓ ସିନ୍ଧୁଙ୍କର ଚାକିରି ହୋଇ ସାରିଥାଏ । ଜଣେ ଇସ୍ରାଏଲରେ ଓ ଅନ୍ୟ ପୁଅଟି କୁବେଦରେ । ଏତେ ଦୂରରେ ରହି ବି ଦିବ୍ୟା ଦ୍ୱିବେଦୀ ଛାୟା ପରି ମୋନାଲିସାର ପାଖେ ପାଖେ ରହିଥାନ୍ତି ଏବଂ ତା'ର ଯାବତୀୟ ଖର୍ଚ୍ଚ ତୁଲାନ୍ତି । ଝିଅ ପାଖରେ ତା'ର ବ୍ୟାଙ୍କର ଏ.ଟି.ଏମ କାର୍ଡ଼ । ନିହାତି ଦରକାର ବେଳେ ସେ ଟଙ୍କା ଉଠାଇ ବ୍ୟୟ କରିବ ।

ଏବେ ଛଅ ବର୍ଷ ତଳେ ବଡ଼ ପୁଅ ଓ ଚାରି ବର୍ଷ ହେବ ସାନ ପୁଅର ବିବାହ କାର୍ଯ୍ୟ ସରିଛି । ବଡ଼ ବୋହୂ ସାଧବାଣୀ ଓ ସାନ ବୋହୂର ନାମ ଝାନିଆଁ ଦୁଇ ବୋହୂ ବହୁତ ଆଦର କରନ୍ତି ନଣନ୍ଦ ମୋନାଲିସାକୁ । ଯେମିତି ସେମାନେ ନଣନ୍ଦ ଭାଉଜ ନୁହଁନ୍ତି ଉଭୟଙ୍କ ମଧ୍ୟରେ ମାଆ ଝିଅର ସମ୍ପର୍କ ସତେ । ଦିବ୍ୟା ଦ୍ୱିବେଦୀଙ୍କର ବି ଦୁଇଟି ନାତି ଆସି ଗଲେଣି । ବନ୍ଧୁ ଓ ସିନ୍ଧୁଙ୍କର ଗୋଟିଏ ଲେଖାଏଁ ପୁଅ । ବଡ଼ ନାତି ପୂଜନ ଓ ସାନ ନାତି ସ୍ୱପ୍ନ । ଦେଖିବାକୁ ଉଭୟେ ଗୋରା ଦକଦକ । ରାଜକୁମାର ପରି ଚେହେରା । ମୋନାଲିସାର ଇଂଜିନିୟରିଂ ପାଠ ପଢ଼ା ତିନି ବର୍ଷରୁ ଗୋଟିଏ ବର୍ଷ ବାକି । ମାଆ ଦିବ୍ୟା ଦ୍ୱିବେଦୀଙ୍କର ଇଚ୍ଛା ଏଇ ଇଂଜିନିୟରିଂ ପାଠ ପଢ଼ା ପରେ ତାର ବିବାହ କରାଇ ଦେବେ ଜଣେ ଯୋଗ୍ୟ ବରପାତ୍ର ଠିକ୍ କରି । ତାପରେ ସେ ପଢୁ ନପଢୁ ନତୁବା ଚାକିରି କରୁ । କାରଣ ଦିବ୍ୟା ଦ୍ୱିବେଦୀ ଜଣେ ହୃଦ୍‌ରୋଗୀ । କେତେବେଳେ କ'ଣ ହେବ ଠିକ୍ ଠିକଣା ନାହିଁ । ଏବେ ସେ ସ୍ୱେଚ୍ଛାକୃତ ଅବସର ପ୍ରାପ୍ତ ଏ.ଏସ୍. ଆଇ ପୋଲିସ ଅଫିସର ।

ସୋସିଆଲ ମିଡ଼ିଆ ମୁଖ୍ୟ ପୁସ୍ତକରେ ନାମ ପଞ୍ଜିକରଣ କରି ସାମିଲ ହୋଇଛି ସମସ୍ତଙ୍କ ସହ ଏବଂ ହିନ୍ଦୁ ସମାଜର ସୁରକ୍ଷା ତଥା ସନାତନ ଧର୍ମକୁ ଚିରଞ୍ଜିବୀ କରିବାକୁ ନାନାଦି ପ୍ରକାର ତଥ୍ୟ ଉପସ୍ଥାପନ ସହିତ ଅଣହିନ୍ଦୁ ମାନଙ୍କର ଅକଥନୀୟ ଅନ୍ୟାୟ ଅନୀତିର । ମୁଳୋତ୍ପୋଟନ ନିମନ୍ତେ ରଣରତ ଏବେ ମୋନାଲିସା । ସୃଷ୍ଟି କରି ଚାଲିଛି ଜନ ସଚେତନତା । ଏପରି ମହାନ କାର୍ଯ୍ୟ କେତେ ଜଣ ବା କରିପାରନ୍ତି । ଏପରି ଚରିତ୍ର ସଂସାରେ ଖୁବ୍ କମ୍ । ଏଯାବତ୍ କେହି ଜାଣି ନାହାନ୍ତି ଯେ ଦିବ୍ୟ ଦ୍ୱିବେଦୀଙ୍କର ପାଳିତା କନ୍ୟା ଏଇ ମୋନାଲିସା ସେ ବି କାହାକୁ କହିନି । ଯଦି ଜଣା ପଡ଼ିଯାଏ ତ ମୋନାଲିସାର ଜୀବନ ପ୍ରତି ବିପଦ ହିଁ ବିପଦ । ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ବୋଲି ତାଙ୍କର ଅନେକ ଶତ୍ରୁ । ସୋସିଆଲ ମିଡ଼ିଆରେ ପୁଅ ମାନଙ୍କ ସହ କଥା ହୁଏନା ମୋନାଲିସା ଝିଅମାନଙ୍କ ସହ କଥା ହୁଏ । ସମସ୍ତଙ୍କୁ ମାଆ ସମ୍ବୋଧନ କରେ । ମୋନାଲିସା ଖୋଜିବୁଲେ ଏକ ମମତାମୟୀ ମାଆର ମମତାକୁ । ମାଆ ରୂପରେ ଜଣେ ମହିୟସୀ ଦିବ୍ୟା ଦ୍ୱିବେଦୀଙ୍କୁ ପାଇ ଖୁସି ମୋନାଲିସା । ସୋସିଆଲ ମିଡ଼ିଆରେ ମୁଖ୍ୟ ପୁସ୍ତକରେ ମୋନାଲିସାର ଜଣେ ଅନ୍ତରଙ୍ଗ ବନ୍ଧୁର ସ୍ନେହ, ଶ୍ରଦ୍ଧା ପ୍ରାପ୍ତ କରି ସିଂଦେଓଙ୍କୁ ବି ମୋନାଲିସା ମାଆ ଡାକେ । ସର୍ଜିତା ସିଂ ଦେଓଙ୍କଠୁ ସେ ଏକାଧାରରେ ମାଆ, ବଡ଼ ଭଉଣୀ ଓ ବନ୍ଧୁର ସ୍ନେହ, ଶ୍ରଦ୍ଧା ପ୍ରାପ୍ତ କରି ପାରୁଥିଲା । ଦୀର୍ଘ ସମୟ ଧରି ମୋନାଲିସା ଓ ସର୍ଜିତା ସିଂଙ୍କ ଭିତରେ ବାର୍ତ୍ତାଳାପ ଚାଲେ । ମୋନାଲିସା ଜିଦ୍‌ଖୋର ଯଦିବା ସର୍ଜିତା ତା' ସହ କଥା ନହୁଅନ୍ତି ତେବେ ମୋନାଲିସା ରାଗି ଯାଇ ସର୍ଜିତାଙ୍କୁ ବ୍ଲକ କି ଅନଫ୍ରେଣ୍ଡ କରିଦିଏ । ପୁଣି ମନ ବୁଝିଗଲେ ଅନବ୍ଲକ କି ଫ୍ରେଣ୍ଡ ରିକ୍ୱେଷ୍ଟ ସେଣ୍ଡ କରେ । ମୋନାଲିସାର କ୍ରୋଧକୁ ଡରି ସର୍ଜିତା ତା ସହ ଘଣ୍ଟା ଘଣ୍ଟା ଧରି କଥା ହୁଅନ୍ତି ।

ମୋନାଲିସାର ଅନ୍ୟ ଏକ ଘନିଷ୍ଠ ବନ୍ଧୁ ହେଲେ ଜୁଲି ସିଂହ, ଶ୍ରଦ୍ଧା ନାମ ହେନା ଯାହାର ନିବାସ ସ୍ଥଳୀ କାଶ୍ମୀର । ସେ ମୁସଲିମ୍ ସମ୍ପ୍ରଦାୟର । ଯେତେବେଳେ କାଶ୍ମୀର ମାଟିରେ ହିନ୍ଦୁ ପଣ୍ଡିତମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିଲା, ସେତେବେଳେ ହେନାର ପିତା ହିନ୍ଦୁମାନଙ୍କର ପକ୍ଷପାତିତା କରୁଥିଲେ । ହିନ୍ଦୁମାନଙ୍କ ପ୍ରତି ମୁସଲିମ୍ ସମ୍ପ୍ରଦାୟର ଏଭଳି ଅମାନୁଷିକ ଅତ୍ୟାଚାର ଅସହ୍ୟବୋଧ ହେଉଥିଲା ହେନାର ପିତାଙ୍କୁ । ହିନ୍ଦୁମାନଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରିବାର ଫଳାଫଳ ସ୍ୱରୂପ ମିଳିଲା କାଶ୍ମୀର ମୁସଲିମ୍ ସମ୍ପ୍ରଦାୟଙ୍କ ଦ୍ୱାରା ଅତି ଅମାନୁଷିତ ଭାବେ ମୃତ୍ୟୁଦଣ୍ଡ ହେନାର ପିତାଙ୍କୁ । ସେତେବେଳେ ହେନା ଗର୍ଭସ୍ଥ ସନ୍ତାନ । ପତିଙ୍କ ହତ୍ୟା ପରେ

ଗର୍ଭବତୀ ମାଆ ନିଜର ଘର ସଂସାରର ମୋହମାୟା ତୁଟାଇ ସବୁକିଛିକୁ ଛିନ୍ନ କରି କିଛି ଦୂରକୁ ଆସିବାପରେ ଜଣେ ହିନ୍ଦୁ କ୍ଷତ୍ରୀୟ ପରିବାର ତାଙ୍କୁ ଆଶ୍ରୟ ଦେଲେ । କିଛିଦିନ ପରେ ହେନାର ଜନ୍ମ । ଏ ହେନା ନାମକରଣ ତା' ମାଆଙ୍କର ଏଠି କ୍ଷତ୍ରିୟ ପରିବାର ଅନୁସାରେ ନାମ ରଖାଗଲା ଜୁଲି ସିଂହ । ହେନାକୁ ଛଅମାସ ବୟସ ବେଳେ ତାଙ୍କ ମାଆଙ୍କ ଇହଲୀଳା ସମ୍ବରଣ । ଏମାନେ ହେନାକୁ ଲାଳନପାଳନ କଲେ । ଏବେ ଦୁଇବର୍ଷ ହେବ ଜଣେ ରାଜପୁତ କ୍ଷତ୍ରୀୟ ବଂଶର ପୁଅ ସହ ହେନା ଓରଫ୍ ଜୁଲି ସିଂହର ବିବାହ ହୋଇଛି । ସେ ଏବେ ଏକ କନ୍ୟା ସନ୍ତାନର ମାଆ ।

ସର୍ଜିତା ସିଂଦେଓ ଓ ମୋନାଲିସାର କ୍ଷୀର ନୀର ସମ୍ପର୍କ । କିଛିଦିନ ପରେ ସର୍ଜିତାର ବିବାହ ହୋଇଗଲା । ଫଳତଃ ସେ ଆଉ ବିଶେଷ ଭାବରେ ମୁଖ୍ୟ ପୁସ୍ତକରେ ସକ୍ରିୟ ରହି ପାରିଲାନାହିଁ । ଆଗପରି ମୋନାଲିସାକୁ ସମୟ ଦେଇ ପାରିଲାନି । ବହୁ ଭାଳି ହେଲା ସର୍ଜିତାକୁ । ମୋନାଲିସା ଅସହ୍ୟ କଷ୍ଟନୁଭବ କଲା । ଘନିଷ୍ଠ ସମ୍ପର୍କ ଦୂର ହେଲାଠୁ ବଡ଼ ଝଟକା ଲାଗିଲା ତାକୁ । ଦୁଇହଜାର ଅଠର ମସିହା ମାର୍ଚ୍ଚ ଛଅ ତାରିଖର କଥା ହଷ୍ଟେଲରେ ସବୁରି ଅନୁପସ୍ଥିତିର ସୁଯୋଗ ଉଣ୍ଡି ନିଜ ରୁମ୍‌ରେ କବାଟ ଦେଇ ଆତ୍ମହତ୍ୟାର ଉଦ୍ୟମ କରିଥିଲା ମୋନାଲିସା । ଅତି ଅମାନୁଷିକ ଭାବେ ଛୁରାରେ ନିଜ ଗଳା ନିଜେ କାଟି ପକାଇଲା । ସାଥୀସାଙ୍ଗମାନେ ସଂଗେ ସଂଗେ ନେଇଗଲେ ନିକଟସ୍ଥ ହାସପାତାଳକୁ ଏବଂ ମୋନାଲିସାର ଫୋନରୁ ନମ୍ବର କାଢ଼ି ଦିବ୍ୟା ଦ୍ୱିବେଦୀ ଓ ତାଙ୍କ ସର୍ମ୍ପକୀୟମାନଙ୍କୁ ଜଣାଇବାରୁ ସମସ୍ତେ ଆସି ହାସପାତାଳରେ ମୋନାଲିସା ପାଖରେ ପହଞ୍ଚିଲେ । ସବୁରି ଆଖିରେ ଲୁହର ବନ୍ୟା । ସାଙ୍ଗ ସାଥୀ ସର୍ମ୍ପକୀୟ ଏମିତି କି ହସ୍ପିଟାଲ ବେଡ଼ ଆଡ଼ମିଟ୍ ଥିବା ରୋଗୀମାନଙ୍କ ସହ ଡାକ୍ତର ନର୍ସ ଆଉ କମ୍ପାଉଣ୍ଡର ମାନେ ବି ମୋନାଲିସାର ଆଶୁ ଆରୋଗ୍ୟ କାମନା ପୂର୍ବକ ଭଗବାନଙ୍କ ନିକଟରେ ପ୍ରାର୍ଥନା ବାଢୁଥିଲେ ।

କିଛିଦିନ ହାସପାତାଳର ଚାରିକାନ୍ଥ ଭିତରେ ଆବଦ୍ଧ ରିହବା ପରେ ହାସପାତାଳ ଛାଡ଼ିଲା ମୋନାଲିସା । ସମ୍ପୂର୍ଣ୍ଣ ସୁସ୍ଥ ନହେଲେ ବି ଆସନ୍ନ ମୃତ୍ୟୁରୁ ବର୍ତ୍ତି ଯାଇଛି ସେ । କିନ୍ତୁ ହରାଇ ବସିଲା ତାର ବାକ୍ ଶକ୍ତି । ମୂକ ପାଲଟିଗଲା ମୋନାଲିସା । ଏଯାଏ ଖାଇ ପାରୁନି ଭାତ । ପାଉଁରୁଟି କ୍ଷୀର, ଛତୁଆ, ବିସ୍କୁଟ ଓ ହର୍ଲିକ୍ସରେ ତା ଜୀବନ ରହିଛି । ଏବେ ଏବେ କ୍ଷୀରରେ ବତୁରେଇ ଟିକେ ଟିକେ ରୋଟି ଖାଉଛି । ସମସ୍ତ ପ୍ରଚେଷ୍ଟା ଜାରି ରହିଛି ଡାକ୍ତରଙ୍କର କିନ୍ତୁ ମୋନାଲିସା କେବେ ସୁସ୍ଥ ହେବ କହିପାରୁ ନାହାନ୍ତି ।

ଏତିକି କଥାବାର୍ତ୍ତା ପରେ ଫୋନଟା କଟିଗଲା । ପୁନରାୟ ଫୋନ୍ ଲଗାଇ ପଚାରିଲି କଲ୍ କଟିଗଲା ଯେ? ସୀମା କହିଲେ ଏକ ଘଣ୍ଟା ପରେ କଟିଯାଏ । ଏକଥା ମୁଁ ଜାଣି ନଥିଲି । ତୁମେ କେମିତି ଏ କାହାଣୀ ଜାଣିଲ ପଚାରିବାରୁ ସୀମା କହିଲେ ସେ ମୋର ମୁଖ ପୁସ୍ତକରେ ବନ୍ଧୁ ଅଛି ଓ ମୁଁ ତା ସହ କଥା ହେଇଛି ଆଉ ଏବେ ବି ହେଉଛି । ତାଙ୍କ ମାଆଙ୍କ ସହ କଥା ହୋଇ ମୁଁ ଜାଣିଲି ସେ କେତେ ସ୍ନେହୀ ଓ ମମତାମୟୀ । ଯେତେବେଳେ ମୋନାଲିସା ସହ ସୀମାଙ୍କ ବନ୍ଧୁତ୍ୱ ହେଲା ସେତେବେଳେ ମୋନାଲିସା ତାଙ୍କୁ ଜିଜି ଡାକୁଥିଲା । ଜିଜିରୁ ଜିଜି ମାଆ ଓ ଜିଜି ମାଆରୁ ମାଆ ବୋଲି ଡାକିଲା । କାରଣ ମୋନାଲିସା ଭାବିଥିଲା ସୀମା ବିବାହିତ । ସୀମା କିନ୍ତୁ ମୋନାଲିସାକୁ ଲାଡ଼ୋ ଡାକୁଥିଲା ଯାହାର ଓଡ଼ିଆ ଅର୍ଥ ଗେହ୍ଲି । ଦିନେ ସୀମାଙ୍କୁ ଫଟୋ ମାଗି ଦେଖେ ତ ଆଶ୍ଚର୍ଯ୍ୟ ହୋଇଯାଏ ମୋନାଲିସା । ସେ ଭାବିଲା ଏ ଫଟୋ ସୀମାଙ୍କ ଝିଅର ଫଟୋ । ପଚାରିବାରୁ ସୀମା କହିଲେ ଏ ମୋ ଫଟୋ । ସୀମା ପ୍ରଶ୍ନ କଲେ ଏବେ କ'ଣ ଡାକିବ ଜିଜି ନା ମାଆ । ମୋନାଲିସା କହିଲେ ମା' । ସେହିଦିନଠୁ ସୀମା ଓ ମୋନାଲିସାର ସମ୍ପର୍କ ଘନିଷ୍ଠ ।

ଏ କାହାଣୀଟି ଶୁଣି ସାରିବା ପରେ ବିସ୍ମୟାଭିଭୂତ ମୁଁ । ଏକ ବାସ୍ତବ ଘଟଣାକୁ କାହାଣୀ କରି ସଜେଇବା ପାଇଁ ଭଲ ବିଷୟବସ୍ତୁ ପ୍ରାପ୍ତ କଲି ଜାଣି ମୋ ଖୁସି କହିଲେ ନସରେ । ଯେତିକି ଖୁସି ନଥିଲି ଢ଼େର ବେଶୀ ଦୁଃଖୀ ଥିଲି ଏ କାହାଣୀଟି ଶୁଣିବା ପରେ । ମୋ ଅଜାଣତେ ମୋ ଆଖିରେ ଚାଲି ଆସିଥିଲା ବୁନ୍ଦା ବୁନ୍ଦା ଲବଣାକ୍ତ ନୀର ବିନ୍ଦୁ । ସେ ନୀର ବିନ୍ଦୁ ନିର୍ଝରର ରୂପ ନେଇ କେତେବେଳେ ମୋ ଗାଲର ଦୁଇ ଧାରରେ ସରଳରେଖା ଟାଣି ଭୂଇଁରେ ଖସି ପଡ଼ିଛି ମୁଁ ଜାଣିନି । ବହୁତ ସମୟର ଆଳାପରେ ପୂର୍ଣ୍ଣଚ୍ଛେଦ ପକାଇ କିଛି ନଖାଇ ମସିଣା ପାରି ମାଣ୍ଡସହ ମଣ୍ଡର ସମ୍ପର୍କ ଯୋଡ଼ି ଅବଶ ଶରୀରଟାକୁ ଗଡ଼େଇ ଦେଇ ଭାବନା ଭୁବନର ଭ୍ରମଣରେ ବାହାରି ପଡ଼ିଲି । ଏତେ ବଡ଼ ଘଟଣାଟି କିପରି ଏକ ଛୋଟ କାହାଣୀ ହୋଇ ପାରିବ ବୋଲି ଚିନ୍ତା କରୁ କୁର ରାତିର ବୟସ ଖସିବାକୁ ବସିଲାଣି ମୋର ଲିହାଜ୍ ନାହିଁ । ବୋଉ ଆସି ମତେ କହିଲା – ଏତେ ରାତି ହେଲାଣି ତୁ ଆହୁର ଚେଇଁଛୁ; ଶୋଇନୁ? ବୋଉ ଡାକରେ ପ୍ରକୃତିସ୍ଥ ହୋଇ ଉଠି

ବସିଲି । ମୋବାଇଲ ଦେଖେ ତ ଆଶ୍ଚର୍ଯ୍ୟ ମୁଁ । ରାତି ତିନିଟା ବାଜି ସତେଇଶି ମିନିଟ୍ ହେବାକୁ ଯାଉଛି ।

ଏ କାହାଣୀ ଲେଖିବାର ଭାବନା ନେଇ ନିଦ ନ ଆସିଲେ ବି ମାଡ଼ି ମକଚି ହୋଇ ଶୋଇବାର ପ୍ରୟାସ କରିବାପରେ କେତେବେଳେ ନିଦ୍ରାବତୀଙ୍କ ହାତ ଆଉଁସା ପାଇ ତାଙ୍କ କୋଳମଣ୍ଡନ କରି ନେଇଛି ସେକଥାରେ ବି ମୁଁ ଅଜ୍ଞ । ନିଦ୍ରାବତୀ ଫେରିଗଲା ବେଳକୁ ସକାଳ ଆଠଟା ପନ୍ଦର ମୁହଁ ହାତ ଧୋଇ କାହାଣୀ ରଚନାରେ ଧ୍ୟାନ ନିବେଶ କଲି । ଦୁଇ ଦିନର ଶ୍ରମ ବ୍ୟୟରେ ନିର୍ମାଣିଲି ବାସ୍ତବ ଘଟଣାର ଝାଟିମାଟିର କାହାଣୀ କୁଟୀରଟିଏ । ଜାଣିନି ଏ କାହାଣୀଟି ପାଠକଙ୍କ ହୃଦୟର କେଉଁ ଏକ ନିର୍ଭୃତ କୋଣରେ ସଞ୍ଚିତ ହେଇ କାଳଜୟୀ ହେବ ନା ପାଣି ଫୋଟକା ପରି କେଇ କ୍ଷଣରେ ମିଳେଇ ଯିବ । ଯଦି ଏ କାହାଣୀଟିରୁ ପାଠକମାନେ କିଛି ଶିକ୍ଷା ପ୍ରାପ୍ତ କରି ପାରିଲେ ଓ ନାରୀର ମହନୀୟ ଗୁଣବତ୍ତାକୁ ଉପଲବ୍ଧ କରିପାରିଲେ ତେବେ ମୋ ଶ୍ରମ ଓ ସାଧନା ସାର୍ଥକ ହେଲା ବୋଲି ଜାଣିବି । ଏଇ ଆଶା ଆକାଂକ୍ଷାର ଭୋକିଲା ମଣିଷ, ଏକ ଅଣୁ ଲେଖକ ଏବଂ ଆପଣମାନଙ୍କ ଆଦରଣୀୟ ବନ୍ଧୁ ଓ ଶିବ ପ୍ରସାଦ ବାହିନୀପତି ଆପଣଙ୍କ ସ୍ନେହ ଶ୍ରଦ୍ଧା ଓ ଭଲପାଇବାର ସୁଚିନ୍ତିତ ମତାମତ ପ୍ରତୀକ୍ଷାରେ ।

ସଂପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ ।

**ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ**
**ଲେଖକ - ଡଃ ନାରାୟଣ ମହାନ୍ତି**
**ପ୍ରାପ୍ତି**
**କିତାବ ମହଲ, କଲେଜ ଛକ**
**କଟକ - ୭୫୩୦୦୩**
**ଫୋନ୍ - ୦୬୭୧-୨୫୪୮୩୦୧**


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE

# IBM'S






**BANK** PO/CLERK | **SSC** +2/GRADUATE | **RLY** Tech./Non Tech. | **OAS BED**

## CALCULATE 763X592 IN SECONDS

Charge your Brain
With the power of VEDIC MATHS.

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

ନୂତନ ସୂର୍ଯ୍ୟାଲୋକର ଆହ୍ବାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ବାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ବ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ବର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ